Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଶ୍ରୀମନ୍ଦିର ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଗଜାନନ ବେଶ

ପବିତ୍ର ରଜ ଉତ୍ସବ ଉପଲକ୍ଷେ ପାଠକପାଠିକା, ବିଜ୍ଞାପନଦାତା, ସମ୍ବାଦଦାତା ତଥା ଶୁଭେଚ୍ଛୁମାନଙ୍କୁ 'ଏକମାତ୍ର'ର ଶୁଭକାମନା।

ବର୍ଷ-୧ ସଂଖ୍ୟା-୨୨ ୧୨ - ୧୮ ଜୁନ, ୨୦୧୭ ଭୁବନେଶ୍ୱର • Monday Weekly • VOL-1 ISSUE-22 12th-18th June, 2017 BHUBANESWAR ₹ 5/- (8 Pages)

### ଚୋର, ପାଳଗଦା ଓ ମହାନଦୀ ରାଜନୀତି

## ବିଜେଡିକୁ କାଳ ବିଜେପି !





**ଭୁବନେଶ୍ୱର :** ରାଜ୍ୟ ଶାସନ କ୍ଷମତାକୁ ଦୀର୍ଘବର୍ଷ ହେବ ବିଜୁ ଜନତା ଦଳ ହାତରେ ରଖିଥିଲା ବେଳେ ଏବେ ଓଡ଼ିଶା ବିଜେପିର ଉତ୍ଥାନ ବିଜେଡି ପାଇଁ କାଳ ହେଉଛି। ଭାରତୀୟ ଜନତା ପାର୍ଟିର ମୁକାବିଲା ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେତେ ଯେତେ ଫର୍ମୁଲା ଆପଣାଉଛନ୍ତି ନିଜ ଦଳ ଭିତରୁ ସେତେସେତେ ବିଦ୍ରୋହର ସ୍ୱର ଶୁଭୁଛି। ଯାହାଫଳରେ ବିଜେଡିର ଭିତିରି କଥା ହାଟରେ ପଡି ଦାଣ୍ଡରେ ଗଡୁଛି। ବିଜେଡି ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଅଣ୍ଡାମାଡ଼ ଘଟଣାର ଅବସାନ ନଘଟୁଣୁ ସାଂସଦ ତଥାଗତ ଶତପଥୀ ହିନ୍ଦୋଳ ଠାରେ ପୌଷ ମହୋତ୍ସବରେ ଯୋଗଦେଇ ନିକଟରେ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିବା ପାଞ୍ଚଜଣ ମନ୍ତ୍ରୀଙ୍କ ଉପରେ ବର୍ଷିବା ସହ ଦଳ ଭିତରେ 'ଚୋର' ଥିବା କଥା କହିଛନ୍ତି। ଏହି 'ଚୋର'ଙ୍କ ମଧ୍ୟରୁ ୫ 'ଚୋର'ଙ୍କୁ ମୁଖ୍ୟମନ୍ତ୍ରୀ ବିଦା କରିଥିବା ବେଳେ ଆଉ କିଛି 'ଚୋର' ରହିଯାଇଥିବା ମଧ୍ୟ କହିଥିଲେ। ଜଣେ ପୂର୍ବତନ ମନ୍ତ୍ରୀଙ୍କ ନାଁ ନେଇ କହିବା ସହିତ ତଥାଗତ କହିଥିଲେ ଯେ ଅନ୍ୟ ଚାରିଜଣଙ୍କୁ ଆପଣମାନେ ଜାଣନ୍ତି। ଦଳୀୟ କର୍ମୀଙ୍କ ସାମ୍ନାରେ ସାଂସଦଙ୍କ ଏଭଳି ବକ୍ତବ୍ୟ ଦଳ ତଥା ରାଜ୍ୟ ରାଜନୀତିକୁ ହଲଚଲ କରିଦେଇଛି। କିନ୍ତୁ ଏହି ପ୍ରସଙ୍ଗରେ ସମାଲୋଚିତ ହେବା ପରେ ଢେଙ୍କାନାଳ ସାଂସଦ ଟ୍ୱିଟ୍‌ରରେ ଦୁଃଖ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି ଯେ ଏହା ହାବଭାବଜନିତ ତ୍ରୁଟି ଏବଂ ଏହାକୁ ସୁଧାରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହେଲେ 'ଚୋର' ମନ୍ତବ୍ୟରୁ ଫାଇଦା ଉଠାଇବା ଲକ୍ଷ୍ୟରେ ବିଜେପି ଓ କଂଗ୍ରେସ ବିଜେଡିକୁ ନିନ୍ଦିତ କରିବାର ଚେଷ୍ଟା ଆରମ୍ଭ କରିଛି। ହେଲେ ଏହି 'ଚୋର' ଶବ୍ଦ ପାଇଁ ପ୍ରତିକ୍ରିୟା ଦେବାକୁ ଯାଇ ବରିଷ୍ଠ ବିଜେଡି ନେତା ତଥା ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସଙ୍କୁ 'ପାଳଗଦା'ରେ ଚଢ଼ିଥିବା ନେତା ବୋଲି ଆକ୍ଷେପ କରିଛନ୍ତି। ଠିକ୍ ଏତିକି ବେଳେ ଏକ ଜାତୀୟ ଗଣମାଧ୍ୟମରେ ସାଂସଦ ବୈଜୟନ୍ତ ପଣ୍ଡା ପଦ୍ମ ଦଳର ନିକଟତର ହେଉଥିବା ଖବର ବିଜେଡିକୁ ପୁଣିଥରେ ଅଡୁଆରେ ପକାଇଛି। ଏଭଳି ସ୍ଥିତିରେ ବିଜେଡି ସୁପ୍ରିମୋ ବିରୋଧୀଙ୍କ ପକ୍ଷ ଛେଦନ କରିବେ ନା ପ୍ରଥମେ ➤ ପୃ-୭

## ବିଳମ୍ବ ହେଉଛି ମୌସୁମି

### ରାଜ୍ୟରେ ଲଘୁଚାପ ବର୍ଷା



**ଭୁବନେଶ୍ୱର :** ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଓଡ଼ିଶାକୁ ଜୁନ୍ ପ୍ରଥମ ସପ୍ତାହରେ ମୌସୁମି ଛୁଇଁବା କଥା। ହେଲେ ଏଯାଏ ରାଜ୍ୟରେ ମୌସୁମି ବର୍ଷା ଆରମ୍ଭ ହୋଇନାହିଁ। କିନ୍ତୁ ଘୂର୍ଣ୍ଣିବଳୟ ଲଘୁଚାପ ରୂପ ନେବାରୁ ରାଜ୍ୟରେ ପାଗ ବଦଳିବା ସହିତ ବର୍ଷା ଆରମ୍ଭ ହୋଇଛି। ହେଲେ ମୌସୁମି ଆଗମନର ଅପେକ୍ଷା ସରିନାହିଁ। ଏହା ଆହୁରି ଦୁଇ ତିନିଦିନ ବିଳମ୍ବରେ ଓଡ଼ିଶା ଛୁଇଁବ ବୋଲି ଏବେ ପାଣିପାଗ ବିଭାଗ କହିଛି। ଲଘୁଚାପଜନିତ ବର୍ଷା ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବରେ ରହିବା ପୂର୍ବାନୁମାନ କରାଯାଇଛି। ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ତାତି ହ୍ରାସ ପାଇଥିବା ଜଣାପଡିଛି। ହେଲେ ଟିଟିଲାଗଡ଼ର ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହିଥିବା ବେଳେ ରାଜ୍ୟର ପ୍ରାୟ ସବୁସ୍ଥାନରେ ତାପମାତ୍ରା ୪୦ ତଳକୁ ଖସିଛି। ଉପକୂଳ ଓଡ଼ିଶା ସହ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ। ତେବେ ଏହି ବର୍ଷାକୁ ମୌସୁମି ବର୍ଷା କୁହାଯିବ କି ନାହିଁ ତାହା ସ୍ପଷ୍ଟ ନୁହେଁ। ରାଜ୍ୟ ପାଣିପାଗ କେନ୍ଦ୍ର ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱର ଓ ସମ୍ବଲପୁରର ତାପମାତ୍ରା ୩୮ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି କଟକର ତାପମାତ୍ରା ୩୬ ଡ଼ିଗ୍ରୀ ରହିଛି। ଅନ୍ୟାନ୍ୟ ସହରର ତାପମାତ୍ରା ଯଥେଷ୍ଟହ୍ରାସ ପାଇଛି । ସେହିପରି ଭୁବନେଶ୍ୱର, ସମ୍ବଲପୁର, ଫୁଲବାଣୀ, ସୋନପୁର, ଚାନ୍ଦବାଲି ଓ ଦାରିଙ୍ଗିବାଡ଼ି ଅଞ୍ଚଳରେ କିଛି ପରିମାଣରେ ବର୍ଷା ହୋଇଛି। ➤ ପୃ-୭

### ଜୁଲାଇ ୧୭ରେ ରାଷ୍ଟ୍ରପତି ନିର୍ବାଚନ

## ପ୍ରଣବଙ୍କ ପରେ କାହାପାଳି ?



**ନୂଆଦିଲ୍ଲୀ :** ଜୁଲାଇରେ ରାଷ୍ଟ୍ରପତି ନିର୍ବାଚନପାଇଁ ତାରିଖ ଘୋଷଣା ହୋଇଛି। ଏହାସହ ଏନେଇ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି ନିର୍ବାଚନ କମିଶନ। ଜୁଲାଇ ୧୭ରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଏନେଇ ଜୁନ୍ ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଜୁନ୍ ୨୮ରେ ନାମାଙ୍କନପତ୍ର ଦାଖଲ କରାଯିବ। ଜୁନ୍ ୨୯ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ଜୁଲାଇ ୧ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବାକୁ ନିର୍ବାଚନ ଆୟୋଗ ତାରିଖ ଧାର୍ଯ୍ୟ କରିଛନ୍ତି। ପ୍ରାର୍ଥୀମାନଙ୍କ ପାଇଁ ୧୫ ହଜାର ଟଙ୍କା ଅମାନତ ରାଶି ରଖାଯାଇଛି। ଜୁଲାଇ ୧ ସୁଦ୍ଧା ନାମଙ୍କନପତ୍ର ପ୍ରତ୍ୟାହାର କରାଯିବ। ଗୋପନ ବାଲଟରେ ମତଦାନ ହେବ। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସଂସଦ ଭବନ ଏବଂ ରାଜ୍ୟ ବିଧାନସଭା ପରିସରରେ ଭୋଟ ଗ୍ରହଣ କରାଯିବ। ➤ ପୃ-୭

### ମାଓ ଦମନ ପାଇଁ 'ଅପରେସନ ସମାଧାନ'

## ମୁକାବିଲା କରିବ ରୋବର୍ଟ



**ମାଲକାନଗିରି :** ମାଓବାଦୀଙ୍କୁ ଦମନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ଯୋଜନା ପରେ ପୁଣି ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଚିନ୍ତା କରିଛନ୍ତି । ଏହାର ନାମ ରଖାଯାଇଛି 'ଅପରେସନ ସମାଧାନ' । ଏହି ଯୋଜନାରେ ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ସହ ମୁକାବିଲା କରିବ ରୋବଟ୍ । ମାଓବାଦୀଙ୍କ ଲ୍ୟାଣ୍ଡମାଇନକୁ ଠାବ କରିବା ସହ ସେଗୁଡିକ ନିଷ୍କ୍ରିୟ ମଧ୍ୟ କରିବ 'ରୋବୋ କପ୍' । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅନୁମୋଦନକ୍ରମେ ମୁମ୍ବାଇ ଆଇ.ଆଇ.ଟିର ଛାତ୍ରଛାତ୍ରୀମାନେ ଏହି ରୋବଟକୁ ଡିଜାଇନ କରିଥିବା ବେଳେ ହାଇଦ୍ରାବାଦସ୍ଥିତ ପୁଲିସ ତାଲିମ କେନ୍ଦ୍ରରେ ଏହାର ପରୀକ୍ଷଣ କରାଯାଉଥିବା ଜଣାପଡିଛି । ଖୁବଶୀଘ୍ର ଏହି ଯନ୍ତ୍ର ଚାଳିତ ଯବାନମାନଙ୍କୁ ଛତିଶଗଡ଼ର ବସ୍ତର ଅଞ୍ଚଳ ସମେତ ଓଡିଶାର ମାଲକାନଗିରି ଓ ଆନ୍ଧ୍ରର ବିଭିନ୍ନ ମାଓ ଉପଦ୍ରୁତ ଅଞ୍ଚଳରେ ମୁତୟନ କରାଯିବ ବୋଲି ଜଣାପଡିଛି । ଛତିଶଗଡ଼ ବୁର୍କାପାଲ ମାଓ ଆକ୍ରମଣ ଘଟଣା ପରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ମାଓ ଦମନ ଲାଗି ୮ ସୂତ୍ରୀୟ ସମାଧାନ ଡକଟ୍ରିନ୍ ଆରମ୍ଭ କରାଯାଇଥିବାବେଳେ ଏବେ ସମାଧାନ ଯୋଜନାରେ ବୈଷୟିକ ଜ୍ଞାନକୌଶଳ ଉପରେ ଅଧିକ ଗୁରୁତ୍ୱ ଦେଉଛି କେନ୍ଦ୍ର ଗୃହ ମନ୍ତ୍ରାଳୟ । ମାଓବାଦୀଙ୍କ ସହ ଲଢ଼େଇ କରିବ ରୋବଟ । ଘଞ୍ଚ ଜଙ୍ଗଲ ଭିତରେ ମାଓବାଦୀଙ୍କ ଉପସ୍ଥିତ ଜଣାଇବ ରୋବୋ କପ୍ । ➤ ପୃ-୭

### ପ୍ୟାନ୍ ସହ ଆଧାର ଲିଙ୍କ୍ ନୂଆ ବ୍ୟବସ୍ଥା ପ୍ରସ୍ତାବ

## କାର୍ଯ୍ୟକାରିତାରେ ଆଂଶିକ ରୋକ୍



**ନୂଆଦିଲ୍ଲୀ :** ପର୍ମାନେଣ୍ଟ୍ ଆକାଉଣ୍ଟ୍ ନମ୍ବର (ପ୍ୟାନ୍) ସହ ଆଧାର ନମ୍ବର ଲିଙ୍କ୍ କରିବା ବାଧ୍ୟତାମୂଳକ ବୋଲି ଆୟକର ବିଭାଗ ଆଇନରେ ନୂଆ ବ୍ୟବସ୍ଥାକୁ ସୁପ୍ରିମକୋର୍ଟ କାଏମ୍ ରଖିଥିଲା ବେଳେ ଏହାର କାର୍ଯ୍ୟକାରିତା ଉପରେ ଆଂଶିକ ରୋକ୍ ଲଗାଇଛନ୍ତି। ଅର୍ଥାତ୍ ଯେଉଁମାନଙ୍କର ଆଧାର ନମ୍ବର ଅଛି, ସେମାନେ ଆୟକର ରିଟର୍ଣ୍ଣ ଫାଇଲ୍ କରିବା ନିମନ୍ତେ ପ୍ୟାନ୍ ସହ ଆଧାର ନମ୍ବର ଲିଙ୍କ୍ କରିବା ଉଚିତ୍। କିନ୍ତୁ ଯେଉଁମାନଙ୍କର ଆଧାର କାର୍ଡ ନାହିଁ, ସେମାନଙ୍କ ପାଇଁ ଏହା ବାଧ୍ୟତାମୂଳକ ହେବ ନାହିଁ। ବିଚାରପତି ଏକେ ସିକ୍ରି ଓ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆୟକର ଅଧିନିୟମର ଏହି ନୂଆ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଆଗତ ଏକ ଆବେଦନ ଉପରେ ଏହି ରାୟ ପ୍ରଦାନ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଏ ସଂକ୍ରାନ୍ତରେ ପାର୍ଲାମେଣ୍ଟ ଉପଯୁକ୍ତ ଆଇନ ପ୍ରଣୟନ କରିଛନ୍ତି। ଏହାକୁ କୋର୍ଟ ନିର୍ଦ୍ଦେଶ ଦ୍ୱାରା ପରିବର୍ତ୍ତନ କରିବା ଠିକ୍ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଏହି ନୂଆ ନିୟମ ଅନୁଯାୟୀ ଆସନ୍ତା ଜୁଲାଇ ୧ ତାରିଖରୁ ଆୟକର ରିଟର୍ଣ୍ଣ ଓ ନୂଆ ପ୍ୟାନ୍ ଇସ୍ୟୁ କରିବା ପାଇଁ ଆଧାର ନମ୍ବରକୁ ବାଧତାମୂଳକ କରାଯାଇଥିଲା। ଏହି ମାମଲାରେ ସୁପ୍ରିମକୋର୍ଟ ଗତ ମେ' ୪ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆୟକର ଅଧିନିୟମର ➤ ପୃ-୭

## ୨୦୨୫ ସୁଦ୍ଧା ୩୦ଲକ୍ଷ ନିଯୁକ୍ତି : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକାରିଣୀ ଓ ପ୍ରଶିକ୍ଷଣ ଶିବିରରେ ୧୨ଟି ବିଷୟରେ ପ୍ରଶିକ୍ଷିତ କରାଯାଇଥିଲା। ଯଥା- ସ୍ୱାଧୀନତା ଆନ୍ଦୋଳନରେ ଛାତ୍ର ରାଜନୀତି, ସ୍ୱାଧୀନତା ଆନ୍ଦୋଳନ ପରଠାରୁ ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ ଛାତ୍ର ରାଜନୀତିର ଭୂମିକା, ୧୯୭୭ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଛାତ୍ର ରାଜନୀତି, ୨୦୦୦ରୁ ୨୦୧୭ ମସିହା ପର୍ଯ୍ୟନ୍ତ ଛାତ୍ର ରାଜନୀତି, ଛାତ୍ର ଓ ସମାଜସେବା, ଛାତ୍ର ଅବସ୍ଥାରେ ବିଜୁ, ନବୀନ ପଟ୍ଟନାୟକଙ୍କ ସରକାରରେ ଛାତ୍ର କଲ୍ୟାଣକାରୀ କାର୍ଯ୍ୟକ୍ରମ, କେନ୍ଦ୍ର ସରକାରଙ୍କ ଶିକ୍ଷା ବିରୋଧୀ ନୀତି, ସୋସିଆଲ୍ ମିଡିଆର ବ୍ୟବହାର କରିବା ଓ ଅପ-ବ୍ୟବହାରକୁ ରୋକିବା, ମିଡିଆ ସଂପର୍କ, ଶିକ୍ଷା-ଶିକ୍ଷାୟତନ-ଶିକ୍ଷକ ଓ ଛାତ୍ର ସଂପର୍କ ଏବଂ ବିଜୁ ଛାତ୍ର ଜନତା ଦଳ ଅନ୍ୟ ଛାତ୍ର ସଂଗଠନମାନଙ୍କ ଠାରୁ ଭିନ୍ନ ଓ ଅନନ୍ୟ। ଏହି ବିଷୟଗୁଡିକୁ ଉପସ୍ଥାପିତ କରିଥିଲେ ବିଶ୍ୱପ୍ରତାପ ସାହୁ, ପବିତ୍ର ମହାପାତ୍ର, ସ୍ଥିତପ୍ରଜ୍ଞ ଦାଶ, ଶ୍ରୀଚନ୍ଦନ ପାତ୍ର, ଦୀନବନ୍ଧୁ ପତି, ➤ ପୃ-୭



ପବିତ୍ର ରଜ ସଂକ୍ରାନ୍ତି ଓ ରଜପର୍ବ ଅବସରରେ କେନ୍ଦୁଝର ଜିଲ୍ଲା, ରାଜ୍ୟ ଓ ଦେଶବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। କଲ୍ୟାଣମୟୀ ମା' ଜଗତ୍ ଜନନୀ ସବୁରି ମନରେ ସୁଖ ଓ ଶାନ୍ତ ଭରିଦିଅନ୍ତୁ। ମା' ଜଗତ୍ ଜନନୀଙ୍କ ନିକଟରେ ମୋର ପ୍ରାର୍ଥନା।



ସନାତନ ମହାକୁଡ଼
ମ୍ୟାନେଜିଂ ପାର୍ଟନର
ଜଗତ୍ ଜନନୀ ସର୍ଭିସେସ୍
ନଗିରା,ବାମେବାରୀ
କେନ୍ଦୁଝର

## ବ୍ରିଟେନ୍‌ରେ ଝୁଲା ପାର୍ଲାମେଣ୍ଟ



**ଲଣ୍ଡନ :** ବ୍ରିଟେନ ସାଧାରଣ ନିର୍ବାଚନରେ ଶାସକ କଞ୍ଜରଭେଟିଭ୍ ପାର୍ଟିକୁ ବଡ଼ ଧରଣର ଧକ୍କା ଲାଗିଛି। ଦୀର୍ଘ ବର୍ଷ ପରେ ବ୍ରିଟେନ୍‌ରେ ଏକ ଝୁଲା ପାର୍ଲାମେଣ୍ଟ ହୋଇଛି। ପାର୍ଲାମେଣ୍ଟରେ ସଂଖ୍ୟା ଗରିଷ୍ଠତା ହାସଲ ପାଇଁ ୩୨୬ ଆସନରେ ବିଜୟ ଲାଭ କରିବାକୁ ଥିବାବେଳେ ଏହା ୩୧୯ରେ ସୀମିତ ରହିଛି। ବିରୋଧୀ ଲେବର ପାର୍ଟିକୁ ମିଳିଛି ୨୧୬ ଆସନ। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ତଥା କଞ୍ଜରଭେଟିଭ୍ ପାର୍ଟି ନେତ୍ରୀ ତେରେସା ମେ ଅନ୍ୟ ଦଳଙ୍କ ସହଯୋଗରେ ସରକାର ଗଠନ କରିବେ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷରେ ଲେବର ପାର୍ଟି ନେତା ଜେରେମି କର୍ବିନ୍ ଭୋଟରଙ୍କ ➤ ପୃ-୭



## କେମିତି କଟିବ ଏ ସପ୍ତାହ

ସୋମବାରଠାରୁ ରବିବାର କର୍ମରେ ଆନନ୍ଦ, ପରୀକ୍ଷାରେ ସଫଳତା, ସୁଖାଦ୍ୟ, ସର୍ବକାର୍ଯ୍ୟରେ ଶୁଭ ଫଳାଫଳ ମିଳିବ। ଦୂରଯାତ୍ରା ଗମନ କରିପାରନ୍ତି। ଗୃହିଣୀମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ। ସପ୍ତାହଟି ବହୁତ ଭଲରେ କଟିବ।

ସୋମବାର, ମଙ୍ଗଳବାର ଦୁଇଦନି ଆପଣଙ୍କ ପାଇଁ ଅଶୁଭମୟ ହେବ। ଶରୀର ଅସୁସ୍ଥ ରହିବ। ଘରେ କଳହ ଲାଗି ରହିବ। ବୁଧବାରୁରୁ ରବିବାର ପର୍ଯ୍ୟନ୍ତ ଧନଲାଭ ବେହା ସହ ସମସ୍ତ ପ୍ରକାର ଶଭ ଖବର ପ୍ରାପ୍ତି ହେବ। ଦୂର ଯାତ୍ରା କରିପାରନ୍ତି।

ସୋମବାର ଦିନ ଅଶୁଭ ଫଳପ୍ରାପ୍ତି। ଅଚାନକ ଧନହାନୀ ହୋଇପାରେ। ମଙ୍ଗଳବାର ହତାଶ, ବୁଧବାର ଦିନ ଭୟ ରହିବ। ଗୁରୁବାରଟି କର୍ମରେ ସୁଖ, ଶୁକ,ଶନିବାର ଦୁଇଦିନ ଅଶୁଭ। ରବିବାର ମିତ୍ର ସୁଖ ରହିଛି।

ସୋମବାରଟି ଆପଣଙ୍କ ପାଇଁ ଖୁସି ଆଣିପାରେ। ମଙ୍ଗଳବାର ଓ ବୁଧବାରଦିନ ଶୁଭଫଳ ପ୍ରାପ୍ତି ହେବ। ଗୁରୁବାର ଠାରୁ ରବିବାର ପର୍ଯ୍ୟନ୍ତ ଶୁଭାଶୁଭ ଖବର ମିଳିବ। ଗୃହରେ ଶାନ୍ତି ବଜାୟ ରହିବ।

ଏ ସପ୍ତାହର ପ୍ରଥମ ତିନିଦିନ ଆପଣଙ୍କ ପାଇଁ ବହୁତ ବିପଦ ରହିଛି। ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ଶୁଭଫଳ ପ୍ରାପ୍ତି ହେବ। ରବିବାର ଦିନଟି ଦୁର୍ଘଟଣାଜନିତ ବିପଦ ରହିଅଛି।

ଏ ସପ୍ତାହରଟି ଆପଣଙ୍କ ପାଇଁ ବହୁତ ଖୁସି ଆଣିଦେବ। ଗୃହରେ ଖୁସିର ବାତାବରଣ ସୃଷ୍ଟି ହେବ। ବ୍ୟବସାୟରେ ଉନ୍ନତି ଦେଖାଦେବ। ଦୂରଯାତ୍ରା ଗମନ କରିପାରନ୍ତି। ଶରୀର ସୁସ୍ଥ ରହିବ।

ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଅଶୁଭ ଫଳାଫଳ ମିଳିପାରେ। ଗୁରୁବାର ଓ ଶୁକ୍ରବାର ଅର୍ଥପ୍ରାପ୍ତି ହେବ। ଶନି ଓ ରବିବାର ଦିନଟି ଆପଣଙ୍କ ପାଇଁ ଅଶୁଭମୟ ହୋଇପାରେ।

ସୋମବାର ଏବଂ ମଙ୍ଗଳବାର ଦୁଇଦିନ ଆପଣଙ୍କ ପାଇଁ ଶୁଭମୟ। ବୁଧବାର ଏବଂ ଗୁରୁବାର ଗୃହରେ ଅଶାନ୍ତି ଦେଖାଦେଇପାରେ। ଶନି ଏବଂ ରବିବାର ଅଶୁଭ ଫଳ ମିଳିବା ସହିତ ଅପମାନିତ ହୋଇପାରନ୍ତି।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ଗୃହରେ କଳହ ଲାଗି ରହିବ। ଅଶାନ୍ତି ଦେଖା ହେଦବ। ଗୁରୁବାର ଠାରୁ ରବିବାର ପର୍ଯ୍ୟନ୍ତ ଶୁଭଫଳ ପ୍ରାପ୍ତି ହେବ। ଭ୍ରମଣ ଯୋଗ ରହିଛି। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

ସୋମବାର ଦିନ ବ୍ୟବସାୟରେ ଉନ୍ନତି ଘଟିବ। ମଙ୍ଗଳବାର ଦିନ ବନ୍ଧୁ ମିଳନ ରହିଛି। ବୁଧବାର ଅପମାନିତ ହେବେ। ଗୁରୁବାର ଦ୍ରବ୍ୟହାନୀ ହେବ। ଶୁକ୍ରବାର ଓ ଶନିବାର କଳହ ଓ ଚୋର ଭୟ।

ଏ ସପ୍ତାହଟି ଆପଣଙ୍କ ପାଇଁ ମୋଟାମୋଟି ଭାବେ ଶୁଭଫଳ ଆଣିଦେବ। ତୀର୍ଥଭ୍ରମଣ ଯୋଗ ରହିଛି। ମା' ଲକ୍ଷ୍ମୀଙ୍କ କୃପାରୁ ଧନପ୍ରାପ୍ତି ହୋଇପାରେ। ଶୁଭାଶୁଭ ଖବଳ ମିଳିପାରେ। ଗୃହିଣୀମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରେ।

ଏ ସପ୍ତାହଟି ଆପଣଙ୍କ ପାଇଁ ମୋଟାମୋଟି ଭାବେ ଖୁସି ଆଣିବେ। ଦୂରଯାତ୍ରା ଗମନ କରିବାରେ ସୁଯୋଗ ରହିଛି। ହଠାତ୍ ଧନପ୍ରାପ୍ତ ସହ ବନ୍ଧୁ ମିଳନ ଯୋଗ ରହିଛି। ଗୃହିଣୀମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ଜୈନ ସନ୍ନ୍ୟାସୀ +୨ ଟପ୍ପର

**ଅହମ୍ମଦାବାଦ :** ନିକଟରେ ମେ' ୨୭ ତାରିଖରେ ଗୁଜରାଟ ଶିକ୍ଷା ବୋର୍ଡ ପକ୍ଷରୁ ଅନୁଷ୍ଠିତ ହୋଇଥିବା +୨ ପରୀକ୍ଷାର ଫଳ ପ୍ରକାଶିତ ହୋଇଥିଲା। ସେଥିରେ ୯୯.୯% ନମ୍ବର ରଖି ଟପ୍ପର ହୋଇଥିଲେ ୧୭ ବର୍ଷୀୟ ବର୍ଶିଲ୍ ଶାହ। +୨ ପରୀକ୍ଷାରେ ଏତେ ଭଲ ପ୍ରଦର୍ଶନ କରିବା ପରେ ସାଧାରଣତଃ ଛାତ୍ରଛାତ୍ରୀମାନେ ଭବିଷ୍ୟତର ପାଠପଢ଼ା ବିକଳ୍ପ ସମ୍ପର୍କରେ ଚିନ୍ତା କରିଥାନ୍ତି। ଅହମ୍ମଦାବାଦର ବର୍ଶିଲ୍ କିନ୍ତୁ ସେମାନଙ୍କଠାରୁ ଏକ ଭିନ୍ନ ପନ୍ଥା ଅବଲମ୍ବନ କରିଛନ୍ତି। ସେ ସନ୍ନ୍ୟାସ ନେଇ ଜୈନ ସାଧୁ ବନି ଯାଇଛନ୍ତି। ସୁରଟର ତାପୀ ନଦୀ କୂଳରେ ଅନୁଷ୍ଠିତ ହୋଇଥିବା ଏକ ସମାରୋହରେ ତାଙ୍କୁ ଦୀକ୍ଷା ଦିଆଯାଇଥିଲା। ସେଥିରେ ବହୁ ଜୈନ ଆଚାର୍ଯ୍ୟ, ବର୍ଶିଲଙ୍କ ପରିବାର ଏବଂ ଜୈନ ସମୁଦାୟର ହଜାର ହଜାର ଲୋକ ସାମିଲ ହୋଇଥିଲେ। ସେଠାରେ ପ୍ରଥମେ ବର୍ଶିଲ୍‌ଙ୍କୁ ଏକ ରାଜକୁମାର ଭାବେ ସଜା ଯାଇଥିଲା ଏବଂ ଦୀକ୍ଷା ନେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ ପୂଜା ସମୟରେ ସେ ନିଜର ଆଭୂଷଣ ଓହ୍ଲାଇ ମା'ଙ୍କୁ ସମର୍ପଣ କରି ଧଳା ରଙ୍ଗର ପୋଷାକ ପରିଧାନ କରିଥିଲେ। ସଂସାରର ମୋହ ମାୟା ତ୍ୟାଗ କରି ଦୀକ୍ଷା ହାସଲ କରିବା ପରେ ତାଙ୍କର ନାମ ମଧ ପରିବର୍ତ୍ତନ କରାଯାଇଥିଲା।

### ମୋଦି-ଜିନ୍‌ପିଙ୍ଗ ସାକ୍ଷାତ ଆଲୋଚନା

## ଉଭୟ ଦେଶ ପରସ୍ପରର ଉଦ୍‌ବେଗକୁ ସମ୍ମାନ ଦେବା ଉଚିତ୍

**ଆସ୍ତାନା :** କାଜାକସ୍ତାନ ରାଜଧାନୀ ଆସ୍ତାନରେ ଅନୁଷ୍ଠିତ ସାଙ୍ଘାଇ ସମିତି (ଏସଓସି) ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ସାକ୍ଷାତ କରିଛନ୍ତି। ଚୀନ ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି), ମାସୁଦ ଆଝାର ପ୍ରସଙ୍ଗ ଓ ଏନଏସଜି ସଦସ୍ୟତାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଉଭୟଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି। ସାକ୍ଷାତ କାଳରେ ମୋଦି କହିଛନ୍ତି ଯେ ଉଭୟ ଦେଶ ପରସ୍ପରର ଉଦ୍‌ବେଗକୁ ସମ୍ମାନ ଦେବା ଉଚିତ ଏବଂ ଦ୍ୱିପାକ୍ଷିକ ବିବାଦକୁ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ କରିବା ଦରକାର। ସେହିପରି ଆନ୍ତର୍ଜାତିକ ବ୍ୟାପାରରେ ଦୁଇ ଦେଶ ପରସ୍ପର ସହ ସମନ୍ୱୟ ରଖିବା ଦରକାର। ଗତ ମାସରେ ଚୀନ ଦ୍ୱାରା ଆୟୋଜିତ ବେଲ୍ଟ ଆଣ୍ଡ ରୋଡ ଫୋରମ ବୈଠକକୁ ଭାରତ ବର୍ଜନ କରିବା ପରେ ପ୍ରଥମ କରି ଦୁଇଦେଶ ମୁଖ୍ୟ ପରସ୍ପରକୁ ସାକ୍ଷାତ କରିଛନ୍ତି। ଗିଲଗିଟ, ବେଲୁଚିସ୍ତାନ ଦେଇ ଚୀନ ନିର୍ମାଣ କରୁଥିବା ସିପିଇସିକୁ ବିରୋଧ କରି ଭାରତ ଏହି ବୈଠକକୁ ବର୍ଜନ କରିଥିଲା। ଜିନପିଙ୍ଗଙ୍କ ସହ ବୈଠକ କାଳରେ ମୋଦି କହିଛନ୍ତି ଏସଓସିର ସଦସ୍ୟତା ପାଇଁ ଚୀନର ସମର୍ଥନ ଲାଗି ଭାରତ କୃତଜ୍ଞ। ଚୀନର ସମର୍ଥନ ବିନା ଭାରତ ଏସଓସିର



ପୂର୍ଣ୍ଣକାଳୀନ ସଦସ୍ୟତା ପାଇପାରି ନଥାନ୍ତା। ଏସଓସିର ସଦସ୍ୟ ଭାବେ ଭାରତ ଏଣିକି ଚୀନ ସହ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରିବ। ମୋଦି-ଜିନପିଙ୍ଗ ସାକ୍ଷାତ ଆଲୋଚନା ପରେ ବୈଦେଶିକ ସଚିବ ଏସ୍ ଜୟଶଙ୍କର ସାମ୍ବାଦିକଙ୍କୁ ଦେଇଥିବା ସୂଚନାରେ କହିଛନ୍ତି ଉଭୟଙ୍କ ସାକ୍ଷାତ ବେଶ ସୌହାର୍ଦ୍ଦ୍ୟ ଓ ସକାରାତ୍ମକ ରହିଛି। ବୈଠକରେ ମୋଦି ଏନଏସଜି, ଓଆରଓବି ଓ ମାସୁଦ ଆଝାର ପ୍ରସଙ୍ଗ ଉଠାଇଥିଲେ କି ନାହିଁ ସାମ୍ବାଦିକମାନେ ପ୍ରଶ୍ନ କରିଥିବାବେଳେ ଜୟଶଙ୍କର ଏହାର ପ୍ରତ୍ୟକ୍ଷ ଉତ୍ତର ଦେଇ ନଥିଲେ। ସେ କହିଥିଲେ ଯେ ଦୁଇ ନେତା ଦ୍ୱିପାକ୍ଷିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଦୁଇ ଦେଶ ପରସ୍ପରର ଉଦ୍‌ବେଗକୁ ସମ୍ମାନ ଦେବା ନେଇ ଯତ୍ନବାନ ହେବେ। ଜୟଶଙ୍କର କହିଛନ୍ତି ଦୁଇଦେଶ ମଧ୍ୟରେ ଅନେକ ବିବାଦୀୟ ପ୍ରସଙ୍ଗ ରହିଛି; ତେବେ ଏହା ଉପରେ ଆଲୋଚନା ପାଇଁ ଏକ ନିରପେକ୍ଷ ସ୍ଥାନ ମିଳିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ବିଶ୍ୱ ଅର୍ଥନୀତି ଦୋଦୁଲ୍ୟମାନ ସ୍ଥିତିରେ ଥିବାବେଳେ ଚୀନ ଓ ଭାରତ ହିଁ ଏଥିରେ ସ୍ଥିରତା ଆଣିବାରେ ସକ୍ଷମ ହେବେ। ତେଣୁ ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶକୁ ଅଧିକ ମଜଭୁତ କରିବା ଲାଗି ଦୁଇନେତା ଆଲୋଚନା କରିଛନ୍ତି। ମୋଦି-ଜିନପିଙ୍ଗ ଆଲୋଚନା ସମ୍ପର୍କରେ ଚୀନ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନୟିଙ୍ଗ ସାମ୍ବାଦିକଙ୍କୁ ଦେଇଥିବା ସୂଚନାରେ କହିଛନ୍ତି ଉଭୟଙ୍କ ବୈଠକ ସକାରାତ୍ମକ ରହିଛି। ଆଗାମୀ ଦିନରେ ଦୁଇ ଦେଶ ପରସ୍ପରର ଉଦ୍‌ବେଗକୁ ସମ୍ମାନ ଦେବେ। ସେହିପରି ପରସ୍ପରର ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗୀ ଭାବେ ଠିଆ ହେବେ। ବାଂଲାଦେଶ,ଚୀନ, ଭାରତ, ମିଆଁମାର କରିଡର ନିର୍ମାଣ ଦିଗରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ।

## ପାକିସ୍ତାନରେ ଚୀନ୍‌ର ସେନାଘାଟି ସ୍ଥାପନ ଉଦ୍ୟମ

**ନୂଆଦିଲ୍ଲୀ :** ପାକିସ୍ତାନରେ ସେନାଘାଟି ସ୍ଥାପନ ପାଇଁ ଚୀନ ଉଦ୍ୟମ କରୁଥିବା ଆମେରିକାର ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି। ଆମେରିକାକୁ ପଛରେ ପକାଇ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ହେବା ଲକ୍ଷ୍ୟରେ ବିଭିନ୍ନ ଦେଶକୁ ସଡ଼କ ପଥ ନିର୍ମାଣ କରୁଥିବା ଚୀନ ବର୍ତ୍ତମାନ ନିଜ ସାମରିକ କ୍ଷମତା ବୃଦ୍ଧି ପାଇଁ ଉଦ୍ୟମରତ ବୋଲି ପେଣ୍ଟାଗନ ତରଫରୁ କୁହାଯାଇଛି। ପାକିସ୍ତାନ ସହ ଚୀନର ସୁସମ୍ପର୍କ ଥିବାରୁ ଏସିଆର ଏହି ଭାଗରେ ନିଜର ପ୍ରାଧାନ୍ୟ ବିସ୍ତାର କରିବା ଲକ୍ଷ୍ୟରେ ଚୀନ ନିଜର ସେନାଘାଟି ପାକିସ୍ତାନରେ ସ୍ଥାପନ ପାଇଁ ଉଦ୍ୟମରତ। ପାକିସ୍ତାନରେ ଚୀନ ଯଦି ସେନାଘାଟି ସ୍ଥାପନ କରେ ତେବେ ଭାରତ ପ୍ରତି ଏହା ବିପଦ ସୃଷ୍ଟି କରିବ ଏବଂ ଏଥିନେଇ ସଂପୃକ୍ତ ଅଞ୍ଚଳରେ ସଂଘର୍ଷମୟ ପରିସ୍ଥିତି ଉପୁଜି ପାରେ ବୋଲି ଆମେରିକା ତରଫରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଚୀନ୍-ପାକିସ୍ତାନ ଇକୋନୋମିକ କରିଡର (ସିପିଇସି) ପାକ୍ ଅଧିକୃତ କାଶ୍ମୀର ମଧ ଦେଇ ଯାଉଥିବାରୁ ଭାରତ ଆପତ୍ତି ଉଠାଇଥିବା ବେଳେ ଯଦି ପାକିସ୍ତାନରେ ଚୀନ୍ ସେନାଘାଟି ସ୍ଥାପନ କରେ ତେବେ ସେଠାକାର ପରିସ୍ଥିତି ଗୋଳମାଳିଆ ହେବାର ଆଶଙ୍କା ଥିବା ପେଣ୍ଟାଗନ୍ କହିଛି। ସେହିପରି ସିପିଇସି ଯୋଜନାରେ ଚୀନ୍ ତରଫରୁ ଆରବ ସାଗରରେ ଥିବା ପାକିସ୍ତାନର ଗ୍ୱାଦାର ବନ୍ଦରର ପୁନଃବିନ୍ୟାସ କରାଯାଇଛି, ଯଦିଓ ଏହି ବନ୍ଦର କେବଳ ବେପାର ବଣିଜ ପାଇଁ ବ୍ୟବହାର ହେବ ବୋଲି ଚୀନ କହିଛି; ତେବେ ଆଗାମୀ ଦିନରେ ଏହି ବନ୍ଦରକୁ ସାମରିକ ଘାଟି ଭାବେ ଚୀନ ବ୍ୟବହାର କରିବାର ଆଶଙ୍କା ରହିଛି। ପାକିସ୍ତାନ, ଇରାକ, ସାଉଦିଆରବ, ଇଜିପ୍ଟ, ୟୁଏଇ, ବାଂଲାଦେଶ ଓ ବର୍ମାକୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବାବେଳେ ଆରବ ସାଗର ଓ ଦକ୍ଷିଣ ଚୀନ ସାଗରରେ ନିଜ ଆଧିପତ୍ୟ ବଜାୟ ରଖିବାକୁ ନିଜ ଯୁଦ୍ଧପୋତ ଗୁଡ଼ିକୁ ସେଠାକୁ ପଠାଉଛି। ଗତବର୍ଷ ଚୀନ୍ ନିଜ ସୈନ୍ୟଶକ୍ତି ବୃଦ୍ଧି ପାଇଁ ୧୮୦ ମିଲିୟନ୍ ଡଲାର ଅର୍ଥ ବ୍ୟୟବରାଦ କରିଥିବା ପେଣ୍ଟାଗନ କହିଛି। ପେଣ୍ଟାଗନର ଏପରି ରିପୋର୍ଟକୁ ଖଣ୍ଡନ କରିଛି ଚୀନ। ପାକିସ୍ତାନ ସହ ଚୀନ୍‌ର ବନ୍ଧୁତା ବହୁ ପୁରୁଣା ଏବଂ ଏହି ବନ୍ଧୁତା କୌଣସି ରାଷ୍ଟ୍ର ବିରୋଧରେ ଅଭିପ୍ରେତ ନୁହେଁ ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନ୍‌ୟିଙ୍ଗ ସ୍ପଷ୍ଟ କରି ଦେଇଛନ୍ତି। ଚୀନ୍‌କୁ ଅନ୍ତର୍ଜାତୀୟ ସ୍ତରରେ ବଦନାମ୍ କରିବାକୁ ପେଣ୍ଟାଗନ୍ ଏପରି ଉଦ୍ୟମ କରୁଥିବା ଚୀନ କହିଛି।

## ୩ ବର୍ଷରେ ବିଦେଶରୁ ୮୦ ହଜାର ଭାରତୀୟଙ୍କୁ ଉଦ୍ଧାର କରାଯାଇଛି

**ନୂଆଦିଲ୍ଲୀ :** ମୋଦି ସରକାରଙ୍କ ଗତ ୩ ବର୍ଷ ଶାସନ କାଳ ମଧ୍ୟରେ ବିଦେଶରେ କୌଣସି କାରଣରୁ ଅଟକ ଥିବା ୮୦ ହଜାର



ଭାରତୀୟଙ୍କୁ ଉଦ୍ଧାର କରି ଭାରତକୁ ଅଣାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏହି ସୂଚନା ଦେଇଛନ୍ତି। ସରକାରଙ୍କ ୩ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ସେ କହିଛନ୍ତି, "ବିଦେଶରେ ଅଟକ ରହିଥିବା ଭାରତୀୟଙ୍କୁ ଉଦ୍ଧାର କରିବା ପ୍ରସଙ୍ଗରେ ମୁଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ମୋର ଦୁଇ ସହଯୋଗୀ ଜେନେରାଲ୍ ଭିକେ ସିଂ ଓ ଏମ୍‌ଜେ ଆକବରଙ୍କୁ ଧନ୍ୟବାଦ ଦେଉଛି। ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ଦ୍ୱାରା ବିଭିନ୍ନ ଦେଶ ସହ ଆମର ସମ୍ପର୍କରେ ଉନ୍ନତି ଘଟିଛି। ସରକାର ପାସ୍‌ପୋର୍ଟ ବ୍ୟବସ୍ଥାକୁ ସରଳ କରିବା ଦ୍ୱାରା ଏଥିପାଇଁ ଆବେଦନ ହାର ୫୦% ବୃଦ୍ଧି ପାଇଛି। ସ୍ୱରାଜ ତାଙ୍କ ମନ୍ତ୍ରଣାଳୟର ଆଉ କେତେକ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରି କହିଛନ୍ତି, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପରିମାଣ ଗତ ୩ ବର୍ଷରେ ୩୭.୫% ବୃଦ୍ଧି ପାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ୟାରିସ୍ ଜଳବାୟୁ ପରିବର୍ତ୍ତନ ଚୁକ୍ତିରୁ ଓହରିଯିବା ଦ୍ୱାରା ଭାରତ - ଆମେରିକା ସମ୍ପର୍କ ଆଦୌ ପ୍ରଭାବିତ ହୋଇନାହିଁ। ବାରାକ୍ ଓବାମା ରାଷ୍ଟ୍ରପତି ଥିବାବେଳେ ଦୁଇ ଦେଶର ସମ୍ପର୍କ ଯେଭଳି ଥିଲା, ସେଥିରେ କୌଣସି ପରିବର୍ତ୍ତନ ଘଟିନାହିଁ।

## ମିଛ କହି ଲୋକହସା ହେଲେ ପାକ୍ କୂଟନୀତିଜ୍ଞ

ୱାଶିଂଟନ : ପାକିସ୍ତାନରେ କୌଣସି ଆତଙ୍କୀ ଆଡ୍ଡା ନାହିଁ କିମ୍ବା ଆତଙ୍କବାଦୀ ରହୁନାହାନ୍ତି। କରାଚୀର ଏକ ହସ୍ପିଟାଲରେ ତାଲିବାନ ନେତା ମୁଲା ଓମାର ପ୍ରାଣ ହରାଇବା କଥା ଯାହା କୁହାଯାଉଛି ତାହା ଠିକ୍ ନୁହେଁ। ମୁଲା ଓମାର ଆଦୌ ଆଫଗାନିସ୍ତାନରୁ ବାହାରକୁ ଆସିନାହିଁ। ଏଭଳି ଭାଷଣ ଦେଉଥିବା ଆମେରିକାରେ ଅବସ୍ଥାପିତ ପାକିସ୍ତାନ ରାଷ୍ଟ୍ରଦୂତ ଏଜାଜ ଅହମ୍ମଦ ଚୌଧୁରୀଙ୍କୁ ବେଶ୍ ଅପଦସ୍ତ ହେବାକୁ ପଡିଛି। ତାଙ୍କର ଏଭଳି ଭାଷଣ ଶୁଣି ସଭାରେ ଉପସ୍ଥିତ ଲୋକେ ହସିଥିଲେ। ୱାଶିଂଟନରେ ଆୟୋଜିତ ଏକ ଆଲୋଚନାଚକ୍ରକୁ ପାକ ରାଷ୍ଟ୍ରଦୂତଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେ ଭାଷଣ ଦେବା ବେଳେ ପାକିସ୍ତାନରେ ଆତଙ୍କବାଦୀ ରହୁନଥିବା କଥା କହିଥିଲେ। ତା ସହିତ ମୁଲା ଓମାର ଯକ୍ଷ୍ମାରେ ଆକ୍ରାନ୍ତ ହେବା ପରେ ଆଫଗାନିସ୍ତାରୁ ଆସି କରାଚିର ଏକ ହସ୍ପିଟାଲରେ ଚିକିତ୍ସିତ ହେବା ଓ ସେଠାରେ ପ୍ରାଣ ହରାଇବା ଖବରକୁ ମଧ ସେ ଖଣ୍ଡନ କରିଥିଲେ। ମାତ୍ର ସେହି ସମୟରେ ଅଡିଏନ୍ସରେ ବସିଥିବା ଆମେରିକାର କୂଟନୀତିଜ୍ଞ ଜାଲ୍‌ମେ ଖଲିଜାଦ (ପୂର୍ବରୁ ଆଫଗାନିସ୍ତାନ, ଇରାକ୍ ଓ ଜାତିସଂଘରେ କାର୍ଯ୍ୟ କରିଥିଲେ) କହିଥିଲେ ଯେ, ଆପଣଙ୍କ ଭାଷଣ ହାସ୍ୟାସ୍ପଦ। ଆପଣ ଗୋଟିଏ କଥା କହୁଛନ୍ତି, କିନ୍ତୁ ପରିସ୍ଥିତି ଭିନ୍ନ କଥା କହୁଛି। ମୁଲା ଓମାର କରାଚିରେ ରହୁଥିବା ଆମ ପାଖରେ ପ୍ରମାଣ ରହିଛି।

## 'କୃଷିଋଣ ଛାଡ଼ ମୁଦ୍ରାସ୍ଫୀତି ବଢ଼ାଇବ'

**ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକରେ ସୁଧହାରକୁ ଅପରିବର୍ତ୍ତିତ ରଖାଯାଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଉର୍ଜ୍ଜିତ୍ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଦ୍ରାନୀତି କମିଟି (ଏମ୍‌ପିସି)ର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସୁଧହାରକୁ ପୂର୍ବପରି ୬.୨୫% ରଖାଯାଇଛି। ଅପରପକ୍ଷରେ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ ଭାବେ କୃଷିଋଣ ଛାଡ଼ ପଦକ୍ଷେପ ଦ୍ୱାରା ଆର୍ଥିକ କ୍ଷତି ସହ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ ବୋଲି ଶ୍ରୀ ପଟେଲ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆର୍ଥିକ କ୍ଷତି ସହନର କ୍ଷମତା ନ ଆସିବା ଯାଏଁ ରାଜ୍ୟ ସରକାର କୃଷିଋଣ ଛାଡ ପଦକ୍ଷେପରୁ ଦୂରେଇ ରହିବା ଉଚିତ ବୋଲି ସେ ପରାମର୍ଶ କହିଛନ୍ତି। ଆର୍ଥିକ କ୍ଷତି ସହ ମହଙ୍ଗା ହାର ବୃଦ୍ଧି ପାଇବ। ସୁଧହାରରେ କୌଣସି ପରିବର୍ତ୍ତନ କରା ନ ଯିବା ପଛରେ ଏହା ଏକ କାରଣ ବୋଲି ସେ କହିଛନ୍ତି। ଅପରପକ୍ଷେ ସରକାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ଯାଇ ବ୍ୟାଙ୍କଗୁଡିକର ଋଣ ଯୋଗାଣ କ୍ଷମତାକୁ ବୃଦ୍ଧି ଘଟାଇଛନ୍ତି। ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରିଭର୍ସ ରେପୋ ହାରକୁ ୬% ଏବଂ ନଗଦ ଜମା ଅନୁପାତ(ସିଆର୍‌ଆର୍)କୁ ୪%ରେ ଅପରିବର୍ତ୍ତିତ ରଖିଛି। ଅନ୍ୟପକ୍ଷରେ ଆର୍‌ବିଆଇ ବୈଧାନିକ ଲିକ୍ୟୁଡିଟି ହାରକୁ (ଏସ୍‌ଏଲ୍‌ଆର୍) କିମ୍ବା ସରକାରୀ ସିକ୍ୟୁରିଟିଜ୍‌ରେ ବ୍ୟାଙ୍କଗୁଡିକର ଜମା ଅର୍ଥ ଯେଉଁ ପ୍ରତିଶତ ଅର୍ଥ ରଖିଛନ୍ତି ସେଥିରେ ୦.୫% ହ୍ରାସ ଘଟାଇ ୨୦.୫% ରଖିଛି। ରିଜର୍ଭ ବ୍ୟାଙ୍କର ଏହି ପଦକ୍ଷେପ ବ୍ୟାଙ୍କଗୁଡିକୁ ଋଣ ଯୋଗାଇବାରେ ଅଧିକ ସକ୍ଷମ କରାଇବ। ଦେଶରେ ଘରୋଇ କ୍ଷେତ୍ରର ନିବେଶକୁ ତ୍ୱରାନ୍ୱିତ କରିବାକୁ ଯାଇ ସରକାର ସୁଧହାରରେ ହ୍ରାସ ଘଟାଇବାକୁ ଚାପ ସୃଷ୍ଟି କରିଆସୁଥିଲେ। ଏ ନେଇ ସରକାର ମୁଦ୍ରା ନୀତି କମିଟି ସହ ବୈଠକ କରିବାକୁ ଚାହୁଁଥିବାବେଳେ କମିଟିର ସଦସ୍ୟ ଏହାକୁ ଅଗ୍ରାହ୍ୟ କରିଛନ୍ତି।

## କାତାର ସହ ସମ୍ପର୍କ ଛିନ୍ନ କଲେ ୭ ଦେଶ

### ମଧ୍ୟପ୍ରାଚ୍ୟ ଏସିଆରେ ସଙ୍କଟ

**ଦୁବାଇ :** ଆରବ ଉପସାଗରୀୟ ଦେଶ କାତାର ସହିତ ଅନ୍ୟ ୪ଟି ଦେଶ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଦେଶଗୁଡ଼ିକ ହେଲେ ସାଉଦି ଆରବ, ବାହାରିନ, ୟୁଏଇ ଏବଂ ଇଜିପ୍ଟ। ସେମାନେ ଅଭିଯୋଗ କରିଛନ୍ତି ଯେ କାତାର ଏହି ଅଞ୍ଚଳରେ ସକ୍ରିୟ ବିଭିନ୍ନ ଆତଙ୍କବାଦୀ ସଂଗଠନଗୁଡିକୁ ସମର୍ଥନ ହେଉଛି। ବିଶେଷ କରି ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନକୁ କାତାର ସମର୍ଥନ ଦେଉଛି ଏବଂ ଅଲ ଜଜିରା ଟିଭି ଚ୍ୟାନେଲ ଜରିଆରେ ମୌଳବାଦୀ ଏବଂ ଆତଙ୍କବାଦୀଙ୍କ ନୀତିର ପ୍ରସାର କରିବାକୁ ଉଦ୍ୟମ କରୁଛି। ଏହାଯୋଗୁ ସମଗ୍ର ଅଞ୍ଚଳର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଚାରିଟି ଆରବ ଦେଶଙ୍କର ଏହି ନିଷ୍ପତ୍ତିକୁ ଲିବିୟା, ମାଳଦ୍ୱୀପ ଏବଂ ୟେମେନ ମଧ ସମର୍ଥନ କରିଛନ୍ତି। ସେମାନେ ମଧ କାତାର ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଛନ୍ତି। ଏସବୁ ଦେଶ ଓପେକ (ଅର୍ଗାନାଇଜେସନ ଅଫ୍ ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ୍) ଗୋଷ୍ଠୀର ସଦସ୍ୟ ଥିବାରୁ କାତାର ସହ ସମ୍ପର୍କ ଛିନ୍ନ କରିବା ଯୋଗୁ ସମଗ୍ର ଅଞ୍ଚଳର ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପଡିବ ବୋଲି ଆଶଙ୍କା କରାଯାଉଛି। ଇଜିପ୍ଟରେ ସକ୍ରିୟ ଆତଙ୍କବାଦୀ ସଂଗଠନ ମୁସଲିମ ବ୍ରଦରହୁଡକୁ କାତାର ସମର୍ଥନ ହେଉଛି ବୋଲି ଇଜିପ୍ଟ ସରକାର ବହୁବର୍ଷ ଧରି ଅଭିଯୋଗ କରି ଆସୁଛନ୍ତି। ଉକ୍ତ ସଂଗଠନକୁ ଇଜିପ୍ଟରେ ରାଜନୈତିକ ଶତ୍ରୁ ଭାବେ ବିବେଚନା କରାଯାଉଛି। ସେହିପରି ସାଉଦି ଆରବ ଅଭିଯୋଗ କରୁଛି ଯେ କାତାର ସରକାର ଇସଲାମିକ ଷ୍ଟେଟ, ଅଲକାଏଦା ଏବଂ ମୁସିଲମ ବ୍ରଦରହୁଡ୍ ପରି ଅନେକ ଆତଙ୍କବାଦୀ ସଂଗଠନଙ୍କୁ ସମର୍ଥନ କରୁଛନ୍ତି। ତା'ସହ ଅଲ ଜଜିରା ମାଧ୍ୟମରେ କାତାର ଇସଲାମିକ ମୌଳବାଦ ଏବଂ ଆତଙ୍କବାଦୀଙ୍କ ନୀତିର ପ୍ରସାର କରୁଛି। ସାଉଦି ଆରବ ସରକାର ଆହୁରି ମଧ ଅଭିଯୋଗ କରିଛନ୍ତି ଯେ ସାଉଦି ଆରବର କାତିଫ ଏବଂ ବାହାରିନ ଭଳି ସିହା ବହୁଳ ଅଞ୍ଚଳରେ କାତାର ସରକାର ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନଗୁଡିକୁ ସମର୍ଥନ ଯୋଗାଉଛନ୍ତି। ଚାରୋଟି ଆରବ ଦେଶ କାତାର ସହ କୂଟନୈତିକ ଏବଂ ଅନ୍ୟ ସମସ୍ତ ପ୍ରକାର ସମ୍ପର୍କ ଏମିତିକି ସ୍ଥଳ ଏବଂ ଆକାଶ ମାର୍ଗରେ ଯୋଗାଯୋଗ ବ୍ୟବସ୍ଥାକୁ ବି ବନ୍ଦ କରିବାକୁ ଘୋଷଣା କରିଛନ୍ତି। ସେମାନେ ମଧ ନିଜ ନିଜ ଦେଶରେ ରହୁଥିବା କାତାର ନାଗରିକଙ୍କୁ ଦୁଇ ସପ୍ତାହ ଭିତରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୟେମେନରେ ବିଦ୍ରୋହଙ୍କ ବିରୋଧରେ ଲଢୁଥିବା ସାଉଦି ନେତୃତ୍ୱାଧୀନ ମେଣ୍ଟରୁ ବି କାତାରକୁ ବାହାର କରାଯିବ।

## ଅଧ୍ୟକ୍ଷା ପଦରୁ ହଟିବେ ସୋନିଆ !



**ନୂଆଦିଲ୍ଲୀ :** ସୋନିଆ ଗାନ୍ଧି କଂଗ୍ରେସର ଅଧ୍ୟକ୍ଷ ପଦରୁ ଆସନ୍ତା ଅକ୍ଟୋବର ୧୫ ସୁଦ୍ଧା ଓହରଯିବା ସମ୍ଭାବନା ରହିଛି। ସେ ଓହରିବା ପରେ ଦଳର ଉପାଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପଦୋନ୍ନତି ମିଳିବ। ଅକ୍ଟୋବର ୧୫ ତାରିଖ ସୁଦ୍ଧା କଂଗ୍ରେସର ସାଙ୍ଗଠନିକ ନିର୍ବାଚନ ସାରିବା ପ୍ରସ୍ତାବକୁ ଦଳର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ସିଡବ୍ଲ୍ୟୁସି (କଂଗ୍ରେସ କାର୍ଯ୍ୟକାରିଣୀ କମିଟି) ବୈଠକରେ ଅନୁମୋଦନ କରାଯାଇଛି। ବୈଠକରେ ସୋନିଆ ଦଳର ସଙ୍ଗଠନକୁ ମଜଭୁତ କରିବା ସହିତ ସାଙ୍ଗଠନିକ ନିର୍ବାଚନ ଶୀଘ୍ର ଶେଷ କରିବାକୁ କହିଥିଲେ। ଅନ୍ୟପକ୍ଷରେ ସୋନିଆ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ଟାର୍ଗେଟ କରିଥିଲେ। ସୋନିଆ କହିଥିଲେ ଯେ ଏହି ସରକାରର ୩ ବର୍ଷର ଶାସନ କାଳ ଦେଶକୁ ବହୁ ପଛକୁ ନେଇଯାଇଛି। କେବଳ ଅର୍ଥନୀତି ନୁହେଁ, ଦେଶର ଶାନ୍ତି ଓ ନିରାପତ୍ତା ବିପନ୍ନ ହୋଇଛି। ଯେଉଁଠାରେ ଶାନ୍ତି ଓ ସଦ୍ଭାବ ବିରାଜମାନ କରୁଥିଲା ଆଜି ସେଠାରେ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଯେଉଁଠି ଅର୍ଥନୀତି ସୁଦୃଢ଼ ଥିଲା ସେଠାରେ ଆଜି ଦୁର୍ବଳ ଅବସ୍ଥାରେ ପହଞ୍ଚିଛି। ତେଣୁ ଦେଶ ଯେଉଁ ମୂଲ୍ୟବୋଧ ଓ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ ତାହାକୁ ଆମେ ସୁରକ୍ଷା ଦେବାକୁ ପଡିବ। ଏହି ସରକାର ମଧ ସେତକ ନଷ୍ଟ କରିବାକୁ ବସିଛନ୍ତି। ସେହିଭଳି ବୈଠକରେ ଯୋଗଦେଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ବିମୁଦ୍ରୀକରଣ ଯୋଗୁଁ ଦେଶର ଆର୍ଥିକ ଅଭିବୃଦ୍ଧିରେ ମନ୍ଥରତା ଦେଖାଦେଇଥିବା ଅଭିଯୋଗ କରିଥିଲେ। ଏହି ରୁଦ୍ଧଦ୍ୱାର ବୈଠକରେ ଦେଶର ଅର୍ଥନୀତି, କାଶ୍ମୀର ପରିସ୍ଥିତି ଓ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

## ବାତିଲ ତତ୍କାଳ ଟିକେଟର ୫୦% ଫେରସ୍ତ

**ନୂଆଦିଲ୍ଲୀ :** ଜୁଲାଇ ପହିଲାରୁ ରେଳବାଇ ନିୟମରେ ବ୍ୟାପକ ପରିବର୍ତ୍ତନ ଆସୁଛି। ସେହି ଅନୁସାରେ ତତ୍କାଳ ଟିକେଟ ବାତିଲ କରିବା କ୍ଷେତ୍ରରେ ଗ୍ରାହକ ଦେୟମୂଲ୍ୟର ୫୦% ଫେରସ୍ତ ପାଇବେ। ସଂପ୍ରତି ତତ୍କାଳ ଟିକେଟ ବାତିଲ ପାଇଁ କୌଣସିପ୍ରକାର ଅର୍ଥ ଫେରସ୍ତ ବ୍ୟବସ୍ଥା ନାହିଁ। ସେହିପରି ନୂଆ ନିୟମ ଅନୁସାରେ ବାତାନୁକୂଳ କୋଚ୍ ପାଇଁ ତତ୍କାଳ ଟିକେଟ ବୁକିଂ ସମୟ ପୂର୍ବପରି ୧୧ଟାରୁ ୧୨ଟା ରହିଛି। ଏହାସହ ଯାତ୍ରୀଙ୍କୁ ବିଭିନ୍ନ ଭାଷାରେ ଟିକେଟ ବୁକିଂ କରିବାର ବିକଳ୍ପ ପ୍ରଦାନ କରାଯିବ। ଏଥିପାଇଁ ଯାତ୍ରୀ ନିଜର ଭାଷା ବିକଳ୍ପକୁ ପୂର୍ବରୁ ଚିହ୍ନଟ କରିବେ। ସଂପ୍ରତି କେବଳ ଇଂରାଜୀ ଭାଷାରେ ଟିକେଟ ମିଳିଥାଏ। ଏହାସହ ଟିକେଟକୁ କାଗଜବିହୀନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ରାଜଧାନୀ ଓ ଶତାବ୍ଦୀ ଟ୍ରେନ୍‌ରେ ଆଉ କାଗଜ ଟିକେଟ ମିଳିବ ନାହିଁ। ଟିକେଟ୍ ଏସ୍‌ଏମ୍‌ଏସ୍ ଜରିଆରେ ଯାତ୍ରୀଙ୍କ ମୋବାଇଲକୁ ପଠାଇ ଦିଆଯିବ। ଏହି ଦୁଇ ଟ୍ରେନ୍‌ରେ କୋଚ୍ ସଂଖ୍ୟା ମଧ ଜୁଲାଇ ପହିଲାରୁ ବୃଦ୍ଧି ପାଇବ। ସେହିପରି ଅଧିକ ଭିଡ଼ ରହୁଥିବା ଦିନଗୁଡ଼ିକରେ ବିକଳ୍ପ ଟ୍ରେନ୍ ଚଳାଚଳ ପାଇଁ ରେଳବାଇ ନିଷ୍ପତ୍ତି ନେଇଛି।




ସେହିପରି ଇ-ଟିକେଟ୍ କରିଥିବା ଯାତ୍ରୀଙ୍କ ଟ୍ରେନ୍ ଯଦି କୌଣସି କାରଣରୁ ବାତିଲ ହୋଇଯାଏ, ତେବେ ଟିକେଟ ମୂଲ୍ୟ ଫେରସ୍ତ ପାଇଁ ଟିକେଟ ଡିପୋଜିଟ୍ ରିସିପ୍ଟ ପ୍ରଦାନର ଆଉ କୌଣସି ଆବଶ୍ୟକତା ନାହିଁ। ଟିକେଟ ମୂଲ୍ୟ ସ୍ୱତଃ ଆକାଉଣ୍ଟରେ ଜମା ହୋଇଯିବ। ଏଥିସହ ଚଳନ୍ତା ଟ୍ରେନ୍‌ରେ ଆରସିଏମ୍ ଟିକେଟକୁ ୧ ଜୁଲାଇରୁ କନ୍‌ଫର୍ମ ଟିକେଟ ଭାବେ ଗ୍ରହଣ କରାଯିବ। ଟ୍ରେନ୍ ଛାଡ଼ିବାର ଅଧଘଣ୍ଟା ପୂର୍ବରୁ ଆର୍‌ଏସି ଟିକେଟ ବାତିଲ କରାଯାଇଥିବା କ୍ଷେତ୍ରରେ କେତକେ ଶୁଳ୍କ ବ୍ୟତୀତ ବଳକା ଅର୍ଥ ଫେରସ୍ତ ହୋଇଯିବ। ୱେଟିଂ ତାଲିକାରେ ଥିବା ଇ-ଟିକେଟ୍‌କୁ ବୈଧତା ପ୍ରଦାନ କରାଯିବ ନାହିଁ। ୱେଟିଂ ଥିବା ଇ-ଟିକେଟ୍ ସ୍ୱତଃ ବାତିଲ ହେବା ସହ ଏ ବାବଦକୁ ଅର୍ଥ ଆକାଉଣ୍ଟରେ ଜମା ହୋଇଯିବ।

## ମହାକାଶରେ ଭାରତର 'ମହାବଳୀ'

**ଶ୍ରୀହରିକୋଟା :** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ ନିର୍ମିତ ସବୁଠାରୁ ଶକ୍ତିଶାଳୀ ରକେଟ୍ ଜିଏସ୍‌ଏଲ୍‌ଭି ଏମ୍‌କେ-୩-ଡି୧ର ପ୍ରକ୍ଷେପଣ ସଫଳହୋଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରାୟୋଜେନିକ ଇଞ୍ଜିନ ସହାୟତାରେ ଏହି ରକେଟ ମାତ୍ର ୧୬ ମିନିଟ୍‌ରେ ଜି ସାଟ୍-୧୯ ଉପଗ୍ରହକୁ ଅନ୍ତରୀକ୍ଷର ୧୭୯ କିଲୋମିଟର ଊର୍ଦ୍ଧ୍ୱରେ ସ୍ଥାପନ କରିଛି। ଏହି ଐତିହାସିକ ସଫଳତା ପାଇଁ ଭାରତ ଆମେରିକା, ରୁଷିଆ ଓ ଚୀନ୍ ପଛକୁ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହେବାର ଗୌରବ ହାସଲ କରିଛି। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋମବାର ଅପରାହ୍ଣ ୫ଟା ୨୮ରେ ଜିଏସ୍‌ଏଲ୍‌ଭି ଏମ୍-କେ୩-ଡି୧ ରକେଟ ୩୧୩୬ କିଲୋଗ୍ରାମ୍ ଓଜନର ଜି ସାଟ୍-୧୯ ଉପଗ୍ରହକୁ ବହନ କରି ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ



ମହାକାଶ କେନ୍ଦ୍ରରୁ ମହାକାଶ ଅଭିମୁଖେ ଯାତ୍ରା କରିଥିଲା। ଏହି ରକେଟ୍‌ର ଓଜନ ୬୪୦ ଟନ୍ ଓ ଏହାର ଉଚ୍ଚତା ୪୩.୪୩ ମିଟର ହୋଇଥିବାରୁ ଏହାକୁ 'ଫ୍ୟାଟ୍ ବୟ' ନାମକରଣ କରାଯାଇଛି। ଏହି ପ୍ରକ୍ଷେପଣ ସଫଳ ହୋଇଥିବାରୁ ଚନ୍ଦ୍ରାୟଣ-୨ ଅଭିଯାନ ଓ ମହାକାଶକୁ ମାନବ ପଠାଇବାକୁ ଇସ୍ରୋର ସ୍ୱପ୍ନ ସାକାର ହେବ ବୋଲି ଇସ୍ରୋ ନିର୍ଦ୍ଦେଶକ ଡା. କେ. ଶିବାନ ପ୍ରକାଶ କରିଛନ୍ତି।

ଜିଏସ୍‌ଏଲ୍‌ଭି ଏମ୍‌କେ-୩ ପ୍ରକଳ୍ପ ଇସ୍ରୋ ଇତିହାସରେ ଆଜିପର୍ଯ୍ୟନ୍ତ ସବୁଠୁ ମେଗା ପ୍ରକଳ୍ପ ଭାବେ ବିବେଚିତ ହୋଇଛି। ଏହା ମାଧ୍ୟମରେ ଅନ୍ତରୀକ୍ଷରୁ ୨-୩ ସଦସ୍ୟ ବିଶିଷ୍ଟ ଚାଳକ ଦଳକୁ ପଠାଇହେବ। ରକେଟ୍ ନିର୍ମାଣ ବାବଦରେ ୩୦୦ କୋଟି ଡଲାର ଖର୍ଚ୍ଚ ହୋଇଥିବା ବେଳେ ବିଭିନ୍ନ ପର୍ଯ୍ୟାୟରେ ପରବର୍ତ୍ତୀ ପରୀକ୍ଷଣ ପାଇଁ ମଧ ବ୍ୟାପକ ବ୍ୟବସ୍ଥା ହୋଇଛି। ଇସ୍ରୋ ୧୯୯୩ରେ ପିଏସ୍‌ଏଲ୍‌ଭିର ପ୍ରଥମ ପ୍ରକ୍ଷେପଣରେ ବିଫଳ ହୋଇଥିଲେ ମଧ ପରେ ଲଗାତାର ୩୮ଥର ସଫଳ ପ୍ରକ୍ଷେପଣ କରିଛି। ଏହାପରେ ଏମ୍‌କେ-୧ ରକେଟ୍ ପ୍ରକ୍ଷେପଣ ୨୦୦୧ରେ ବିଫଳ ହୋଇଥିବା ବେଳେ ପରବର୍ତ୍ତୀ ୧୧ ଥର ପ୍ରକ୍ଷେପଣ ସଫଳ ହୋଇଥିଲା। ଆସନ୍ତା ଜୁନ୍ ୨୩ରେ ପିଏସ୍‌ଏଲ୍‌ଭି ସି୩୮ ଉତ୍କ୍ଷେପଣ କରିବାକୁ ଇସ୍ରୋ ଯୋଜନା କରିଛି ବୋଲି ଅଧ୍ୟକ୍ଷ କିରଣ କୁମାର କହିଛନ୍ତି।




## ଓଡ଼ିଶାର ଜିଏସ୍‌ଟି ପଦକ୍ଷେପ

# କେନ୍ଦ୍ର ସଚିବଙ୍କ ପ୍ରଶଂସା

**ଭୁବନେଶ୍ୱର :** ଦ୍ରବ୍ୟ ଓ ସେବାକର ବା ଜିଏସ୍‌ଟି ଆସନ୍ତା ଜୁଲାଇରୁ ସାରା ଦେଶରେ ଲାଗୁ ହେବାକୁ ଯାଉଥିବା ବେଳେ ଏଥିନିମନ୍ତେ ଓଡ଼ିଶା ସରକାରଙ୍କର ପଦକ୍ଷେପକୁ କେନ୍ଦ୍ର ରାଜସ୍ୱ ସଚିବ ହସ୍‌ମୁଖ ଅଧିଆ ପ୍ରଶଂସା କରିଛନ୍ତି। ବିଶେଷକରି ଓଡ଼ିଶା ସରକାର ସୀମାନ୍ତ ତନଖି ଫାଟକଗୁଡିକୁ ଉଚ୍ଛେଦ କରୁଥିବାରୁ ଏହା ଅନ୍ୟ ରାଜ୍ୟ ପାଇଁ ଅନୁସରଣୀୟ ବୋଲି ସେ କହିଛନ୍ତି। ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ରାଜସ୍ୱ ସଚିବ କିଟ୍ କନ୍‌ଭେନସନ ସେଣ୍ଟରରେ ଆୟୋଜିତ ଜିଏସ୍‌ଟି ସମ୍ପର୍କିତ କର୍ମଶାଳାରେ ଉଦ୍‌ବୋଧନ ଦେଇଥିଲେ। ସରକାରୀ ପଦାଧିକାରୀ, ବ୍ୟବସାୟୀ, ବୁଦ୍ଧିଜୀବୀ ପ୍ରମୁଖଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଜିଏସ୍‌ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଦିନତମାମ ଏହି କର୍ମଶାଳା ଚାଲିଥିଲା। ସେ କହିଥିଲେ ଯେ ଓଡ଼ିଶା ସରକାର ଜିଏସ୍‌ଟି ନିମନ୍ତେ ଭଲ ପଦକ୍ଷେପ ନେଇଛନ୍ତି। ଏପ୍ରିଲ ୧ ତାରିଖରୁ ଆନ୍ତଃରାଜ୍ୟ ତନଖି ଫାଟକଗୁଡିକୁ ଓଡ଼ିଶା ସରକାର ଉଠାଇ ଦେଇଛନ୍ତି। ଏହା ଫଳରେ ସରକାରଙ୍କର ସକରାତ୍ମକ ମନୋଭାବ ପରିପ୍ରକାଶ ହୋଇଛି। ସେ କହିଥିଲେ ଯେ ଯେତେବେଳେ ବିଭିନ୍ନ ରାଜ୍ୟରୁ ଟ୍ରକଗୁଡିକ ମାଲ ପରିବହନ କରିଥାନ୍ତି ସେତେବେଳେ ତନଖି ଫାଟକ ଗୁଡିକରେ ସରକାରଙ୍କ ପଦକ୍ଷେପ ଅନ୍ୟ ରାଜ୍ୟଗୁଡିକ ଅନୁସରଣ କରିବା ଉଚିତ। କେନ୍ଦ୍ର ରାଜସ୍ୱ ସଚିବ କହିଥିଲେ ଯେ, ଜିଏସ୍‌ଟି ଲାଗୁ ହେଲା ପରେ କୋଇଲା, ଲୁହାପଥର, ଇସ୍ପାତ, ଆଲୁମିନିୟମ ଓ ସିମେଣ୍ଟ କ୍ଷେତ୍ରରେ ଓଡ଼ିଶା ଲାଭବାନ ହେବ। ସେହିପରି ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଜିଏସ୍‌ଟି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ। ଆଲୋଚନାକାଳରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ରାଜେଶ ଶର୍ମା, ଅର୍ଥ ବିଭାଗର ପ୍ରମୁଖ ସଚିବ ତୁହିନକାନ୍ତ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁହାପଥରର ପେଲେଟାଇଜେସନ ପ୍ରକ୍ରିୟା ଉପରେ ଆଲୋଚନାଚକ୍ର

# ଶିଳ୍ପ ସହ ମିଶି କାମ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର :** ଲୁହାପଥରର ପେଲେଟାଇଜେସନ ପ୍ଲାଣ୍ଟରୁ ଉତ୍ପାଦନ ଏବଂ ମରାମତି ଉପରେ ଏକ ଦକ୍ଷତା ବୃଦ୍ଧି ଉପରେ ଗତ ୩ ଓ ୪ ତାରିଖ ଦୁଇଦିନ ଧରି ଖଣିଜ ଓ ବସ୍ତୁ ପ୍ରଯୁକ୍ତି ଅନୁଷ୍ଠାନରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର ଉପାଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଏସ୍‌ଏସ୍ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ବର୍ତ୍ତମାନର ଷ୍ଟିଲ୍ ପଲିସି-୨୦୧୭ ଏବଂ ଷ୍ଟିଲ୍ ଉତ୍ପାଦନ ପାଇଁ ବିଭିନ୍ନ କ୍ଷମତା ଉପରେ ଆଲୋକପାତ କରିବା ସହ ଗୁଣାତ୍ମକ କଞ୍ଚାମାଲର ଆବଶ୍ୟକତା ଉପରେ ତାଙ୍କର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଏହି ଆଲୋଚନା ଚକ୍ରରେ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ସନ୍ତୋଷ କୁମାର ମିଶ୍ର ପେଲେଟାଇଜେସନର ଗୁଣାତ୍ମକ ଉପରେ ଆଲୋକପାତ କରିବା ସହିତ ଏହି ଅନୁଷ୍ଠାନର ସୁବିଧା ଓ ସୁଯୋଗ ଉପରେ ତାଙ୍କ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଏନ୍.ଡି.ରାଓ, ସଭାପତି, ସର୍ବଭାରତୀୟ ପେଲେଟ ଉତ୍ପାଦନ ସଂଗଠନର ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଉପରେ ତାଙ୍କର ବକ୍ତବ୍ୟ ଉପସ୍ଥାପନା କରିବା ସହ ପେଲେଟର ଗୁଣାତ୍ମକ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ଏହି ସଂଗଠନର ସାଧାରଣ ସମ୍ପାଦକ ଦୀପକ ଭଟ୍ଟନଗର ସଂଗଠନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଡକ୍ଟର ସୁରେନ୍ଦ୍ର କୁମାର ବିଶ୍ୱାଳ, ଖଣିଜ ବିଶୋଧନ ବିଭାଗର ମୁଖ୍ୟ ପେଲେଟ ଉତ୍ପାଦନ କରିବା ପାଇଁ ବିଭିନ୍ନ ପ୍ରକ୍ରିୟା ଉପରେ ଆଲୋଚନା କରିବା ସହ ଏହି ଅନୁଷ୍ଠାନର ପେଲେଟ ଉପରେ ଗବେଷଣା କରାଯାଇଥିବା ବିଷୟବସ୍ତୁ ଏବଂ ଶିଳ୍ପସହ ମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଦୁଇଦିନ ଧରି ବିଭିନ୍ନ ବିଷୟବସ୍ତୁକୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବା ସହିତ ବିଭିନ୍ନ ପ୍ରଶ୍ନଉତ୍ତର ଉପରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିଲା। ଏଥିରେ ପ୍ରାୟ ୨୫ଜଣ ଦକ୍ଷ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ସନ୍ଦର୍ଭ ଉପସ୍ଥାପନା କରିବା ସହ ପ୍ରଶ୍ନ ଉତ୍ତର ଆଲୋଚନାରେ ଭାଗ ନେଇଥିଲେ। ଏହି ଆଲୋଚନାଚକ୍ରରେ ପେଲେଟ ଉତ୍ପାଦନ କରୁଥିବା ଶିଳ୍ପରୁ ୫୨ଜଣ କର୍ମଚାରୀ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରର ଅନ୍ତିମ ପ୍ରକ୍ରିୟାରେ ପ୍ରଫେସର ଡି.ଡି.ମିଶ୍ର, ଚେୟାରମ୍ୟାନ୍, ଆଇ.ଆଇ.ଟି (ଆଇ.ଏସ୍.ଏମ୍), ଧାନବାଦ ତାଙ୍କର ବକ୍ତବ୍ୟ ଏହି ବିଷୟବସ୍ତୁ ଉପରେ ଉପସ୍ଥାପନା କରିଥିଲେ। ଶେଷରେ ଡକ୍ଟର ଅଶୋକ କୁମାର ସାହୁ, ମୁଖ୍ୟ ବୈଜ୍ଞାନିକ, ଖଣିଜ ବିଶୋଧନ ବିଭାଗ, ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇ-ରେଜିଷ୍ଟ୍ରେସନ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

**କଟକ :** ରାଜ୍ୟରେ ଇ-ରେଜିଷ୍ଟ୍ରେସନ ବା ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥାକୁ ଆଗେଇନେବା ନିମନ୍ତେ ରାଜ୍ୟ ସରକାର ଓ ଗୁରୁଗାଓଁ ସ୍ଥିତ ଆଇ.ଏଲ.ଆଣ୍ଡ ଏଫ୍.ଏସ୍.ଟେକ୍ନୋଲୋଜିକ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତିନାମା ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ ସ୍ୱାକ୍ଷର ହୋଇଛି। ନିବନ୍ଧନ ମହାନିରୀକ୍ଷକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିବନ୍ଧନ ମହାନିରୀକ୍ଷକ (ଓଏଜ) ଉପେନ୍ଦ୍ର ନାଥ ମଲ୍ଲିକ ଏବଂ ଆଇ.ଟି.ଏଲ ପକ୍ଷରୁ କମ୍ପାନୀର ଉପସଭାପତି ଆଶିଷ କୁମାର ଏହି ପାଞ୍ଚବର୍ଷିଆ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓପନ୍ ଟେଣ୍ଡର ପ୍ରକ୍ରିୟାରେ ଚୟନ ହୋଇଥିବା ଆଇ.ଟି.ଏଲ୍ କମ୍ପାନୀ ସମଗ୍ର ରାଜ୍ୟରେ ନିଜର କାର୍ଯ୍ୟାଳୟ ଜରିଆରେ ଜୁଲାଇ ୧ ତାରିଖରୁ ଇ-ରେଜିଷ୍ଟ୍ରେସନ କାର୍ଯ୍ୟ ସମ୍ପାଦନ କରିବ। ଏହି ନୂତନ ଚୁକ୍ତିନାମା ବଳରେ ଜନସାଧାରଣଙ୍କୁ ଅନଲାଇନ୍ ଜରିଆରେ ବିଭିନ୍ନ ଜମିଜମା ଓ ଦସ୍ତାବିଜ ପଞ୍ଜୀକରଣ ସହିତ ଫାର୍ମ ଓ ସୋସାଇଟି ରେଜିଷ୍ଟ୍ରେସନ, ବିବାହ ପ୍ରମାଣପତ୍ର, ଋଣଭାର ପ୍ରମାଣପତ୍ର, ବିଭିନ୍ନ ଦଲିଲ ଓ ପ୍ରାମାଣିକୃତ ନକଲ ସହଜରେ ଉପଲବ୍ଧ କରାଯାଇପାରିବ। ସୂଚନାଥାଉ କି ୨୦୧୦ ଜାନୁଆରୀ ୪ ତାରିଖରୁ ଓଡ଼ିଶାରେ ଇ-ରେଜିଷ୍ଟ୍ରେସନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଇ-ଗଭର୍ଣ୍ଣାସ୍ ସର୍ଭିସେସ ଲିମିଟେଡ (ଓ.ଇ.ଏସ.ଏଲ) ପରିଚାଳନା କରୁଥିଲା। ଏହି ଚୁକ୍ତିନାମା ସ୍ୱାକ୍ଷର ଅବସରରେ ନିବନ୍ଧନ ଶାଖାପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ନିବନ୍ଧନ ଉପ-ମହାନିରୀକ୍ଷକ (କେନ୍ଦ୍ରାଞ୍ଚଳ) ଶୈଳେନ୍ଦ୍ର ସାମଲ, ନିବନ୍ଧନ ଉପ-ମହାନିରୀକ୍ଷକ (ଦକ୍ଷିଣାଞ୍ଚଳ) ସୂର୍ଯ୍ୟମାଧବ ପାଣିଗ୍ରାହୀ, ଡେପୁଟି ଆଇ.ଜି.ଆର (ଉତ୍ତରାଞ୍ଚଳ) ଦେବରଞ୍ଜନ ମହାନ୍ତି, କଟକ ଜିଲ୍ଲା ଉପନିବନ୍ଧକ ଲଲାଟେନ୍ଦୁ ଶତପଥୀ ଏବଂ ଖଣ୍ଡଗିରୀ ଉପନିବନ୍ଧକ ହେମେନ୍ଦ୍ର ନାରାୟଣ ମହାନ୍ତି ଉପସ୍ଥିତ ଥିବା ବେଳେ ଆଇ.ବି.ଏଲ କମ୍ପାନୀ ପକ୍ଷରୁ ସିନିୟର ମ୍ୟାନେଜର ରଶ୍ମୀ ମହାନ୍ତି, ମ୍ୟାନେଜର (ଅପରେସନ) ମନୋଜ କୁମାର, ଏସ୍.କେ. ଅଜମଲ ଏବଂ କନସଲଟାଣ୍ଟ ଅମୂଲ୍ୟ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ଜୟଦେବ ବିହାର-ନନ୍ଦନକାନନକୁ ବିକଳ୍ପ ରାସ୍ତା

**ଭୁବନେଶ୍ୱର :** ରାଜଧାନୀର କାୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାନବାହାନ ସଂଖ୍ୟା ସାଙ୍ଗକୁ ଦୁର୍ଘଟଣାର ମାତ୍ରା ବି ବଢୁଛି। କିଛିବର୍ଷ ତଳେ ଖାଁ ଖାଁ ଲାଗୁଥିବା ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାରେ ଏବେ ଟ୍ରାଫିକ୍ ଜାମ୍ ପରି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ସରକାର ବିକଳ୍ପ ଯୋଜନା ହାତକୁ ନେଇଛନ୍ତି। ଜୟଦେବବିହାର-ନନ୍ଦନକାନନ ମୁଖ୍ୟରାସ୍ତାରୁ ଭିଡ଼ କମାଇବା ପାଇଁ ଆଉ ଦୁଇଟି ବିକଳ୍ପ ରାସ୍ତାର ପରିକଳ୍ପନା କରିଛନ୍ତି ସରକାର। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଟି ରାସ୍ତା ନିର୍ମାଣ କରାଯାଇ ଭିଡ଼କୁ ନିୟନ୍ତ୍ରଣ କରାଯିବ। ସିଆର୍‌ପିଏଫ୍ ଛକଠାରୁ ଏକାମ୍ରଛକ, ପଥରଗାଡ଼ିଆ, ହାତିଆସୁଣି ଦେଇ ବାମପାର୍ଶ୍ୱ ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ଆଚାର୍ଯ୍ୟ ବିହାରଠାରୁ ସୈନିକ ସ୍କୁଲ ପାଖ ଦେଇ ଡମଣା ପର୍ଯ୍ୟନ୍ତ ଦକ୍ଷିଣ ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିନିମନ୍ତେ ଜମି ଅଧିଗ୍ରହଣ ଓ ଜଙ୍ଗଲ କିସମ ପରିବର୍ତ୍ତନ ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟଠାରେ ଏ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଏହି ରାସ୍ତାରେ ବ୍ୟାପକ ଗାଡ଼ିଚଳାଚଳର ସମ୍ଭାବନା ରହିଛି। ନନ୍ଦନକାନନଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ସହରର ମଧ୍ୟ ଦ୍ରୁତ ବିକାଶ ହେଉଛି। ଏସବୁକୁ ଦୃଷ୍ଟିରେ ରଖି ଯାତାୟତ ସୁଗମ କରିବା ନିମନ୍ତେ ବିକଳ୍ପ ରାସ୍ତା ନିର୍ମାଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆଗାମୀ ୧ ବର୍ଷ ମଧ୍ୟରେ ଦକ୍ଷିଣ ପାର୍ଶ୍ୱ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ରାଜପଥରେ କ୍ୟାମେରା : ଧରାହେଲେ ୬୦୦

**ଭୁବନେଶ୍ୱର :** ରାଜଧାନୀ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା ମହଙ୍ଗା ପଡିଛି। ଅତ୍ୟାଧୁନିକ ସ୍ପିଡ୍ କ୍ୟାମେରା ମାଧ୍ୟମରେ କମିଶନରେଟ୍ ପୋଲିସ ୬ଶହ ଗାଡିକୁ ଧରିଛି। ଏଭଳି ପଦକ୍ଷେପ ଦ୍ରୁତ ଗାଡି ଚାଳନା କରୁଥିବା ବ୍ୟକ୍ତିଙ୍କ ମନରେ ଛନ୍‌କା ସୃଷ୍ଟି କରିଛି। ଏହାଦ୍ୱାରା ଦୁର୍ଘଟଣାକୁ ବହୁମାତ୍ରାରେ ରୋକାଯାଇପାରିବ ବୋଲି ଆକଳନ କରାଯାଉଛି। ସୂଚନାଥାଉ କି ଜାତୀୟ ରାଜପଥରେ ଯାନବାହନର ବେଗ ନିୟନ୍ତ୍ରଣ ଲାଗି କମିଶନରେଟ୍ ପୋଲିସ ଆଉପାଦେ ଆଗକୁ ଯାଇ ନେଇଛି ନୂଆଏକ ପଦକ୍ଷେପ। ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ପରେ ପୋଲିସ ପକ୍ଷରୁ ସେସବୁ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଯାଇଛି। ଏହାଦ୍ୱାରା ଦୁର୍ଘଟଣା ଉପରେ ନଜର ରଖାଯିବା ସହିତ ଦୁର୍ଘଟଣା କିମ୍ବା ଡକାୟତି କରି ଆଖିପିଛୁଳାକେ ଛୁ' ମାରୁଥିବା ଦୁର୍ବୃତ୍ତଙ୍କ ଉପରେ ବି ପୋଲିସ ନଜର ରଖିପାରିବ ବୋଲି କୁହାଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଏହି କ୍ୟାମେରା ସହିତ ଏକ ଡିଜିଟାଲ ବୋର୍ଡ ମଧ୍ୟ ଖଞ୍ଜାଯାଇଛି। ଯେଉଁଥିରୁ ଯାତାୟତ କରୁଥିବା ଗାଡ଼ିଗୁଡ଼ିକର ବେଗ ଜଣାପଡ଼ିଯିବ। ତେବେ ନିର୍ଦ୍ଧାରିତ ବେଗରୁ ଅଧିକ ବେଗରେ ଯାତାୟତ କରୁଥିବା ଯାନବାହନର ଗତି ହ୍ରାସ ପାଇଁ ଡିସ୍‌ପ୍ଲେ ବୋର୍ଡରେ ସ୍ୱୟଂଚାଳିତ ସୂଚନା ମିଳିଯିବ। ଏହାଦ୍ୱାରା ଗାଡ଼ିଚାଳକ ବେଗ ସମ୍ପର୍କରେ ସଚେତନ ହୋଇପାରିବ ବୋଲି କହିଛନ୍ତି ପୋଲିସ କମିଶନର



ଯୋଗେଶ ବାହାଦୂର ଖୁରାନିଆ। ନୟାଗଡ଼ ଦୁର୍ଗାପୂଜା ମଣ୍ଡପ ନିକଟ ଜାତୀୟ ରାଜପଥ ମଧ୍ୟଭାଗରେ ଏହି ଡିସ୍‌ପ୍ଲେ ବୋର୍ଡ ଲାଗିଛି। ଏହାର ଅନତିଦୂରରେ ଏକ ସ୍ଥାୟୀ କ୍ୟାମେରା ବି ଲାଗିଛି। ଯଦି ଗାଡ଼ିଚାଳକ ଡିସ୍‌ପ୍ଲେ ବୋର୍ଡର ସୂଚନା ଦେଖିବା ପରେ ମଧ୍ୟ ଗାଡ଼ିର ଗତି କମ୍ ନକରନ୍ତି, ତେବେ ତେବେ ଏହି କ୍ୟାମେରା ସମ୍ପୃକ୍ତ ଗାଡ଼ିର ଫଟୋ, ଗାଡ଼ି ନମ୍ବର ସମେତ ବେଗ ଆଦି ସମସ୍ତ ତଥ୍ୟ ରେକର୍ଡିଂ ହୋଇଯିବ। ସେହିପରି କ୍ୟାମେରାରେ ଲାଗିଥିବା ସିମ୍ ସ୍ୱତଃ ଭାବେ ଏସବୁ ତଥ୍ୟ ପୋଲିସ କଣ୍ଟ୍ରୋଲରୁମ୍‌କୁ ପଠାଇଦେବ। ଫଳରେ ସମ୍ପୃକ୍ତ ଗାଡ଼ିମାଲିକଙ୍କ ନିକଟକୁ କଣ୍ଟ୍ରୋଲରୁମ୍‌ରୁ ଏକ ଜୋରିମାନା ଚାଲାଣ ପଠାଇ ଦିଆଯିବ। ଗାଡ଼ିମାଲିକଙ୍କୁ ଏହି ଜୋରିମାନା ପଇଠ କରିବାକୁ ପଡ଼ିବ। ଏହି ବ୍ୟବସ୍ଥା ୭ ଦିନ ପାଇଁ ପରୀକ୍ଷାମୂଳକ ଭାବେ ଲାଗୁ ହୋଇଛି। ପରିବହନ ବିଭାଗ ପକ୍ଷରୁ ଗାଡ଼ିର ବେଗ ଜାଣିବା ପାଇଁ ଇଣ୍ଟରସେପ୍ଟର ବ୍ୟବହାର କରାଯାଉଛି, ଯାହା ଅଧିକ ବ୍ୟୟବହୁଳ। ସେହିପରି ଏହାର ପରିଚାଳନା ପାଇଁ ଅଭିଜ୍ଞ ବ୍ୟକ୍ତି ଓ ଗାଡ଼ିଚାଳକଙ୍କର ଆବଶ୍ୟକତା ରହିଛି। ମାତ୍ର ଏହି ନୂଆ ବ୍ୟବସ୍ଥାରେ କୌଣସି ମାନବସମ୍ବଳର ଆବଶ୍ୟକତା ନାହିଁ। କାନାଡାଭିତ୍ତିକ ଲଜିକ୍ସ ଆଇଟିଏସ୍ ନାମକ ଏକ କମ୍ପାନୀ ପରୀକ୍ଷାମୂଳକ ଭାବେ ଏହା ପ୍ରଦର୍ଶନ କରୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଏହି ଡିସ୍‌ପ୍ଲେ ବୋର୍ଡ ରାସ୍ତାର ୧୫ ଫୁଟ୍ ଉଚ୍ଚରେ ରହିବ। ଏହାର କ୍ୟାମେରା ୩୦୦ ମିଟର ଦୂରରୁ ଦିନ ଓ ରାତିରେ ଗାଡ଼ିର ଛବି ଓ ନମ୍ବର ଉଠାଇପାରିବ। ଏହି କ୍ୟାମେରାର ଦାମ୍ ୨୨ ଲକ୍ଷ ଟଙ୍କା ହୋଇଥିବା ବେଳେ ବୋର୍ଡର ମୂଲ୍ୟ ୬ ଲକ୍ଷ ଟଙ୍କା ରହିଛି। କଟକ-ଭୁବନେଶ୍ୱର ଜାତୀୟ ରାଜପଥର ୩ଟି ଅଧିକ ଦୁର୍ଘଟଣାପ୍ରବଣ ସ୍ଥାନରେ ଏଭଳି ବ୍ୟବସ୍ଥା କରିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି।

## ଅନ୍‌ଲାଇନ୍‌ରେ ଫର୍ମ-୩ ପ୍ରକ୍ରିୟାକରଣ

# ଏବେ ସହଜରେ ଦାଖଲଖାରଜ

**ଭୁବନେଶ୍ୱର :** ଜମିବାଡି ଦାଖଲଖାରଜର ସହଜ ସମାଧାନ ଲାଗି ସରକାର ବାଟ ଖୋଜୁଛନ୍ତି। ସବ୍‌ରେଜିଷ୍ଟ୍ରାର ଦପ୍ତର ସହିତ ତହସିଲକୁ ଅନ୍‌ଲାଇନରେ ଯୋଡି ବିଧିବଦ୍ଧ ଫର୍ମ ୩ ବ୍ୟବସ୍ଥା ମୁତାବକ ଦାଖଲଖାରଜ ସମ୍ପାଦିତ ହେବ। ଫଳରେ ଲୋକେ ସବରେଜିଷ୍ଟ୍ରିଖାନାରେ ଜମି ବିକ୍ରିଖର୍ଦ୍ଦି କବଲା ହାସଲ କଲାପରେ ଦାଖଲଖାରଜ ପାଇଁ ଆଉ ତହସିଲ ଦପ୍ତରକୁ ଦୌଡିବାକୁ ପଡିବନାହିଁ। ଯଦି ଆଇନ ଅନୁଯାୟୀ କିଣାବିକା ହୋଇଥିବ ତେବେ ତାହା ଫର୍ମ ୩ ଜରିଆରେ ଅନ୍‌ଲାଇନ୍‌ରେ ଆପେ ଆପେ ଦାଖଲଖାରଜ ହୋଇ ନୂଆ ଖାତା ଓ ପଟ୍ଟା ମିଳିପାରିବ। ଏହି ବ୍ୟବସ୍ଥା ପ୍ରଚଳନ ପାଇଁ ପରିବର୍ତ୍ତିତ ପରିସ୍ଥିତି ମୁତାବକ ଏକ ଖସଡ଼ା ପ୍ରସ୍ତୁତି ନିମନ୍ତେ ସରକାରୀ ସ୍ତରରେ ଉଦ୍ୟମ ଚାଲିଥିବା ଜଣାପଡିଛି। ଯଦିଓ ଫର୍ମ ୩ ପ୍ରଚଳନ କିଛି ନୂଆ କଥା ନୁହେଁ। ୧୯୬୫ ଠାରୁ ଜମିବାଡି କିଣାବିକା କ୍ଷେତ୍ରରେ ଏହି ପ୍ରଚଳିତ ହେବାର ବିଧି ରହିଛି। ହେଲେ ରାଜଧାନୀ ଭଳି ସହରରେ ଯେଉଁଠାରେ ଦୈନିକ ଶହ ଶହ ସଂଖ୍ୟାରେ ଜମିବାଡି କିଣାବିକା ହେଉଛି, ସେଠାରେ ଏହି ଫର୍ମ ୩ ଚଳାଇବା ନାମକୁ ମାତ୍ର ହୋଇଯାଇଛି।

# କମିଶନରେଟ୍ ପୋଲିସ୍‌ରେ ୧୨ ନୂଆ ପିସିଆର ଭ୍ୟାନ୍ ସାମିଲ

**ଭୁବନେଶ୍ୱର :** ଟ୍ୱିନ୍‌ସିଟି କମିଶନରେଟ ପୋଲିସକୁ ଅଧିକ ସୁଦୃଢ଼ କରିବା ପାଇଁ ୧୨ଟି ନୂଆ ପିସିଆର ଭ୍ୟାନ୍ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କମିଶନରେଟ ପୋଲିସର ମୁଖ୍ୟାଳୟରେ ଏହି ୧୨ ପିସିଆର ଭ୍ୟାନ୍ ଓ ୫ ବାଇକ୍‌କୁ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଏହି ନୂତନ ଭ୍ୟାନ୍ ଓ ବାଇକ୍ କମିଶନରେଟ ପୋଲିସର ସେବା ଓ ତଦନ୍ତରେ ସହାୟକ ହେବା ସହିତ ଅପରାଧ ନିୟନ୍ତ୍ରଣ କରିବ ବୋଲି ଆଶା କରାଯାଉଛି। ଗତ କିଛିବର୍ଷ ମଧ୍ୟରେ ଦ୍ୱୈତନଗରୀରେ କେତେକ ପିସିଆର ଭ୍ୟାନ୍ ଖରାପ ହୋଇଯାଇଥିଲା। ତେବେ ଏହାର ଅଭାବକୁ ନୂତନ ପିସିଆର ଭ୍ୟାନ୍ ପୂରଣ କରିବ ବୋଲି ପୋଲିସ କମିଶନର ଯୋଗେଶ ବାହାଦୂର



ଖୁରାନିଆ କହିଛନ୍ତି। ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ୧୨ଟି ପିସିଆର ଭ୍ୟାନ୍‌ରୁ ୮ଟି ଭୁବନେଶ୍ୱର ଓ ୪ଟି କଟକ କମିଶନରେଟ ପୋଲିସକୁ ହସ୍ତାନ୍ତର କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ପିସିଆର ଭ୍ୟାନ୍‌ଗୁଡ଼ିକରେ ଫ୍ଲିକରିଂ ଲାଇଟ୍, ସାଇରନ୍ ସହିତ ମାଇକ୍ ସିଷ୍ଟମ, ଫୋକସ୍ ଲାଇଟ୍ ଓ ଅଟୋମେଟିକ୍ ଭେଇକଲ ଲୋକେଟର ଇତ୍ୟାଦି ସଂଯୋଗ କରାଯାଇଛି। ନୂତନ ପିସିଆର ଭ୍ୟାନ୍‌କୁ ମିଶାଇଲେ ଭୁବନେଶ୍ୱର ସହରାଞ୍ଚଳ ପାଇଁ ୩୩ଟି ଓ କଟକ ସହରାଞ୍ଚଳ ପାଇଁ ୨୨ଟି ପିସିଆର୍ ଭ୍ୟାନ୍ ରହିଛି। ସେହିପରି ୫ଟି ବାଇକ୍ ଭୁବନେଶ୍ୱର ସହରାଞ୍ଚଳ ପାଇଁ ନିୟୋଜିତ କରାଯିବ ବୋଲି ଜଣାପଡ଼ିଛି।

## ୪୭ ପ୍ରକଳ୍ପକୁ ମଞ୍ଜୁରି

# ଚାଷୀଙ୍କ ପାଇଁ ୧୫୦ କୋଟି

**ଭୁବନେଶ୍ୱର :** ଚାଷୀଙ୍କ ଆୟ ବୃଦ୍ଧି ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୧୫୦ କୋଟି ଟଙ୍କାର ୪୭ଟି ନୂଆ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ମୋଟ ୬୧୫ଟି ପ୍ରକଳ୍ପ କାର୍ଯ୍ୟ ସରକାର ହାତକୁ ନେଇଥିଲେ ବି ସେଥିମଧ୍ୟରୁ ୩୭୯ଟି ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୨୩୬ଟି କାର୍ଯ୍ୟ ଚାଲିଥିବା ସୂଚନା ମିଳିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମଞ୍ଜୁରି କମିଟି ବୈଠକରେ ଚଳିତ ଆର୍ଥିକ ବର୍ଷ ନିମନ୍ତେ ଉପରୋକ୍ତ ୪୭ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ରହିଛି। ଶସ୍ୟବୀମାରେ ନିଷ୍ପତ୍ତି ସହାୟକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ, ରାଜ୍ୟ ଜୈବ କୀଟନାଶକ ପରୀକ୍ଷାଗାର ପ୍ରତିଷ୍ଠା, ମଞ୍ଜି ପରୀକ୍ଷାଗାରର ଆଧୁନିକୀକରଣ, ମୃତ୍ତିକା ପରୀକ୍ଷାଗାର ପାଇଁ ବିକଳ୍ପ ବିହନ ବ୍ରବସ୍ଥା, ଉତ୍ପାଦିତ ଦ୍ରବ୍ୟର କାରବାର ପାଇଁ ମୂଲ୍ୟ ଶୃଙ୍ଖଳା ପ୍ରତିଷ୍ଠା, ଗାଇଗୋରୁଙ୍କ ପାଇଁ ରକ୍ତଭଣ୍ଡାର ପ୍ରତିଷ୍ଠା ଆଦି। ସୂଚନାଯୋଗ୍ୟ ଯେ ମୋଟ ୫୦ଟି ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ ନିମନ୍ତେ ପଠାଯାଇଥିଲା। ୨୦୦୭-୦୮ରୁ ରାଜ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ କେନ୍ଦ୍ର ଏବଂ ରାଜ୍ୟର ପାଣ୍ଠି ଅନୁପାତ ହେଉଛି ୬୦:୪୦। ଚଳିତ ବର୍ଷ କେନ୍ଦ୍ର ସରକାର ୨୦୫.୧୯ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ରାଜ୍ୟ ସରକାର ୧୩୬.୭୯ କୋଟି ଟଙ୍କା ଯୋଗାଇଛନ୍ତି। ଏବର୍ଷ ନିମନ୍ତେ ଏହି ଯୋଜନାରେ କାର୍ଯ୍ୟକାରିତା ପାଇଁ ମୋଟ ୭୦୭.୫୫ କୋଟି ଟଙ୍କା ବଜେଟ୍‌ରେ ବ୍ୟୟବରାଦ କରାଯାଇଛି। ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟରେ ଶେଷ କରିବା ସହିତ ଚାଷୀମାନଙ୍କ ଆୟ ଯେପରି ବୃଦ୍ଧି ହୋଇପାରିବ ସେ ନେଇ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ବିଭାଗୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, ଜଙ୍ଗଲ ଏବଂ ପରିବେଶ ବିଭାଗ ପ୍ରମୁଖ ସଚିବ ସୁରେଶ ମହାପାତ୍ର, କୃଷି ବିଭାଗ ପ୍ରମୁଖ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ତୁହିନକାନ୍ତ ପାଣ୍ଡେ, କେନ୍ଦ୍ରୀୟ କୃଷି ମନ୍ତ୍ରଣାଳୟର ଏ.ନିରୋଜା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଚୌଦ୍ୱାର ଜେଲ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ଲାଗିବ ୭୮ ସିସି କ୍ୟାମେରା

**ଚୌଦ୍ୱାର :** ଚୌଦ୍ୱାର ସର୍କଲ ଜେଲ୍‌ରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ୭୮ ସିସି କ୍ୟାମେରା ଲାଗିବ। ଇତିମଧ୍ୟରେ ସିସି କ୍ୟାମେରା ଲାଗିବା କାମ ଆରମ୍ଭ ହୋଇଯାଇଛି। ଜେଲ୍‌ରେ ଥିବା ୫୬ଟି ସିସି କ୍ୟାମେରା ଦୀର୍ଘଦିନ ଧରି ଅଚଳ ହୋଇପଡିଥିଲା। ଯାହାଫଳରେ ଜେଲ୍‌ରେ ବେଧଡକ ଭାବେ ମାଦକଦ୍ରବ୍ୟଠାରୁ ଆରମ୍ଭ କରି ବିଭିନ୍ନ ସୌଖୀନ ସାମଗ୍ରୀ ଚାଲାଣ ହେଉଥିଲା। ନିକଟରେ ହୋଇଥିବା ଚଢ଼ଉରେ ବିପୁଳ ମାଦକଦ୍ରବ୍ୟ ଜବତ ହେବା ପରେ ସିସି କ୍ୟାମେରା ଲଗାଯିବା ଉପରେ କର୍ତ୍ତୃପକ୍ଷ ଜୋର ଦେଇଛନ୍ତି। ଜେଲ୍‌ରେ ପୂର୍ବରୁ ୫୬ ସିସି କ୍ୟାମେରା ଲାଗିଥିଲା। ଏବେ ଏହି ସଂଖ୍ୟା ୭୮କୁ ବୃଦ୍ଧି କରାଯାଇଛି। ଜେଲ୍‌ର ପ୍ରବେଶ ପଥରେ ଥିବା ମୁଖ୍ୟ ଗେଟ୍ ଯେଉଁଠାରେ କି ଦେଖାସାକ୍ଷାତ କରିବା ପାଇଁ ତନଖି କରାଯାଏ, ଜେଲ୍ ଭିତରକୁ ପ୍ରବେଶ କରିବା ପାଇଁ ଥିବା ମେନ୍ ଗେଟ୍‌ର ଉଭୟ ପାର୍ଶ୍ୱ, ଜେଲ୍ ପାଚେରିର ବିଭିନ୍ନ ସ୍ଥାନ, ୪୩ ନମ୍ବର ୱାର୍ଡ, ରୋଷଇ ହେଉଥିବା ସ୍ଥାନ ଗୁଡିକରେ ସିସି କ୍ୟାମେରା ଲଗାଯାଉଛି। ୨୦୧୫-୧୬ରେ ଦୁଇଥର ବିଧାନସଭା ଷ୍ଟାଣ୍ଡିଂ କମିଟି ଗସ୍ତ କରି ଜେଲ୍‌ରେ ରହିଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ହେଲେ ଆବଶ୍ୟକତା ଅନୁସାରେ, ସିସି କ୍ୟାମେରା ଲାଗିପାରି ନଥିଲା। ଫଳରେ ଏହାର ଫାଇଦା ନେଉଥିଲେ ଅପରାଧୀ। ୪ ବର୍ଷ ମଧ୍ୟରେ ଜେଲ୍‌ରେ ପ୍ରାୟ ୭ଥର ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ମାଦକଦ୍ରବ୍ୟ, ଏଲ୍‌ଇଡି ଟିଭି ଜବତ କରାଯାଇଥିଲା। ହେଲେ ଜେଲ୍ ମଧ୍ୟକୁ ଏହା କିପରି ଯାଉଛି ସେ ସମ୍ପର୍କରେ କିଛି ପ୍ରମାଣ ମିଳିପାରୁ ନଥିଲା। ଏବେ ଜେଲ୍‌ରେ ରାଜ୍ୟର ବହୁ ହାଇପ୍ରୋଫାଇଲ ଅପରାଧୀ ରହୁଛନ୍ତି। ପୁଣି କ୍ଷମତାଠାରୁ ମଧ୍ୟ ଅଧିକ ସଂଖ୍ୟାରେ କଏଦୀ ରହୁଛନ୍ତି। ଏଣେ ଜେଲ୍‌ରେ କର୍ମଚାରୀ ଓ ଅଫିସରଙ୍କ ସଂଖ୍ୟା କମ ଥିବାରୁ ନଜର ରଖିବା ସମ୍ଭବପର ହେଉନାହିଁ। ତେଣୁ ସିସି କ୍ୟାମେରା ଲାଗିବା ଦ୍ୱାରା ଅନେକାଂଶରେ ଏହି ସମସ୍ୟା ଦୂର ହେବ ବୋଲି ଜେଲ୍ କର୍ତ୍ତୃପକ୍ଷ ଆଶାବ୍ୟକ୍ତ କରିଛନ୍ତି।

# ଡିସେମ୍ବର ସୁଦ୍ଧା ଆଉଏକ ୯ ତାଲା

**ଭୁବନେଶ୍ୱର :** ରାଜଧାନୀରେ ଛିଡା ହେବ ଆଉ ଏକ ନୂଆ ୯ ମହଲା ସରକାରୀ ସୌଧ। ଏଥିପାଇଁ ଜୋରସୋରରେ ଆଗେଇ ଚାଲିଛି ନିର୍ମାଣ କାର୍ଯ୍ୟ। ଯଦି ସବୁକିଛି ଯୋଜନା ମୁତାବକ ହୁଏ ତେବେ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ସୌଧରେ କାର୍ଯ୍ୟାରମ୍ଭ ହେବ। ନିର୍ମାଣ ସୌଧର ସାମ୍ନା ତଥା କମିଶନରେଟ୍ ପୋଲିସ ବିଲଡିଂରା ପଛପାଖେ ନିର୍ମାଣ ଚାଲିଛି ଏହି ବିଶାଳକାୟ ସୌଧ। ପର୍ଯ୍ୟାପ୍ତ ଜାଗା ନଥିବାରୁ ବର୍ତ୍ତମାନର ୯ ତାଲା ବିଲ୍ଡିଂରେ ବିଭାଗୀୟ ମୁଖ୍ୟ ଦପ୍ତର ଚଳାଇବା କାଠିକାର ପାଠ ହୋଇଯାଉଛି। ନୂଆ ଅଫିସ ଆବଶ୍ୟକ ପଡିବାରୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଉ ଏକ ୯ ତାଲାର ପରିକଳ୍ପନା କରାଯାଇଥିଲା। ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି ପୂର୍ତ୍ତ ଅଧିନସ୍ଥ କୋଠାବାଡି ବିଭାଗକୁ। ଏହି ପ୍ରକଳ୍ପ ପାଇଁ ୧୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହର ନିର୍ଦ୍ଦେଶାଳୟ ସମେତ ବିଭିନ୍ନ ଦପ୍ତର ଭାଙ୍ଗି ଆରମ୍ଭ ହୋଇଥିଲା ପ୍ରକଳ୍ପ କାମ। ୨୦୧୫ ଡିସେମ୍ବରରୁ କାମ ଆରମ୍ଭ କରିଛି ଏଲ୍‌ଆଣ୍ଡଟି ଠିକା କମ୍ପାନୀ। ଏହା ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂରା ପ୍ରକଳ୍ପ ପାଇଁ ୮.୬୦୦ ଏକର ଜମି ଥିବା ବେଳେ ୩୦ ହଜାର ବର୍ଗ ମିଟର ଜମିରେ ବିଲ୍ଡିଂ ନିର୍ମାଣ ହେବ। ସରକାରୀ ଅଫିସ ସହ ବଡ କ୍ୟାଣ୍ଟିନ୍ ମଧ୍ୟ ଏଥିରେ ରହିବ। ବିଲ୍ଡିଂ ନିର୍ମାଣ ହେବା ପରେ ବିଭିନ୍ନ ସରକାରୀ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଏଠାକୁ ଉଠି ଆସିବ ବୋଲି ଜଣାପଡିଛି। ସୂଚନାଥାଉ କି, ପ୍ରଥମେ ଓସ୍‌ଡମା ଅଫିସ ନୂଆ ବିଲ୍ଡିଂକୁ ଆସିବ। କୋଠାବାଡି ବିଭାଗର ମୁଖ୍ୟଯନ୍ତ୍ରୀ ସତ୍ୟରଞ୍ଜନ ସେଠୀଙ୍କ କହିବାନୁସାରେ, ଏହାଏକ ଗ୍ରୀନ୍ ବିଲ୍ଡିଂ ହେବ। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାକୁ ଗ୍ରୀନ୍ ବିଲ୍ଡିଂ ରୂପ ଦିଆଯାଇଛି। କେନ୍ଦ୍ର ଅକ୍ଷୟ ଉର୍ଜା ମନ୍ତ୍ରଣାଳୟର ଗାଇଡ୍ ଲାଇନ୍ ଅନୁଯାୟୀ ବିଲ୍ଡିଂରେ ବିଭିନ୍ନ ବ୍ୟବସ୍ଥା ରଖାଯାଇଛି। ଦିନବେଳା ଆଲୋକ ପାଇଁ ଅଯଥା ବିଦ୍ୟୁତ୍ ଖର୍ଚ୍ଚ କରିବାକୁ ପଡିବନି। ସୂର୍ଯ୍ୟାଲୋକରୁ ଅଫିସକୁ ଆବଶ୍ୟକ ମୁତାବକ ଆଲୋକ ମିଳିପାରିବ। କମ ବିଜୁଳି ଖର୍ଚ୍ଚ ହେଲା ଭଳି ବୈଦ୍ୟୁତିକ ସାମଗ୍ରୀ ଉପଯୋଗ କରାଯିବ। ଏହି ବିଲ୍ଡିଂରୁ ବର୍ଷା ପାଣି ନଷ୍ଟ ହେବନି। ଏହି ଜଳ ଲ୍ୟାଣ୍ଡସ୍କେପିଂ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ, ସେଥିପାଇଁ ବ୍ୟବସ୍ଥା ରହିବ। ପବନ ଆସିବା ପାଇଁ ଉପଯୁକ୍ତ ଭେଣ୍ଟିଲେଟର ବ୍ୟବସ୍ଥା ରହିବ ବିଲ୍ଡିଂରେ। ନ୍ୟାସନାଲ୍ ବିଲ୍ଡିଂ କୋଡ୍ ସର୍ତ୍ତାବଳୀକୁ ମଧ୍ୟ ପାଳନ କରାଯାଇଛି। ବିଲ୍ଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିବା ବେଳେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ର‍୍ୟାମ୍ପ ରହିବ। ଲିଫ୍ଟରେ ଅଡିଓ ବ୍ୟବସ୍ଥା ରଖାଯିବ। ଭିନ୍ନକ୍ଷମଙ୍କ ସୁବିଧା ପାଇଁ ଟଏଲେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ବିଲ୍ଡିଂର ପ୍ରତି ମହଲାରେ କନଫରେନ୍ସ ହଲ୍ ରଖାଯାଇଛି। ଏଥିରେ ସର୍ବାଧିକ ୬୦ଟି ଆସନ ପଡିପାରିବ। ସବୁଠୁ ଉପର ମହଲାରେ ୨୦୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ବିଲ୍ଡିଂରେ ଆର୍କିଟେକ୍ କାମକୁ ବି ଗୁରୁତ୍ୱ ଦିଆଯିବ। ପାର୍କିଂ ପାଇଁ ମୋଟ ଜମିର ୩୦% ଜାଗା



ରହିବ। ବର୍ତ୍ତମାନ ସୁଦ୍ଧା ୮୦% ନିର୍ମାଣ କାର୍ଯ୍ୟ ସରିଲାଣି। ଡିସେମ୍ବର ସୁଦ୍ଧା ପୂରା ପ୍ରକଳ୍ପ କାମ ସରିବ। ଏହା ପରେ ସାଧାରଣ ପ୍ରଶାସନ ବିଭାଗକୁ ବିଲଡିଂ ହସ୍ତାନ୍ତର କରାଯିବ।

ମୂର୍ଖମାନଙ୍କ ସହିତ କଥା କିମ୍ବା କଳହ କରାଯାଏ ନାହିଁ, ଏହା କରିବା ଦ୍ୱାରା କେବଳ ଆପଣଙ୍କ ସମୟ ହିଁ ନଷ୍ଟ ହେବ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ସମ୍ପାଦକୀୟ

## ଯୋଜନା ସମୟୋପଯୋଗୀ ହେଉ

ଏବେ କଲ୍‌ମାର ନିଗିଡା ପାଣିକୁ ଭରସା କରୁଛି ମହାନଦୀ ଓ ମହାନଦୀ ଭରସାରେ ଓଡ଼ିଶା । ଚଳିତବର୍ଷ ଗ୍ରୀଷ୍ମଋତୁ ପୂର୍ବରୁ ମହାନଦୀ, ଏହାର ଶାଖାନଦୀ ଗୁଡ଼ିକରେ ଅସମ୍ଭବ ଭାବେ ଜଳପତନ ହ୍ରାସ ପାଇବା ପରେ ରାଜ୍ୟ ସରକାର ବିଶେଷ ଭାବେ ଚିନ୍ତିତ ହୋଇପଡିଛନ୍ତି । ପଡୋଶୀ ରାଜ୍ୟ ଛତିଶଗଡ଼ର ମନୋଭାବକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ଆନ୍ତଃରାଜ୍ୟ ଟ୍ରିବ୍ୟୁନାଲ ଗଠନ ନିମନ୍ତେ ଦାବି ଉଠାଇଛନ୍ତି ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଛତିଶଗଡ଼ ସରକାର କଲ୍‌ମା ବ୍ୟାରେଜର ସବୁତକ ଗେଟ୍ ବନ୍ଦ କରି ପାଣି ଅଟକାଇ ରଖିବା ଦ୍ୱାରା ଓଡ଼ିଶାର ମହାନଦୀ ଶୁଖିଲା ପଡିଛି । ଏହା ଯଥାର୍ଥ ହୋଇଥିଲେ ବି ମହାନଦୀ ସମସ୍ୟା ନେଇ ଓଡ଼ିଶା ସରକାର ଆଗରୁ ଚିନ୍ତା ନକରି ଦୀର୍ଘବର୍ଷ ନୀରବ ରହିବା କାରଣରୁ ଛତିଶଗଡ଼ ସରକାର ମହାନଦୀର ଉପରମୁଣ୍ଡରେ ଗୋଟିଏ ପରେ ଗୋଟିଏ ବୃହତ୍ତ ବ୍ୟାରେଜ ନିର୍ମାଣ କରି ଚାଲିଛନ୍ତି । ଯଦିଓ ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ସରକାର ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମାମଲା ବିଚାରାଧିନ ଥିବା ବେଳେ ଛତିଶଗଡ଼ ସରକାର କେଉଁ ଆଧାରରେ କଲ୍‌ମା ବ୍ୟାରେଜର ଗେଟ୍ ବନ୍ଦ ରଖି ଓଡ଼ିଶା ଲୋକଙ୍କୁ ଜଳ ଯନ୍ତ୍ରଣା ଦେଉଛନ୍ତି ତାହା ଏବେ ଚିନ୍ତାର ବିଷୟ ।

ସଂଘୀୟ ବ୍ୟବସ୍ଥା ଅନୁସାରେ କୌଣସି ବିବାଦୀୟ ନିଷ୍ପତ୍ତି ପୂର୍ବରୁ ରାଜ୍ୟ-ରାଜ୍ୟ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରାଯିବା କଥା । ହେଲେ ମହାନଦୀ କ୍ଷେତ୍ରରେ ଛତିଶଗଡ଼ ଏକଚାଟିଆ ନିଷ୍ପତ୍ତି ନେବାର ଯଥାର୍ଥତା ଅଛି କି ? ତେବେ ବିଗତ ୧୦ ବର୍ଷ ହେବ ଛତିଶଗଡ଼ ସରକାର ନିଜ ରାଜ୍ୟରେ ପ୍ରବାହିତ ମହାନଦୀର ଜଳ ପ୍ରବାହକୁ ଆକଳନ କରି ଗୋଟିଏ ପରେ ଗୋଟିଏ ଡ୍ୟାମ୍, ବ୍ୟାରେଜ ନିର୍ମାଣ କରୁଥିଲା ବେଳେ ଓଡ଼ିଶାରେ ଏଭଳି କିଛି ପଦକ୍ଷେପ ନିଆଗଲାନି କାହିଁକି ? ନିଜ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା, ଚାଷୀଙ୍କ କ୍ଷେତକୁ ପାଣି ଯୋଗାଇବା ଓ ଲୋକଙ୍କ ପାଇଁ ପାନୀୟ ଜଳର ସୁବନ୍ଦୋବସ୍ତ କରିବାକୁ ଯେତେବେଳେ ପଡୋଶୀ ରାଜ୍ୟ ଯୋଜନା କରିପାରୁଛି, ଆମେ ଏ କ୍ଷେତ୍ରରେ ପଛୁଆ ହେଲେ କିପରି ? କେନ୍ଦ୍ରୀୟ ଜଳ ଆୟୋଗଙ୍କ ନୀତି, ନିୟମ ସମସ୍ତଙ୍କ ପାଇଁ ସମାନ ଥିବା ବେଳେ ଏହାର ଫାଇଦା ଛତିଶଗଡ଼ ଏକୁଟିଆ ପାଉଛି ବୋଲି ଆମେ ଅଭିଯୋଗ କରିପାରିବା କି ? ସମାନ ବ୍ୟବସ୍ଥା ଭିତରେ ଥିବା ଦେଶର ଦୁଇଟି ରାଜ୍ୟରେ ବିକାଶର ସଂଜ୍ଞା ଭିନ୍ନ ହେବା ଦ୍ୱାରା ଏଭଳି ସମସ୍ୟା ଉପୁଜିନାହିଁ ତ ? ଏଭଳି ଅନେକ ପ୍ରଶ୍ନବାଚୀ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି । ଲୋକଙ୍କ ସୁରକ୍ଷା ପାଇଁ ନିରନ୍ତର ପ୍ରୟାସ କରୁଥିବା କୌଣସି ସରକାର ଚେଷ୍ଟାରେ ବିଫଳ ହୁଅନ୍ତି ନାହିଁ । ତେଣୁ ମହାନଦୀ କ୍ଷେତ୍ରରେ ଆମକୁ ସେଭଳି କିଛି ନୀତି ଆପଣେଇବାକୁ ପଡିବ । ଯାହାଫଳରେ ଆମ ରାଜ୍ୟର ଶିଳ୍ପ, କୃଷି ଓ ପାନୀୟ ଜଳ ସଂକଟକୁ ଦୂର କରିବା ଦିଗରେ ମହାନଦୀ ପାଇଁ ସଫଳ ଯୋଜନା ପ୍ରସ୍ତୁତ ହେବା ଦରକାର । ଯାହାକି ଭବିଷ୍ୟତ ବଂଶଧରଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇପାରିବ ।

ସାମୟିକ ଭାବେ ଚାପ ପ୍ରୟୋଗ କରି କଲ୍‌ମାର ଗେଟ୍ ଖୋଲି ଜଳ ଆଣିବା ହୁଏତ ସହଜ ହୋଇପାରେ । ମାତ୍ର ବିକଳ୍ପ ଭାବେ ସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା କଥାକୁ ଅଣଦେଖା କଲେ ସମସ୍ୟା ଭବିଷ୍ୟତରେ ଏହି ସମସ୍ୟା ଦ୍ୱିଗୁଣିତ ହେବାର ଆଶଙ୍କା ରହିଛି । ସମ୍ପ୍ରତି ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମ ତଥ୍ୟରୁ ଆମେ ଜାଣିଲେ ଯେ କଲ୍‌ମା ବ୍ୟାରେଜର ଗେଟ୍ ସେପଟେ ଜଳ ଉବୁଟୁବୁ, ହେଲେ ଓଡ଼ିଶାର ମହାନଦୀ ଶୁଖିଲା । ଏହାକୁ ଭିତ୍ତିକରି ରାଜ୍ୟ ଜଳ ସମ୍ପଦ ବିଭାଗ ହୁଏତ ତଥ୍ୟ ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବା ସ୍ୱାଭାବିକ । ହେଲେ ଆମ ରାଜ୍ୟରେ ମହାନଦୀର ଜଳ ବର୍ଷାଦିନକୁ ବାଦ୍ ଦେଇ ଅନ୍ୟ ଦିନ ଗୁଡ଼ିକ ପାଇଁ ସଂରକ୍ଷଣ କରିବା ଆମପାଇଁ ବର୍ତ୍ତମାନର ସବୁଠୁ ବଡ ଆହ୍ୱାନ । ଆଗାମୀ ଦିନରେ ଛତିଶଗଡ଼ର ରମଣ ସରକାର କଲ୍‌ମା ବ୍ୟାରେଜର ଉପର ମୁଣ୍ଡରେ ହୁଏତ ଅଧିକରୁ ଅଧିକ ବ୍ୟାରେଜ ନିର୍ମାଣ କରିବାର ସମ୍ଭାବନା ରହିଛି । ଏମିତି ହେଲେ ଏହା ହେଲେ ବର୍ଷାଋତୁ ସମୟରେ ଛତିଶଗଡ଼ରୁ ମହାନଦୀର ଉଦ୍‌ବୃତ୍ତ ଜଳ ଓଡ଼ିଶାକୁ ଉବୁଟୁବୁ କରିପାରେ, କିନ୍ତୁ ଅନ୍ୟ ଋତୁ ଗୁଡ଼ିକରେ ସେପଟେ ଫାଟକ ବନ୍ଦ ରହିଲେ ଏପଟେ ହାହାକାର ଦେଖାଯିବ । ତେଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜନୈତିକ ଆରୋପ ପ୍ରତ୍ୟାରୋପ ଠାରୁ ଦୂରେଇ ଓଡ଼ିଶାର ସବୁ ରାଜନୈତିକ ଦଳମାନେ ମହାନଦୀ ବଞ୍ଚାଇବାକୁ ଉଦ୍ୟମ କରିବା ଦରକାର । ଏଭଳି ପରିସ୍ଥିତି ନହେଲେ ଭୟଙ୍କର ହୋଇପଡିବାର ଆଶଙ୍କା ଜଳଜଳ ଦିଶୁଛି । ତେଣୁ ସମୟୋପଯୋଗୀ ଯୋଜନା ହୋଇପାରିଲେ ବାସ୍ତବ ସ୍ଥିତି ସୁଦୃଢ଼ ହେବ ।

# ସ୍ୱଚ୍ଛ ଭାରତ ଅଭିଯାନ ଓ ଜନସଚେତନତା



ଗାୟତ୍ରୀ ଦାଶ

ଦୈନିକ ଇଂରାଜୀ ସମ୍ବାଦପତ୍ର 'ଟାଇମ୍ସ ଅଫ୍ ଇଣ୍ଡିଆ', ମାର୍ଚ୍ଚ ୧୬, ୨୦୧୭ ସଂସ୍କରଣରେ ଏକ ନିଉଜ୍ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ ଭାରତୀୟ ମାନଙ୍କର ଶୌଚାଳୟ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ଅଜ୍ଞାତ ହେତୁ ଦୂରଗାମୀ ଫ୍ଲାଇଟ୍ ଗୁଡିକର ଉଡାଣରେ ଅହେତୁକ ବିଳମ୍ବ ଘଟୁଛି । ସେଥିପାଇଁ ବିଭିନ୍ନ ଏଆରଲାଇନ୍‌ସ୍‌ର ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ ଯାତ୍ରୀମାନେ ବ୍ୟବହୃତ ଛୋଟ ତଉଲିଆ, ଟିସ୍ୟୁ ପେପର, ଛୋଟ ପାଣିବୋତଲ, ପ୍ଲାଷ୍ଟିକ୍ କପ୍, ଟୁଥ୍‌ବ୍ରସ୍ ଇତ୍ୟାଦି ବିମାନର ଟଏଲେଟ୍ କମୋଡ୍‌ରେ ଫୋପାଡିବା ଦ୍ୱାରା ଅବରୋଧ ସୃଷ୍ଟି ହେଉଛି । ତେଣୁ ବିମାନ ଅବତରଣ ପରେ ପୁନଃ ଉଡ଼ାଣ ପୂର୍ବରୁ ଏହି ବସ୍ତୁଗୁଡିକ ଠାବ କରି ବାହାର କରିବାରେ ବା ଫ୍ଲସ୍ ସିଷ୍ଟମକୁ ମରାମତି କରିବାରେ ଅନେକ ସମୟ ଲାଗି ଯାଉଛି । ତଦ୍ୱାରା ବିମାନର ପୁନଃଉଡ଼ାଣରେ ଅଯଥା ବିଳମ୍ବ ଘଟୁଛି । ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯଦିଓ ଅଧିକାଂଶ ଏଆରଲାଇନ୍ ଅଙ୍କେବହୁତ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଏଆରଇଣ୍ଡିଆ, ଯାହାକି ଆମ ଦେଶର ଯାତ୍ରୀବାହୀ ଉଡାଯାହାଜ କିଛି ଭାରତୀୟ ଯାତ୍ରୀଙ୍କ ନାଗରିକ ମୂଲ୍ୟବୋଧ ଅଭାବ ହେତୁ ଅନ୍ୟ ସମସ୍ତଙ୍କ ତୁଳନାରେ ଅଧିକ ଅସୁବିଧା ଭୋଗୁଛି ।

ଏହି ପ୍ରସଙ୍ଗ ଉତ୍‌ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଅକ୍ଟୋବର ୦୨, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଦେଶରେ 'ସ୍ୱଚ୍ଛ ଭାରତ ଅଭିଯାନ'ର ଶୁଭାରମ୍ଭ କଲେ । ରାସ୍ତାଘାଟ ଓ ଭିତ୍ତିଭୂମିକୁ ସ୍ୱଚ୍ଛ ରଖିବା ସହିତ ବ୍ୟକ୍ତିଗତ ଓ ସାର୍ବଜନୀନ ଶୌଚାଳୟ ବହୁ ସଂଖ୍ୟାରେ ନିର୍ମାଣ କରି ମୁକ୍ତାକାଶରେ ମଳତ୍ୟାଗକୁ ସମୟକ୍ରମେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ହେଉଛି ଏହି ଅଭିଯାନର ଉଦ୍ଦେଶ୍ୟ । ଏହାବ୍ୟତୀତ ଜୁନ୍, ୨୦୧୫ରେ ଭାରତ ସରକାରଙ୍କର ସହରୀ ବିକାଶ ମନ୍ତ୍ରଣାଳୟ ଦ୍ୱାରା 'ସ୍ମାର୍ଟସିଟି ମିଶନ୍ ପ୍ରୋଗ୍ରାମ୍' ମଧ୍ୟ ଆରମ୍ଭ କରାଗଲା । ଯେଉଁ ଯୋଜନାରେ ସମଗ୍ର ଦେଶର ବିଭିନ୍ନ ସହର ଗୁଡିକ ସହିତ ଆମ ରାଜ୍ୟର ମଧ୍ୟ ଦୁଇଟି ସହର ଭୁବନେଶ୍ୱର ଓ ରାଉରକେଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଜ୍ୟବସ୍ତୁର ସୁପରିଚାଳନା କରିବା, ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇବା, ଶୌଚାଳୟ ନିର୍ମାଣ ପାଇଁ ପ୍ରୋତ୍ସାହନ ଦେବା, ସର୍ବସାଧାରଣ ସ୍ଥାନ ବା ରାସ୍ତା ଉପରେ ଆବର୍ଜନା, କଂକ୍ରିଟ୍ ଆଦି ଗଦାକରି ରଖିଲେ ଜୋରିମନା ଆଦାୟ କରିବା, ସୋସିଆଲ ମିଡିଆ ମାଧ୍ୟମରେ ଜନସାଧାରଣ ଅଭିଯୋଗ ଓ ମତାମତ ଜଣାଇବା ପାଇଁ ବ୍ୟବସ୍ଥା କରିବା, ତଥା ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ଆଦି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ନିକଟରେ ଦେଶର ୪୪୩ଟି ସହରକୁ ନେଇ କରାଯାଇଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଜଣାପଡିଛି ଯେ ଏହି ସହରମାନଙ୍କରେ ସ୍ୱଚ୍ଛତାରେ ଉନ୍ନତି ଘଟିଛି ଓ ଜନସାଧାରଣ ମଧ୍ୟ ଏହି ଦିଗପ୍ରତି ଅଧିକରୁ ଅଧିକ ସଚେତନ ହେଉଛନ୍ତି ।

କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ଉପରୋକ୍ତ ଦୁଇଟି କାର୍ଯ୍ୟକ୍ରମ ଯେଉଁଭଳି ଉତ୍ସାହର ସହ ଆରମ୍ଭ କରାଯାଇଥିଲା ଓ ଏହାର କାର୍ଯ୍ୟକାରିତା ପାଇଁ ଯେଉଁ ପରିମାଣରେ ଟଙ୍କା ଖର୍ଚ୍ଚ କରାଯାଉଛି, ତଦନୁରୂପ ସଫଳତା ଏଯାବତ୍ ମିଳିପାରିନାହିଁ । ଯଦି ଉଦାହରଣ ସ୍ୱରୂପ ଭୁବନେଶ୍ୱର ସହରକୁ ନିଆଯାଏ, ଦେଖାଯାଉଛି ଯେଉଁ ଅଞ୍ଚଳରେ ଆସେମ୍ବ୍ଲି, ସେକ୍ରେଟାରିଏଟ୍, ରାଜଭବନ, ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଓ ବଡବଡ ହୋଟେଲ ଆଦି ଅବସ୍ଥିତ ତଥା ଏୟାରପୋର୍ଟରୁ ଏହିସବୁ ସ୍ଥଳକୁ ସଂଯୋଗ କରିଥିବା ରାସ୍ତା ରହିଛି, ସେହିସବୁ କ୍ଷେତ୍ରରେ ସଫେଇ କାର୍ଯ୍ୟ ସଠିକ୍ ଢଙ୍ଗରେ ହେବା ଉପରେ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ସହରର କେନ୍ଦ୍ର ତଥା ଉପାନ୍ତରେ ଥିବା ଅନେକ ଜନବହୁଳ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଉପରେ ପ୍ରାଧାନ୍ୟ ଦିଆଯାଉନାହିଁ । ଏବେ ମଧ୍ୟ ଅର୍ଦ୍ଧାଧିକ ଅଞ୍ଚଳର ଆବାସିକ, ବ୍ୟବସାୟିକ ତଥା ଖୋଲା ଜାଗା ଗୁଡିକରେ କୁଢ଼କୁଢ଼ ଅଳିଆ ଆବର୍ଜନା ବର୍ଷବର୍ଷ ଧରି ପଡିରହୁଛି । ଡ୍ରେନ୍ ଗୁଡିକରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ଭାବରେ ହେଉନାହିଁ । ସର୍ବସାଧାରଣ ସ୍ଥାନରେ ଶୌଚାଳୟ ସୁବିଧା ନାହିଁ, ଯେଉଁଠାରେ ଉପଲବ୍ଧ, ହାତଗଣତି ଛାଡିଦେଲେ ବାକି ସବୁଥିରେ ସ୍ୱଚ୍ଛତାର ମାନ ଆଦୌ ଗ୍ରହଣୀୟ ନୁହେଁ । ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ଦିଆଯାଉଥିବା ସତ୍ତ୍ୱେ ବାସ୍ତବ ଚିତ୍ର ସନ୍ତୋଷଜନକ ନୁହେଁ । ବେସରକାରୀ ସ୍ତରରେ ମଧ୍ୟ ସ୍ୱଚ୍ଛତା ରକ୍ଷା ଦିଗରେ ଅଧିକ ଉଦ୍ୟମର ଆବଶ୍ୟକତା ବେସରକାରୀ ସ୍ତରରେ ମଧ୍ୟ ସ୍ୱଚ୍ଛତା ରକ୍ଷା ଦିଗରେ ଅଧିକ ଉଦ୍ୟମର ଆବଶ୍ୟକତା ରହୁଛି । ନିଜ ଘର ପରିଷ୍କାର ପରିଚ୍ଛନ୍ନ ରଖିବାରେ ଆମେ ଧ୍ୟାନ ଦେଉଛୁ ସତ, କିନ୍ତୁ ସର୍ବସାଧାରଣ ସ୍ଥାନ ଯେପରିକି ରେଳଷ୍ଟେସନ, ବସ୍‌ଷ୍ଟାଣ୍ଡ, ଡାକ୍ତରଖାନା, ପାର୍କ, ସିନେମାହଲ, ରାସ୍ତାଘାଟ ଏପରିକି ନିଜ ଘର ସାମ୍ନା ରାସ୍ତା ମଧ୍ୟ ସ୍ୱଚ୍ଛ ସ୍ୱଚ୍ଛ ରଖିବା ଦିଗରେ ଆନ୍ତରିକତାର ଘୋର ଅଭାବ ରହୁଛି । ନିକଟରେ ଏକ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା ଯେ ବର୍ଜ୍ୟବସ୍ତୁ ଫୋପାଡିବା ନିମିତ୍ତ ଭୁବନେଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ମହାନଗର ନିଗମ ତରଫରୁ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ଲୋକମାନେ ବ୍ୟବହୃତ ପ୍ଲାଷ୍ଟିକ ଜରି, କାଗଜ ଓ ଅନ୍ୟାନ୍ୟ ଅଳିଆ ସେଥିରେ ନ ପକାଇ ରାସ୍ତାରେ ଏଣେ ତେଣେ ଫୋପାଡୁଛନ୍ତି । ଏହିଭଳି ସ୍ଥିତି କେବଳ ଭୁବନେଶ୍ୱର କାହିଁକି ସମଗ୍ର ରାଜ୍ୟ ତଥା ଦେଶର ଅନେକ ସ୍ଥାନରେ ପରିଲକ୍ଷିତ ହେଉଛି । ଯେଉଁଥିରୁ ଜଣାପଡୁଛି ସମସ୍ୟାର ମୂଳକାରଣ ଏହି ଲେଖାର ପ୍ରଥମ ଅନୁଚ୍ଛେଦରେ ଦର୍ଶାଯାଇଥିବା ଭାରତୀୟ ଚିନ୍ତାଧାରା ସଦୃଶ ଆମର 'ଖାମଖିଆଲି' ମାନସିକତା ସହ ଜଡିତ ।

ଯଦି ଆମେ ଭାବିବା, ଯେଉଁଠି ଏଥିପାଇଁ କୌଣସି ଦଣ୍ଡବ୍ୟବସ୍ଥା ନାହିଁ, ଖସିଯାଇପାରିବା, ସେଠି ସବୁ ନିୟମକୁ ଭାଙ୍ଗିରୁଜି ବା ମାନବୀୟ ମୂଲ୍ୟବୋଧକୁ ଭୁଲିଯାଇ କାମ କରିବା । ତେବେ ଜାଣି ରଖିବା ଉଚିତ ଯେ କୌଣସି ସରକାର ଅଥବା ବ୍ୟବସ୍ଥା ଏକାକୀ କିଛି କରିପାରିବ ନାହିଁ । ସ୍ୱଚ୍ଛତା କାର୍ଯ୍ୟକ୍ରମ ପୂର୍ଣ୍ଣମାତ୍ରାରେ ସଫଳ ହେବ ସେତେବେଳେ ଯେବେ ଉଭୟ ସରକାରୀ ତଥା ବ୍ୟକ୍ତିଗତ ସ୍ତରରେ ଏହି ମାନସିକତାର ପରିବର୍ତ୍ତନ ହେବ ।

ଏଥିପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଉନ୍ନତିମୂଳକ ଅଥବା ସୁଧାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ସେଥିରେ ଜନସାଧାରଣଙ୍କୁ ସାମିଲ କରାଯିବା ଏକାନ୍ତ ଆବଶ୍ୟକ । ଆବାସିକ ସ୍ଥଳରେ ବାସ କରୁଥିବା ଲୋକମାନଙ୍କୁ ଓ ବ୍ୟବସାୟିକ ସ୍ଥଳରେ କାର୍ଯ୍ୟ କରୁଥିବା ଛୋଟବଡ ବ୍ୟବସାୟୀମାନଙ୍କୁ ସେମାନଙ୍କ ନିଜ ନିଜ କ୍ଷେତ୍ର ସଫେଇ କର୍ମଚାରୀଙ୍କ ମାଧ୍ୟମରେ ତଥା ନିଜ ସହଯୋଗିତାରେ ପରିଷ୍କାର ରଖିବା ପାଇଁ ଉତ୍ସାହିତ କରାଯିବା ଦରକାର । ନିୟମିତ ବ୍ୟବଧାନରେ ସେମାନଙ୍କ ଠାରୁ ପ୍ରତ୍ୟେକ୍ଷ ଭାବରେ ପ୍ରସ୍ତାବ ବା ପରାମର୍ଶ ଗ୍ରହଣ କରାଯାଇ ଉଚିତ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରାଯାଇପାରିବ । ଏହାଦ୍ୱାରା ସଫେଇ କର୍ମଚାରୀମାନେ ତଥା ସଂପୃକ୍ତ ସଂସ୍ଥା / ବିଭାଗ ଅଧିକ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବେ ଓ ଜନସାଧାରଣ ମଧ୍ୟ (ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ) ସଚେତନ ହୋଇ ପରିବେଶ ଅପରିଷ୍କାର ନ କରିବା ଦିଗରେ ଯତ୍ନବାନ ହେବେ ।

ବର୍ତ୍ତମାନ ଆସିବା ବ୍ୟକ୍ତିଗତ ସ୍ତରକୁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହହଉଛି, କେବଳ ସରକାରଙ୍କ ତରଫରୁ କରାଯାଉଥିବା ବିଭିନ୍ନ ଯୋଜନା ତଥା କାର୍ଯ୍ୟକ୍ରମକୁ ଅପେକ୍ଷା ନକରି ଆମେ ମଧ୍ୟ ନିଜ ନିଜ ସ୍ତରରେ ଘର, ଆଖପାଖ ପରିବେଶ ତଥା ବ୍ୟବହାର କରୁଥିବା ସର୍ବସାଧାରଣ ସ୍ଥଳର ପରିଷ୍କାର ପରିଚ୍ଛନ୍ନତା ଦିଗରେ ଧ୍ୟାନ ଦେବା ଆବଶ୍ୟକ । ମନରେ ଇଚ୍ଛାଶକ୍ତି ଥିଲେ ଆମେ ମଧ୍ୟ ଅନେକ କିଛି କରିପାରିବା, ଯେପରିକି –

(୧) ଘର ଓ ଏହାର ଚତୁଃପାର୍ଶ୍ୱ ସଫା କରି ଅଳିଆ ଆବର୍ଜନା ସାମନା ରାସ୍ତାକୁ ମନଇଚ୍ଛା ନ ଫୋପାଡି ଏଭଳି ରଖିବା ଯେପରି ସଫେଇ କର୍ମଚାରୀ ଠିକ୍ ଭାବେ ସଂଗ୍ରହ କରିନେବେ । ଯଦି ଡଷ୍ଟବିନ୍‌ର ବ୍ୟବସ୍ଥା ଥାଏ ବାହାରେ ଅଳିଆ ପକେଇବା ବା ଦୂରରୁ ଏଭଳି ଫୋପାଡିବା ଯେପରି ଡଷ୍ଟବିନ୍ ବାହାରେ ପଡିଲେ ମଧ୍ୟ ଯାଏ ଆସେ ନାହିଁ, ଏଭଳି ମନୋଭାବ ଆଦୌ ରଖିବା ନାହିଁ ।

(୨) ପ୍ରତ୍ୟେହ ଘର ଭିତରୁ ବାହାରୁଥିବା ଅଳିଆରୁ ଶୁଖିଲା ଜିନିଷ ଯେପରିକି ପ୍ଲାଷ୍ଟିକ ଜରି, ପଲିଥିନ, ରବର ଇତ୍ୟାଦି ଯାହା ମାଟିରେ ମିଶିପାରିବ ନାହିଁ, ଅଲଗା କରି ସଫେଇ କର୍ମଚାରୀଙ୍କୁ ଦେବା, ଫଳ/ପରିବା ଚୋପା, ବଳକା/ବାସି ଖାଦ୍ୟ ଇତ୍ୟାଦି ଗଛମୂଳେ କମ୍ପୋଷ୍ଟ ହିସାବରେ ବ୍ୟବହାର କରାଯାଇପାରିବ । ବିଶେଷଜ୍ଞମାନଙ୍କ ମଧ୍ୟରେ ଶୁଖିଲା ଅଳିଆ ସହ ପାଣି ମିଶା ଅଳିଆ ମିଶିଲେ ସେଥିରୁ କ୍ଷତିକାରକ ଗ୍ୟାସ ନିର୍ଗତ ହୁଏ । ତେଣୁ ଯେଉଁ ଜାଗାରେ ଏହି ଆବର୍ଜନାକୁ ନେଇ ପକାଯାଏ ତାହାର ପାଖାପାଖି ଅଞ୍ଚଳ ଓ ପର୍ଯ୍ୟାବରଣ ଉପରେ ଏହାର ଅନେକ କୁପ୍ରଭାବ ପଡିଥାଏ ।

(୩) ଘର ପାଖରେ ଡ୍ରେନ ଥିଲେ ସେଥିରେ ଯେପରି ଅଳିଆ ଆବର୍ଜନା ପଡି ଜଳ ନିଷ୍କାସନ ଅବରୁଦ୍ଧ ନହୁଏ ଏବଂ ପରିବେଶ ଦୂଷିତ ନହୁଏ ସେଥିପ୍ରତି ଯଥାସମ୍ଭବ ଧ୍ୟାନ ଦେବା ।

(୪) ଗୃହ ନିର୍ମାଣ ବା ମରାମତି ସମୟରେ ବାହାରୁଥିବା ଆବର୍ଜନାକୁ ସାମ୍ନା ରାସ୍ତାରେ ମାସ ମାସ ଧରି ପକାଇ ନରଖି ଯଥାଶୀଘ୍ର ଉଚିତ୍ ଜାଗାକୁ ସ୍ଥାନାନ୍ତରଣ କରିବା ।

(୫) ଆମେ ନିଜ ନିଜ ପରିବାରରେ ଶିଶୁମାନଙ୍କଠାରୁ ଆରମ୍ଭ କରି ବଡପିଲା ପର୍ଯ୍ୟନ୍ତ ସମସ୍ତଙ୍କୁ ପରିଷ୍କାର ପରିଚ୍ଛନ୍ନତା ତଥା ପରିବେଶର ସୁରକ୍ଷା ସମ୍ବନ୍ଧରେ ସଚେତନ କରିବା ଏବଂ ସେମାନଙ୍କର ଭୂମିକା ନିଭାଇବାରେ ଉତ୍ସାହିତ କରିବା । ପୂର୍ବରୁ କେହି ଏହି ଦିଗପ୍ରତି ଯତ୍ନବାନ ନ ହୋଇଥିବାରୁ କାଲିର ଶିଶୁ ଯେଉଁମାନେ ଆଜି ଦେଶର ନାଗରିକ ସେମାନଙ୍କୁ ସ୍ୱଚ୍ଛତା ରକ୍ଷା ପ୍ରତି ବାରମ୍ବାର ସଚେତନ କରାଇବା ଆବଶ୍ୟକ ହେଉଛି । ଅନେକ ସମୟରେ ଦେଖାଯାଏ, ଘରେ ପିଲାମାନେ ଖାଇବା, ଖେଳିବା, ପାଠପଢ଼ିବା ସମୟରେ ଚକୋଲେଟ୍ ଜରି ଖୋଳ, ଛିଣ୍ଡାକାଗଜ, ପୁରୁଣା ପେନ୍ ପେନ୍‌ସିଲ ଏଣେତେଣେ ଫୋପାଡି ଦିଅନ୍ତି, ଏବଂ ଛୋଟ ପିଲା ଭାବି ମୁରବୀ ଶ୍ରେଣୀୟ ଲୋକମାନେ ସେସବୁ ଅଳିଆ ଉଠାଇବା କାମ ନିଜେ କରିଦିଅନ୍ତି । କିନ୍ତୁ ପିଲାମାନଙ୍କୁ କଥାଛଳରେ ଘର ଓ ବାହାର ପରିଷ୍କାର ରଖିବା ଦିଗରେ ସଚେତନ କରାଇବା ଉପରେ ଗୁରୁତ୍ୱ ଦିଆଯାଏନାହିଁ । ତେଣୁ ପିଲାମାନେ ବଡହେବା ପରେ ମଧ୍ୟ ଜାଣନ୍ତି ନାହିଁ । ବା ବୁଝନ୍ତି ନାହିଁ ଯେ ଘର ଓ ବାହାରର ପରିବେଶ ସ୍ୱଚ୍ଛ ରହିବା ସୁସ୍ଥ ଜୀବନଯାପନ ନିମନ୍ତେ ଏକ ଜରୁରୀ ଆବଶ୍ୟକତା ଏବଂ ପରିଷ୍କାର ପରିଚ୍ଛନ୍‌ନତା ରକ୍ଷା କରିବା ସେମାନଙ୍କର ମଧ୍ୟ ନୈତିକ ଦାୟିତ୍ୱ । ତେଣୁ ବର୍ତ୍ତମାନ ପିଲାମାନଙ୍କ ଭିତରେ ସଚେତନତା ସୃଷ୍ଟି କିରବାର ପ୍ରୟାସ ଆମକୁ ପରିବାରରୁ ହିଁ ଆରମ୍ଭ କରିବାକୁ ହେବ ।

ଏହିସବୁ କଥାକୁ କିଛି ଅଳ୍ପ ଲୋକ କେବଳ ଗୁରୁତ୍ୱ ଦେଲେ ସମସ୍ୟାର ସମାଧାନ ହେବନାହିଁ । ଛୋଟବଡ, ଶିକ୍ଷିତ, ଅଶିକ୍ଷିତ, ଧନୀ ଗରିବ ପ୍ରତ୍ୟେକ ବ୍ୟକ୍ତି ଏଥିପାଇଁ ସଚେତନ ହେବା ଜରୁରୀ । କାରଣ ନାଗରିକ ମାନଙ୍କର ଯଦି ଦାୟିତ୍ୱବୋଧ ରହିବ ନାହିଁ, ନୀତି ନିୟମ ଅନୁସରଣ କରିବାରେ ଆନ୍ତରିକତା ରହିବନାହିଁ, ସରକାର ଯୋଜନା ପରେ ଯୋଜନା କଲେ ମଧ୍ୟ ସ୍ୱଚ୍ଛତାରେ କିଛିଟା ସୁଧାର ହୁଏତ ଆସିପାରେ କିନ୍ତୁ ପୂର୍ଣ୍ଣମାତ୍ରାରେ ସଫଳତା ଆସିବା ସ୍ୱପ୍ନରେ ହିଁ ରହିଯିବ । ଯଦି ଆମର 'ଯାଏ କେତେ ଆସେ କେତେ' ଅଥବା 'ଯାହିତାହି ଚଳେଇନେବା' ମାନସିକତାରେ ପରିବର୍ତ୍ତନ ଆସିବ, ତେବେ ସରକାରୀ ସ୍ତରରେ ମଧ୍ୟ ଆନ୍ତରିକତା ଓ ଦକ୍ଷତା ପ୍ରତିଫଳିତ ହେବ । ସଫେଇ ବ୍ୟବସ୍ଥା ହେଉ, ଶୌଚାଳୟ ନିର୍ମାଣ ଅଥବା ବ୍ୟବହାର ହେଉ, ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯେଉଁସବୁ ବାଧାବିଘ୍ନ ଦେଖାଦେଉଛି ଆମେ ସଚେତନ ହେଲେ ତାହା ନିଶ୍ଚିତ ଭାବେ ସୁଧୁରିଯିବ ।

*ବଡଗଡ଼, ଭୁବନେଶ୍ୱର*




# ରଜସ୍ୱଳା ବସୁମତୀ ବନାମ ଋତୁମତୀ ନାରୀ



ଅମିନୀଲୁ ରାୟ

ଅଥର୍ବ ବେଦରେ ବର୍ଣ୍ଣିତ –

"ମାତା ଭୂମିଃ ପୁତ୍ରୋହଂ ପୃଥିବ୍ୟାଃ
ପର୍ଜନ୍ୟଃ ପିତା ସ ଉନଃ ପିପର୍ତ୍ତୁଃ" ।

ଅର୍ଥାତ୍ ଭୂମି ହେଉଛି ମୋ ମାତା ଆଉ ମୁଁ ତା'ର ପୁତ୍ର । ପର୍ଜନ ବା ମେଘ ହେଉଛନ୍ତି ମୋ ପିତା । ତେଣୁ ମୃତିକା ବା ମୌସୁମୀର ଉପାସନା ସଂଗେ ସଂଗେ ତା'ର ମହତ୍ୱ ଉପଲବ୍ଧି କରିବା ହେଉଛି ରଜପର୍ବର ମହାନ୍ ତାତ୍ପର୍ଯ୍ୟ ।

ପୁନଶ୍ଚ 'ରଜସ୍' ଶବ୍ଦରୁ 'ରଜ'ର ସୃଷ୍ଟି । ଏହାର ଅର୍ଥ ରଜସ୍ୱଳା ବା ଋତୁମତୀ । ଆମର ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ବସୁମତୀ ଏହି ତିନି ଦିନ ରଜସ୍ୱଳା ହୁଏ । ଏହା ପରେ ବର୍ଷକ ପାଇଁ ସେ ହୁଏ ସୃଜନଶୀଳା । ତେଣୁ ଉକ୍ତ ତିନି ଦିନ ପାଇଁ କୃଷିକର୍ମ ବନ୍ଦ ରଖି ବସୁମାତାକୁ ବିଶ୍ରାମ ଦିଆଯାଏ ।

ଓଡିଶାରେ କେଉଁ ଆଦିମ କାଳରୁ ପାଳିତ ହୋଇଆସୁଥିବା ଏହି ତ୍ରୟ ଦିବସ ବ୍ୟାପୀ ରଜପର୍ବଟି ହେଉଛି ଏକ କୃଷିଭିତିକ ପର୍ବ । କାରଣ ପ୍ରାଚୀନ ଇତିହାସକୁ ସ୍ମରଣ କଲେ ଜଣାଯାଏ ସଭ୍ୟତାର ବିବର୍ତନ ଧାରାରେ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଆସିଛି । ଏହି କୃଷିକୁ କେନ୍ଦ୍ରକରି ଗଢିଉଠିଛି ଗୋଷ୍ଠୀ ଜୀବନ ଓ ପରେ ଗୋଷ୍ଠୀକୁ କେନ୍ଦ୍ରକରି ଗଢିଉଠିଛି କେତେ କେତେ ପର୍ବପର୍ବାଣି, ଉତ୍ସବ, ମହୋତ୍ସବ ଇତ୍ୟାଦି । ଏହି ରଜପର୍ବକୁ ଓଡିଶାର ଏକ ଜାତୀୟ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ପର୍ବରେ ଭାଗ ନେଇ ଅପୂର୍ବ ଆନନ୍ଦ ମଧ୍ୟରେ ନିଜକୁ ହଜାଇ ଦେଇଥା'ନ୍ତି ।

ଆଦ୍ୟ ଆଷାଢର ମେଘମେଦୁର ଆକାଶ ତଳେ ବଜ୍ରର ଗୁରୁଗମ୍ଭୀର ନାଦ ଶୁଣି ରୌଦ୍ରତପ୍ତା ଧରଣୀ ପ୍ରାଣରେ ଆସେ ପୁଲକର ଜୁଆର । କଠୋର ନିଦାଘର ନିପୀଡନରେ ମ୍ରିୟମାଣା ଧୂସର ଧରଣୀ ପୁନର୍ବାର ସୃଜନର ନୂତନ ସ୍ୱପ୍ନରେ ଉନ୍ମତା ହୋଇଉଠେ । ସେ ହୁଏ ରଜସ୍ୱଳା । କୋଟି କୋଟି ସନ୍ତାନଙ୍କ ମୁହଁରେ ଆହାର ଦେବା ପାଇଁ ବର୍ଷକରେ ଥରେ ଆସେ ପୂର୍ଣ୍ଣ ଯୌବନର ଦିପ୍ତି , ପୁଣି ଥରେ ସେ ସରସ ଶୋଭାରେ ଶ୍ରୀମଣ୍ଡିତା ହୋଇ କଲ୍ୟାଣମୟୀ ରୂପରେ ଆବିର୍ଭୂତା ହୁଏ । କୃଷିକାରୀ ମାନବ ଏହି ଅବସରରେ ପାଳନ କରେ ନାନାଦି ଉତ୍ସବ ଓ ମହୋତ୍ସବ । ସାମାଜିକ ଜୀବନରେ ସେ ସ୍ୱୀକାର କରେ ଯେ ମାତା ବସୁନ୍ଧରାର ଆବାହନୀ ହିଁ ହେଉଛି କୃଷିଜୀବୀର ପରମ କର୍ତବ୍ୟ । ପୁନଶ୍ଚ କେଉଁ ଅନାଦି କାଳରୁ ଉତ୍କଳୀୟ ସଂସ୍କୃତିରେ ରଜପର୍ବ ବା ମୃତିକା ପୂଜା ଏକ ପ୍ରଧାନ ଉତ୍ସବ ଭାବରେ ପାଳିତ ହୋଇଆସୁଅଛି ।

ଜ୍ୟେଷ୍ଠ ମାସର ଶେଷ ଦିନ ଓ ଆଷାଢ ମାସର ପ୍ରଥମ ଦୁଇ ଦିନ, ଏହିଭଳି ମୋଟ ତିନି ଦିନ ଓଡିଶାର ଘରେ ଘରେ ରଜପର୍ବ ପାଳନ କରାଯାଏ । ପ୍ରଥମ ଦିବସକୁ 'ପହିଲି ରଜ', ଦ୍ୱିତୀୟ ଦିବସକୁ 'ରଜ ସଂକ୍ରାନ୍ତି' ଓ ତୃତୀୟ ଦିବସକୁ 'ଭୂମିଦାହ' ନାମରେ ନାମିତ କରାଯାଇଛି । ସଭ୍ୟତାର ପ୍ରଥମ ଉନ୍ମେଷ ଘଟିଥିଲା ଏହି ମୃତିକା ବକ୍ଷରେ ଏବଂ ଏଇ ମୃତିକା ହିଁ ମହାନ୍ ମାନବ ସଭ୍ୟତା ଓ ସାମାଜିକ ଜୀବନର କରିଛି ପ୍ରାଣ ପ୍ରତିଷ୍ଠା । ମନୁଷ୍ୟର ଜୀବନଧାରଣ ନିମନ୍ତେ ବହୁ ପ୍ରକାର ବୈଜ୍ଞାନିକ ସାଧନ ଆବିସ୍କୃତ ହୋଇଥିଲେ ମଧ୍ୟ ଅନ୍ନ ମୁଠିକ ନିମନ୍ତେ ଯୁଗ ଯୁଗ ଧରି ମଣିଷ ମୃତିକା ଓ ମୌସୁମୀ ଉପରେ ହିଁ ସଦାସର୍ବଦା ନିର୍ଭର କରିଆସିଛି । ତେଣୁ ଏହାକୁ ଲକ୍ଷ୍ୟକରି ଶ୍ରୀମଭଗବତ ଗୀତାରେ ବର୍ଣ୍ଣନା କରାଯାଇଛି –

"ଅନ୍ନାଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ
ଯଜ୍ଞାଭବତି ପର୍ଜନ୍ୟୋଂ ଯଜ୍ଞଃ
କର୍ମସମୁଭବଃ" ।

ଅର୍ଥାତ୍ ଅନ୍ନ ହେଉଛି ଜୀବନଧାରଣର ଅବଲମ୍ବନ ବା ଉପାଦାନ । ଏହାର ସୃଷ୍ଟି ପର୍ଜନ୍ୟ ବା ମେଘରୁ , ପୁଣି ମେଘର ସୃଷ୍ଟି ଯଜ୍ଞରୁ ଓ ଯଜ୍ଞର ସୃଷ୍ଟି କର୍ମରୁ । ତେଣୁ ଆମ କୃଷିକୈନ୍ଦ୍ରିକ ସାମାଜିକ ଜୀବନରେ ଋତୁଚକ୍ରର ସାମ୍ବତ୍ସରିକ ପରିକ୍ରମଣ ଅନୁସାରେ ଏହିଭଳି ନାନା ପର୍ବପର୍ବାଣି ସୃଷ୍ଟି କରାଯାଇଛି ।

ମିଥୁନ ସଂକ୍ରାନ୍ତି ଦିନ ମୌସୁମୀ ଏବଂ ମୃତିକାର ହୁଏ ମହାମିଳନ । ଘନ ମେଘମାଳା ଆକାଶ ପଥରେ ଭାସି ଭାସି ଆସି ଧରିତ୍ରୀ ବକ୍ଷରେ ଢାଳି ଦିଅନ୍ତି ଅଜସ୍ର ବାରିରାଶି । ନାରୀ ସଦୃଶା ଏଇ ମାତା ବସୁନ୍ଧରା ରଜସ୍ୱଳା ହୋଇ ପୁଣି ଉତ୍ପାଦିକା ଶକ୍ତି ଲାଭ କରେ । ଉତ୍କଳୀୟ ସଂସ୍କୃତିର ପ୍ରତୀକ ଏଇ ରଜପର୍ବର ପଶ୍ଚାତରେ କୌଣସି ଦେବାଦେବୀଙ୍କର ପରିକଳ୍ପନା ନାହିଁ ।

ରଜପର୍ବକୁ ସର୍ବାଧିକ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିବା ନିମନ୍ତେ ପ୍ରତ୍ୟେକ ପରିବାରରେ ପ୍ରାୟ ମାସକ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ସେଥିପାଇଁ ପହିଲି ରଜର ପୂର୍ବ ଦିନଟି 'ସଜବାଜ' ନାମରେ କଥିତ । ନିଜ ନିଜର କର୍ମଜଂଜାଳରୁ ଅବସର ନେଇ ଲୋକମାନେ କ୍ରିଡା କୌତୁକ, ଆମୋଦ ପ୍ରମୋଦ ଓ ଆଳାପ ଆଲୋଚନା ମଧ୍ୟରେ ଦିନ ତିନୋଟିକୁ ଅତିବାହିତ କରନ୍ତି । ନାଚ, ଗୀତ, ତା'ସ, ପଶା ଓ ବାଗୁଡି ଖେଳ ଇତ୍ୟାଦି ହେଉଛି ଏହି ପର୍ବର ବିଶେଷ ଆକର୍ଷଣ । ପହିଲି ରଜର ପୋଡପିଠା ଉକ୍ତ ପର୍ବର ଏକ ପାରମ୍ପରିକ ବିଧି । ପହିଲି ରଜର ପ୍ରତ୍ୟୁଷରୁ ଏହି ପିଠାକୁ କାଟି ଖିଆଯାଏ ଏବଂ ପ୍ରିୟ ପରିଜନ ଓ ପ୍ରତିବେଶୀଙ୍କ ମଧ୍ୟରେ ବଂଟାଯାଏ ।

କୁମାରୀମାନଙ୍କ ନିମନ୍ତେ ଉକ୍ତ ପର୍ବର ଏକ ବିଶେଷ ଆକର୍ଷଣ ହେଉଛି ଦୋଳି । ଗ୍ରାମ ଉପାନ୍ତରେ ଆମ୍ବତୋଟାରେ, ମନ୍ଦିର ପ୍ରାଙ୍ଗଣରେ ଅଥବା ନିଜ ଗୃହର ପଶ୍ଚାତ୍‌ଭାଗ ବାଡିପଟରେ ବୃକ୍ଷ ଡାଳରେ ଦୋଳିମାନ ଝୁଲାଇଦିଆଯାଏ । ଦୋଳି ସହିତ ସେମାନଙ୍କ ସୁଲଳିତ ସଂଗୀତର ମୂର୍ଚ୍ଛନା ଗ୍ରାମ୍ୟ ପରିବେଶକୁ ମଧୁମେୟ କରେ । କିଛି କିଛି ସ୍ଥାନରେ ଦୋଳି ଖେଳର ପ୍ରତିଯୋଗିତାମାନ ମଧ୍ୟ ଅନୁଷ୍ଠିତ ହୁଏ । ରଜଦୋଳି ଏବଂ ଦୋଳି ଉଦ୍ଦେଶ୍ୟରେ ରଚିତ ଗୀତଗୁଡିକ ଓଡିଶୀ ସଂସ୍କୃତିର ପରିଚୟ ପ୍ରଦାନ କରିଥାଏ ।

"ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,
ଆସିଛି ରଜଲୋ, ଘେନି ନୂଆ ସଜବାଜ
ବଉଳଲୋ ଘେନି ନୂଆ ସଜବାଜ " ।

ପହିଲି ରଜ ପ୍ରତ୍ୟୁଷରୁ ସ୍ତ୍ରୀ ଓ ବାଳିକାମାନେ ସେମାନଙ୍କର ସ୍ନାନାଦି ନିତ୍ୟକର୍ମ ଶେଷ କରି ବିଭିନ୍ନ ରଙ୍ଗର ବେଶଭୂଷାରେ ସଜ୍ଜିତ ହୁଅନ୍ତି । କୁମାରୀମାନେ ନବବସ୍ତ୍ର ପରିଧାନ କରି ମୁଣ୍ଡରେ ତିଳକ ଲଗାଇ ପୋଡପିଠା ଖାଇବାର ଆନନ୍ଦ ମଧ୍ୟରେ ରଜପର୍ବର ଆବାହନୀ କରନ୍ତି । ଏହି ପର୍ବରେ ସେମାନଙ୍କର ପାଦ ଭୂମିସ୍ପର୍ଶ ନକରିବାର ବିଧି ବହୁକାଳରୁ ପ୍ରଚଳିତ । ସେଥିପାଇଁ ପୂର୍ବେ କୁମାରୀମାନେ ଗୁଆଗଛର ବଲ୍କଳକୁ ପାଦୁକା ସଦୃଶ କାଟି ବ୍ୟବହାର କରୁଥିଲେ । ସଂପ୍ରତି ବଲ୍କଳ ସ୍ଥାନରେ ଆଧୁନିକ ଢଙ୍ଗରେ ନିର୍ମିତ ଚପଲମାନ ବ୍ୟବହୃତ ହେଉଛି । ପିଠାପଣା, କ୍ରିଡାକୌତୁକ, ତାମ୍ବୁଲ ବଂଟନ ଓ ଆନନ୍ଦ ଉଲ୍ଲାସର ବିପୁଳ ଆୟୋଜନ ମଧ୍ୟରେ ପ୍ରଥମ ଦୁଇ ଦିନ ଅତିବାହିତ ହୁଏ । ତୃତୀୟ ଦିବସଟି ଭୂମିଦାହ ନାମରେ କଥିତ ହେଉଥିବାରୁ ସେଦିନ ଭୂମିକୁ ପୂର୍ଣ୍ଣ ବିଶ୍ରାମ ଦିଆଯାଏ । ଅର୍ଥାତ୍ ଭୂମିରେ କ୍ଷତ ବା ଆଘାତ ହେବାଭଳି କୌଣସି କାର୍ଯ୍ୟ କରାଯାଏ ନାହିଁ । ରଜୋତ୍ସବର ଚତୁର୍ଥ ଦିବସର ପ୍ରତ୍ୟୁଷରେ ପ୍ରତ୍ୟେକ ଗୃହସ୍ଥର ଅଗଣାରେ କାଷ୍ଠ ଆସନ ଉପରେ କୃଷିକାର୍ଯ୍ୟର ଏକ ପ୍ରଧାନ ଉପକରଣ ଲଙ୍ଗଳ ଲୁହା ସହିତ ଶିଳପୁଆ ଓ ନାରିକେଳକୁ ଏକତ୍ର ସ୍ଥାପନ କରି କୃଷକ ଗୃହିଣୀ ହଳଦୀ ପାଣିରେ ସ୍ନାନ କରାଇଦିଏ । ଏହାକୁ 'ଧରାସ୍ନାନ' ବା 'ବସୁମତୀ ଗାଧୁଆ' କୁହାଯାଏ । ଉତ୍ସବର ଉଦ୍‌ଯାପନ ସଂଗେ ସଂଗେ ବସୁମତୀର ବରପୁତ୍ର କୃଷକ ନିଜର ଆମୋଦ ଓ ଆଳସ୍ୟକୁ ପରିତ୍ୟାଗ କରି ନୂତନ କର୍ମ ପ୍ରେରଣା ନେଇ ସ୍ୱକର୍ମରେ ପୁଣି ଅଗ୍ରସର ହୁଏ । ଆଷାଢ ଆକାଶରୁ ଝର ଝର ହୋଇ ଝରିଆସେ ଭଗବାନ୍‌ଙ୍କର ଅସୀମ କରୁଣାର ଧାରା । ମାଟିର ବୁକୁ ଫଟାଇ ନୂତନ ଅଙ୍କୁରର ଉନ୍ମେଷ ଘଟେ । ଧରଣୀମାତା ନୂତନ ସୃଜନୀର ଆନନ୍ଦରେ ପୁଣି ଅଭିଭୂତା ହୋଇଉଠେ । ରଜପର୍ବ ମୁଖ୍ୟତଃ ଏକ ବିଶ୍ରାମ ଏବଂ ଆମୋଦର ପର୍ବ । ପୁରୁଷମାନେ ଯେପରି କୃଷି କର୍ମରୁ ବିଶ୍ରାମ ନିଅନ୍ତି ଘରର ଝିଅବୋହୁମାନେ ସେଇଭଳି ଗୃହ ପାଇଟିରୁ ଅବସର ନିଅନ୍ତି । ଧାନକୁଟା, ମସଲାବଟା, ବିରି ରଗଡା ଇତ୍ୟାଦି କାର୍ଯ୍ୟ ଏହି ପର୍ବରେ ନିଷିଦ୍ଧ । ଏପରିକି ସ୍ତ୍ରୀ ଲୋକମାନେ ଛୁଂଚି ସୂତାରେ ସିଲେଇ କାର୍ଯ୍ୟ ମଧ୍ୟ କରନ୍ତି ନାହିଁ । ରଜପର୍ବରେ ପୋଡପିଠା ହେଉଛି ଉତ୍କଳୀୟ ସଂସ୍କୃତିର ଏକ ଅଂଶ । ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ନିକଟରେ ପ୍ରତ୍ୟହ ପୋଡପିଠା ଲାଗିହେବାର ପରମ୍ପରା ବହୁଦିନରୁ ପ୍ରଚଳିତ । ସମ୍ଭବତଃ ଉକ୍ତ ପରଂପରା ରଜ ପୋଡପିଠାରେ ପ୍ରତିଫଳିତ ।

ଆଧୁନିକତାର ପ୍ରଭାବରେ ମନୁଷ୍ୟର ରୁଚି ଓ ରୀତିରେ ବହୁ ପରିବର୍ତନ ଘଟିଛି । ଜନନୀ ବସୁନ୍ଧରା ସହିତ ମନୁଷ୍ୟ ଶିଶୁର ଯୁଗ ଯୁଗର ଆତ୍ମୀୟତା ଏବେ ଖଣ୍ଡିତ ହୋଇଛି । କୃଷି ଓ କୃଷକ ଉଭୟଙ୍କର ଭାଗ୍ୟ ହୋଇଛି ବିଡମ୍ବିତ । ପରିବେଶ କ୍ଷୟ ଯୋଗୁଁ ମୌସୁମୀର ସ୍ୱାଭାବିକ ପ୍ରଭାବ ହୋଇଛି ବିଘ୍ନିତ । ମୃତିକାର ମହନୀୟତାକୁ ଉପଲବ୍ଧି କରି ତା'ର ପରିଚର୍ଯ୍ୟାରେ ନିଜକୁ ନିୟୋଜିତ କରିବା ନିମନ୍ତେ ଯେଉଁ ସମସ୍ତ ସାମାଜିକ ବ୍ୟାଧି ବ୍ୟବସ୍ଥା ଥିଲା, ଆଧୁନିକ ମନୁଷ୍ୟ ଦୃଷ୍ଟିରେ ସେସବୁ ଏବେ କୁସଂସ୍କାର ବା ଅନ୍ଧବିଶ୍ୱାସ ଭାବରେ ବିବେଚିତ ହେଲାଣି ।

ଆଜି ଆଉ ବିଂଶ ଶତାବ୍ଦୀର ଶିକ୍ଷିତା ନାରୀ ଆଦ୍ୟ ଆଷାଢର ଶୁଭ ତୃତୀୟ ଦିବସର ପ୍ରତ୍ୟୁଷରୁ ଉଠି ଘର ଆଗଣାରେ ଲଙ୍ଗଳ ଲୁହା ଓ ଶିଳପୁଆଟିଏ ସ୍ଥାପନ କରି ଶୁଦ୍ଧ ହୃଦୟରେ ତାହାକୁ ହଳଦୀ ପାଣିରେ ସ୍ନାନ କରାଇବାକୁ ଆଗ୍ରହ ପ୍ରକାଶ କରୁନାହିଁ । ଲଙ୍ଗଳ ଲୁହା ବି ଆଜି ଆଉ କୃଷକ ପରିବାରରେ ସୁଲଭ ନୁହେଁ । କାରଣ ଲଙ୍ଗଳର ସ୍ଥାନ ଟ୍ରାକ୍ଟର ଗ୍ରହଣ କଲାଣି । ଆଜି କୃଷି ହୋଇଛି ହେୟ, ମୃତିକା ହୋଇଛି ଅବହେଳିତ, ଆଧୁନିକତାର ପ୍ରଭାବରେ ମନୁଷ୍ୟ ହୋଇଛି ଉର୍ଦ୍ଧମୁଖ । ତେଣୁ ଆମ ବିଚାରରେ ଯନ୍ତ୍ର ସଭ୍ୟତାର ଅନୁଗାମୀ ମାନବ ମୃତିକା ଓ ମୌସୁମୀର ଆଦର କରି ନ ଶିଖିଲେ, ତାହାର ମହତ୍ୱକୁ ଉପଲବ୍ଧି ନ କଲେ, ସଭ୍ୟତାର ଧ୍ୱଂସ ସୁନିଶ୍ଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୨୦)



କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com



ଧାରାବାହିକ ଉପନ୍ୟାସ

**ବି**ତିଯାଉଥିଲା ଦିନ। ଦିନକୁ ପାଂଚଶହ ଟଙ୍କା କେବିନ୍ ଭଡ଼ା। ଖାଇବା ଅତି କମ୍‌ରେ ଶହେ ଟଙ୍କା। ଔଷଧପତ୍ର ଖର୍ଚ୍ଚ ପୁଣି ଅଛି। ପାଣି ପରି ବୋହିଯାଉଛି ଟଙ୍କା। ଚମ୍ପା ଦେହ ସହୁ ନଥିଲା। ତାକୁ ଭାରି ମାଡ଼ି ମାଡ଼ି ପଡୁଥିଲା। ତାକୁ ଭାରି କାନ୍ଦ ମାଡୁଥିଲା। ତାକୁ ଭାରି ଅସହାୟ ଲାଗୁଥିଲା। ଏକ ଅନ୍ଧାରୀମୂଳକ ଭିତରେ ପଶିଯାଇ ସେ ଯେପରି ଦିଗହରା ହୋଇପଡୁଥିଲା। ସଞ୍ଜବେଳେ ଚକ୍ରଧର ବାହାରକୁ ଯାଉଥିବାର ଦେଖି ଚମ୍ପା ପଚାରିଲା "କୁଆଡେ ଯାଉଛ ?"

ଚକ୍ରଧର କିଛି ନ କହିଲେ ମଧ ଚମ୍ପା ବୁଝିପାରିଲା ଯେ, ସେ ବାହାରିଛି ସଞ୍ଜୟକୁ ଖୋଜିବାକୁ। ଏତେ ବଡ଼ ସହରରେ, ଏତେ ଲୋକମାନଙ୍କ ଗହଣରେ ସେ କୋଉଠି ଖୋଜିବ ସଞ୍ଜୟକୁ? କୋଉଠି ତା'ର ବସାଘର? କୋଉଠି ତା'ର କମ୍ପାନୀ?

କୁଆଡେ ନ ଯାଇ ଚକ୍ରଧର ବସିରହିଲା ବାରଣ୍ଡାରେ, ଚୁପ୍‌ଚାପ୍।

ସତକୁ ସତ ସେଦିନ ରାତି ଆଠଟାବେଳକୁ ସଞ୍ଜୟ ଆସି ପହଂଚିଲା ନର୍ସିଂହୋମ୍‌ରେ। କ'ଣ ପାଇଁ କେଜାଣି ତା' ମୁହଁ ଭାରି ଗମ୍ଭୀର ଓ ତାତ୍ପର୍ଯ୍ୟପୂର୍ଣ୍ଣ ଜଣାପଡୁଥିଲା। ତାକୁ ଦେଖିପକାଇ ଚମ୍ପା ଦେହରେ ଜୀବନ ପଶିଲା। ବିକଳ ହୋଇ ସେ ପଚାରିଲା- "ବାପ ସଞ୍ଜୁ, ଆଜିକୁ ଚାରିଦିନ ହେଲାଣି ଗାଁକୁ ଆସି ଆମେ ଏଠି ବସିଚୁ ବେକାରଟାରେ। ଅଯଥାରେ ଟଙ୍କାଗୁଡ଼ା ପାଣିରେ ପଡୁଛି। ସେହିଦିନଠାରୁ ଡାକ୍ତରବାବୁଙ୍କର ଦେଖାଦର୍ଶନ ନାହିଁ। କେଉଁଦିନ ଆମ କାମ ସରିବ, ଆମେ ଗାଁକୁ ଯିବୁ! ବଡ଼ ବେସ୍ତ ଲାଗିଲାଣି ପୁଅ! ତୁ ଟିକେ ବାପ ତତ୍ପର ହୁଅନ୍ତୁନି!!"

ସଞ୍ଜୟ କ'ଣ କହିବାକୁ ଯିବାବେଳେ ଡାକ୍ତର ତ୍ରିପାଠୀ ଆସି ପହଂଚିଲେ କେବିନ୍‌ରେ, ସାଙ୍ଗରେ ଦି'ଜଣ ନର୍ସଙ୍କୁ ଧରି। ପୁଅର ହାର୍ଟବିଟ୍ ମାପିଲେ, ପଲ୍ସ ଚେକ୍ କଲେ। ନର୍ସ ମାପିଲା ଟେମ୍ପରଚର୍ ଓ ବ୍ଲଡ୍ ପ୍ରେସର। ଡାକ୍ତର ବସି କ'ଣ ଗୁଡ଼ାଏ ଲେଖିଲେ ପ୍ରେସ୍କ୍ରିପ୍‌ସନ୍‌ରେ ଏବଂ ରିପୋର୍ଟ ସବୁ ଦେଖିସାରି ନର୍ସଙ୍କୁ ନିର୍ଦ୍ଦେଶ ଦେଲେ- "କାଲି ସକାଳ ନ'ଟା ବେଳେ ଅପରେସନ୍ ହେବ।"

ଡାକ୍ତର କହିଲେ ଏବଂ ଚୁପ୍‌ଚାପ୍ ବାହାରିଗଲେ ସେ କେବିନ୍ ଭିତରୁ।

ଡାକ୍ତର ତ୍ରିପାଠୀ ସେ ରୁମ୍ ଭିତରୁ ବାହାରିଯାଉଥିବାବେଳେ ଚମ୍ପା କରିବସିଲା ଏକ ଅଭାବିତ କାମ। ଲମ୍ବ ହୋଇ ପଡ଼ିଗଲା ତାଙ୍କ ପାଦ ତଳେ। ପାଦ ଦୁଇଟିକୁ ଜାବୁଡ଼ି ଧରି ଭୋ ଭୋ କାନ୍ଦି ଉଠିଲା। ଝାରି ପକାଇଲା ଆଞ୍ଜୁଳା ଆଞ୍ଜୁଳା ଲୁହ, ଠାକୁରଙ୍କ ପାଦତଳେ ପୁଷ୍ପାଞ୍ଜଳି ଅର୍ପଣ କରିବା ଭଳି। ତା' ଦୁର୍ବଳ ଦେହକୁ ଦୋହଲାଇ, ତା' ଛାତିକୁ ଘୁନ୍ଦଲାଇ ବାହାରି ଆସୁଥିଲା ଅଜସ୍ର କୋହ। ସେ ଜାଣି ନଥିଲା, କେମିତି କଥାବାର୍ତ୍ତା କରାଯାଏ ଏତେ ବଡ଼ ଜଣେ ମଣିଷଙ୍କ ସହିତ। ନା, ଏ ତ ମଣିଷ ନୁହନ୍ତି, ତା' ପାଇଁ ସାକ୍ଷାତ ଇଶ୍ୱର। ଅଭିନବ ଅବତାର। ଠାକୁରଙ୍କୁ ସେ କହିବ କ'ଣ? କିପରି କହିବ? ସେ କେବଳ କାନ୍ଦିଲା ଅସମ୍ଭାଳ ହୋଇ ଏବଂସେଇ କାନ୍ଦ ଲୁହ ହୋଇ, କୋହ ହୋଇ ବ୍ୟାପି ଯାଉଥିଲା ଚତୁର୍ଦ୍ଦିଗକୁ।

ସେଠି ଉପସ୍ଥିତ ଥିବା ସମସ୍ତେ ତାଜୁବ ହୋଇଗଲେ ଏ ଦୃଶ୍ୟ ଦେଖି। ଚକ୍ରଧର ଯାଇ ଚମ୍ପାକୁ ଉଠାଇ ଆଣୁଥିବା ବେଳେ ଶୁଭିଲା ଏକ ଶୂନ୍ୟବାଣୀ- "ବ୍ୟସ୍ତ ହୁଏ ନାହିଁ। କାଲି ଅପରେସନ୍ ହେବ। ପୁଅ ପେଟରେ ଟ୍ୟୁମର ବଢିଛି। ତାକୁ ବାହାର କରିବାକୁ ପଡ଼ିବ। ସବୁ ଠିକ୍ ହୋଇଯିବ। ଏମିତି ଅଧୈର୍ଯ୍ୟ ହେଲେ କ'ଣ ହେବ?"

"କ'ଣ ହେଇଛି ମୋ ପୁଅ ପେଟରେ?'- ଡାକ୍ତର ଚାଲିଯିବାର ଅନେକ ସମୟଯାଏ କଇଁ କଇଁ ହୋଇ କାନ୍ଦୁଥିଲା ଚମ୍ପା! "କ'ଣ କହିଲେ ଡାକ୍ତର? ଟ୍ୟୁମର! ସେଇଟା କ'ଣ? ସେଇଟା କାହିଁକି ହେଲା ମୋ ପୁଅ ପେଟରେ? କେମିତି ଭଲ ହେବ? ହେ କାଳିଆ....ତୋ ମନରେ ଏଇଆ ଥିଲା! ଶେଷରେ ତୁ ମତେ ଏଇ ଦଣ୍ଡ ଦେଲୁ!!"

ଚମ୍ପା ଭାବୁଥିଲା ଏବଂ କାନ୍ଦୁଥିଲା। କାନ୍ଦୁଥିଲା ଏବଂ ଭାବୁଥିଲା। ଭାବନାର ଅସରନ୍ତି ସୂତାଖିଅ ଭିତରେ ଛନ୍ଦି ହୋଇ ପଡୁଥିଲା। ତା' ଆଖିରୁ ଜମା ଶୁଖୁନଥିଲା ଲୁହର ଧାର। ତା' ଲୋଚାକୋଚା ଗାଲ ଉପରଦେଇ ଅବାରିତ ବୋହିଯାଉଥିବା ସେଇ ଲୁହ ସତେଅବା ଥିଲା ତା'ର ଚିର ସହଚରୀ! ଲୁହ ଓ କୋହକୁ ବାଦ୍‌ଦେଇ ତା' ଜୀବନର ସତେଯେପରି କିଛି ଅର୍ଥ ହିଁ ନାହିଁ।

ରାତି ସାଢେ ଆଠଟା ବେଳକୁ ଜଣେ ବୟସ୍କା ନର୍ସ ଆସିଲେ ପୁଅକୁ ଇଞ୍ଜେକ୍ସନ୍ ଦେବା ପାଇଁ। ପ୍ରଥମେ ପ୍ରଥମେ ଇଞ୍ଜେକ୍ସନ୍ ନେବାପାଇଁ ଡରୁଥିଲା ଚନ୍ଦନ। ଭେଁ ଭେଁ କାନ୍ଦି ହାଉଳିଖାଇ କୁଣ୍ଢାଇ ପକାଉଥିଲା ଚମ୍ପାକୁ। ଏବେ ଏଇ ତିନି ଚାରିଦିନ ଭିତରେ ତା'ର ଡର କିଛି ମାତ୍ରାରେ କମିଗଲାଣି। ତା'ର ବୋଧହୁଏ କଷ୍ଟ ସହିବା ଦେହସୁହା ହୋଇଗଲାଣି।

ନର୍ସ ଜଣକ ଚମ୍ପାକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ ଏବଂ ସିରିଞ୍ଜି ବାହାର କଲେ! ଇଞ୍ଜେକ୍ସନ୍ ଦେଇସାରି ସେ ଚାଲିଯାଉଥିବା ବେଳେ ଚମ୍ପା ପଛରୁ ଡାକିଲା - "ଦିଦି, ଟିକେ ଶୁଣ ମ!"

ନର୍ସ ଫେରି ଚାହିଁଲେ। ଫେରିଆସିଲେ ପଛକୁ। ପଚାରିଲେ- "କଣ କହୁଛ କି?"

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

- "ତମକୁ ଗୋଟେ କଥା ପଚାରିବି ଦିଦି, ମନରେ କିଛି ଘେନା କରିବ ନାଇଁଟି!"

"କ'ଣ କହୁନା!" ନର୍ସ ହାତଘଟଂାକୁ ଚାହିଁ କହିଲେ! ରାତି ଦଶଟା ବାଜିବାକୁ ଆଉ ଜମା ଦଶମିନିଟ୍ ବାକି ଅଛି। ଦଶଟାରେ ତାଙ୍କ ଡ୍ୟୁଟି ଶେଷ। ଦିନ ଦୁଇଟାରୁ ରାଜି ଦଶଟା। ଘରକୁ ଫେରିବାକୁ ହେବ। ତାଙ୍କ ଭଡାଘର ଏଠୁ ଦୁଇ କିଲୋମିଟର ବାଟ।

ଚମ୍ପା ଲାଗିଆସିଲା ନର୍ସ ଦିଦିଙ୍କ ପାଖକୁ। ଗୋଟିଏ ଗୋପନୀୟ ଜରୁରୀ କଥା କହିବାପରି ଖୁବ୍ ଧୀର ଗଳାରେ ପଚାରିଲା, 'ଦିଦି, ମ, ଏଇ ଯେଉଁ ଗୋରା ହେଇ ଡେଙ୍ଗା ଡାକତରବାବୁ ଜଣକ ମୋ ପୁଅକୁ ଦେଖୁଛନ୍ତି, ସେ କେମିତିକା ଡାକତର? ତାଙ୍କ ହାତ ଭଲ ଟି!!"

ନର୍ସ ଜଣଙ୍କର ମୁହଁର ଭାବଭଙ୍ଗୀ ହଠାତ୍ ବଦଳିଗଲା। ସେ ପ୍ରଥମେ ଆଶ୍ଚର୍ଯ୍ୟ ଓ ପରେ ପରେ ଦୁଃଖିତ ହୋଇପଡ଼ିଲେ। ସେ ଜାଣିପାରିଲେ ଯେ ଏ ଲୋକ ଦୁଇଜଣ ନିପଟ ମଫସଲରୁ ଆସିଥିବା ଅଶିକ୍ଷିତ ଗରିବ ମଣିଷ। ସାଧାସିଧା ଗାଉଁଲି ମଣିଷ। ସହରରେ ବଡ଼ ମେଡିକାଲ ଥାଉ ଥାଉ, ଅନେକ ଶସ୍ତା ନର୍ସିଂହୋମ୍ ଥାଉ ଥାଉ ଏ 'ପତିତପାବନ ନର୍ସିଂହୋମ୍'ରେ ଏମାନେ କେମିତି ପହଂଚିଲେ? କିଏ ଆଣି ଏମାନଙ୍କୁ ଏଠି ପହଂଚାଇଲା?

ଗୋଟାଏ ଆବେଗରେ ତାଙ୍କ ମନ ଓଦା ହୋଇଗଲା ସେମାନଙ୍କ ପ୍ରତି। ନିଜ ମନର ଭାବନାକୁ ଚାପିରଖି ସେ କହିଲେ- "ହଁ ହଁ ବହୁତ ଭଲ ଡାକ୍ତର। ଭାରି ନାମକରା ଡାକ୍ତର। ଯେଉଁ କେଶ୍‌ରେ ହାତ ମାରିବେ, ପୁରା ଭଲ କରି ଛାଡ଼ିବେ। ହେଲେ ତୁମେ ତାଙ୍କୁ ଚିହ୍ନିଲ କିପରି?"

ଚମ୍ପା କହିଲା- 'ନାଇଁ ମ ଦିଦି, ଆମେ କେମିତି ତାଙ୍କୁ ଚିହ୍ନିବୁ? ସେ କେତେ ବଡ଼ ମଣିଷ, ଅନେଇଲେ ଆମ ଆଖି ପାଇବ? କଥାରେ କହନ୍ତିନି, କାଇଁ ରାଣୀ, କାଇଁ ଚନ୍ଦରକାଣୀ! ତାଙ୍କୁ ଆମେ ଚିହ୍ନିବୁ, ସେ ଭାଗ୍ୟ ଆମର କାଇଁ? ମୋ ପୁତୁରା ସଞ୍ଜୁଆ, ଏଇ କଟକ ସହରରେ ରହେ। ତା'ର ଗୋଟାଏ କାରଖାନା ଅଛି ଏଇଠି। ତା'ର ଭାରି ଭାବଦୋସ୍ତି ଏଇ ଡାକତର ବାବୁଙ୍କ ସହିତ। ସେଇ ସବୁ ବୁଝିଚି ପରା!

- "ସଞ୍ଜୁଆ!" କୋଉ ସଞ୍ଜୁଆ?" ଆଶ୍ଚର୍ଯ୍ୟ ହୋଇ ପଚାରିଲେ ନର୍ସ।

-ସଞ୍ଜୟ!" ବୁଝାଇଦେଲା ଚକ୍ରଧର।

ନର୍ସ ଜଣଙ୍କର ମୁହଁ ଘୃଣାରେ ବିକୃତ ହୋଇଗଲା। କହିବେ ନ କହିବେ ହୋଇ ସେ କହିପକାଇଲେ - 'ତମେ ସେ ଲଫଙ୍ଗା ସଞ୍ଜୟକୁ ଭଲ ଭାବରେ ଚିହ୍ନିଚଟି! ସେଇଟା ଜମା ଭଲ ମଣିଷ ନୁହେଁ। ହଜାରେ ବାଜେ ଧନ୍ଦାରେ ସେ ଫସି... ।

*କ୍ରମଶଃ...*

# ଅନ୍ଧକାର



ନୃସିଂହ ଚରଣ ବେହେରା

**ଅ**ନ୍ଧକାରର ଅତଳ ଗର୍ଭରେ
ଲୁଚି ରହିଥାଏ ଅନେକ କିଛି
ତାର ପ୍ରତିଟି ଅନ୍ଧିଦ୍ଧିରେ
ଆଉ ପଲକର ପସରାରେ
ଅନେକ ଅସମ୍ପୂର୍ଣ୍ଣ ସ୍ୱପ୍ନ।

ବେଳେ ବେଳେ ହଜି ଯାଏ
ଏହି ଦହିତ ସମାଜରେ
ମନର ଘନ ଅରଣ୍ୟରୁ ଅଙ୍କୁରିତ
ଅନାବନା ଆଲୁଳାୟିତ ଭାବନାକୁ
ଜମାଟବନ୍ଧା ମନର କବାଟଟିଏ
ଖୋଲିଯାଏ ଆପେ ଆପେ...

ଏ ରିମ୍ ଝିମ୍ ବର୍ଷାର ଛିଟାରେ
ତୋଫାନି ମନରେ ଉଠେ ଅଗଣିତ ଭୟ
ଆଉ ଗମ ଗମ ଝାଳ ବୋହିଯାଏ
ଆଗାମୀ ଭବିଷ୍ୟତର ଆଶଙ୍କାରେ।

ଏଇ ସମାଜରେ ଚାରିଆଡ଼େ
ବ୍ୟାପ୍ତ କେବଳ ଅନ୍ଧକାର
ମନର ଆବେଗ, ପ୍ରିୟାର ସମ୍ଭାଷଣ
ଆଉ ସପନର ତାଳେ ତାଳେ
କାନରେ ଗୁଞ୍ଜରିତ ହୁଏ

ସମାଜର ବଡପଣ୍ଡା ମାନଙ୍କର
ସଂସ୍କୃତିର ସକାଳର ଶ୍ଳୋକ ...
ଆଉ କେତେଦିନ କିଏ ବା ଜାଣେ
ବଦଳିବ କେବେ ସମୟ

ଦେଖାଇବ ବଞ୍ଚିବାର ରାହା
ଲିଭାଇ ନିରାଶାର ବତି
ଆଉ ଛାଡ଼ି ଯିବ ଅନ୍ଧାରର ବଳୟରେ
କିଛି ଛିଣ୍ଡା କନାର ପାଉଁଶର ହାଓ୍ୱା
ଆଉ ପାଗଳ କରିବ ସମସ୍ତଙ୍କୁ
ନୂତନ ସମାଜର ସୃଷ୍ଟିରେ।

*ଭୋଇ ନଗର, ଭୁବନେଶ୍ୱର*

# ୩ କୁନିବାପାଙ୍କ କୁନିକଥା



**ଏ**ଇ ଗଲା ଶନିବାର କଥା। ହାଟରୁ ପରିବା କିଣି ଘରେ ପହଞ୍ଚିଲେ କୁନାବାପା, ରାତି ନଅଟାରେ। କୁନାର ଜେଜେ ବି ଆସି ପହଞ୍ଚିଥାନ୍ତି ଗାଁରୁ ସଞ୍ଜବେଳେ। ତେଣୁ କୁନା ଜେଜେଙ୍କ ସାଙ୍ଗରେ ଖେଳିବୁଲି ହାଲିଆହୋଇ ଶୋଇପଡିଛି। କୁନାର ଜେଜେ ସେତେବେଳକୁ କୁନାବୋଉଙ୍କୁ ଖରାଦିନେ ଜଳର ସୁବିନିଯୋଗ କରିବା ପାଇଁ ବୁଝାଉଥାନ୍ତି ଓ ଖାଇବା ସରିବା ସଙ୍ଗେ ସଙ୍ଗେ ବାସନ ସଫା କରିବାର ଉପଦେଶ ସହ ତାର ଉପକାରିତା ବିଷୟରେ ବୁଝାଉଥାନ୍ତି। କୁନାବାପା ପରିବାଥଳି ତଳେରଖି ବାପାଙ୍କୁ ପ୍ରଣାମକଲେ ଓ ଗାଁର ହାଲ୍ -ଚାଲ ପଚାରିଲେ। ତା'ପରେ କୁନାଜେଜେ ଆରମ୍ଭ କଲେ ଗାଁରେ ଜଳ ସଙ୍କଟ ଦେଖାଦେଇଛି। ସରକାରୀ ଜଳ ଯୋଗାଣ କିଛି ସ୍ଥାନରେ ସପ୍ତାହକୁ ଥରେମାତ୍ର ପାଇପ୍ ଯୋଗେ ଯୋଗାଇ ଦିଆଯାଉଛି। ଏସନ ଗାଁ ପାଖ ନଈ ପୁରା ସୁଖିଯାଇଛି। ତେଣୁ ଚୁଆରେ ମଧ ପାଣି କମ୍ ଆଉ ପୋଖରୀ ଦୁଇଟା ମଧ ପାଣି ଅଧା। ନୂଆ ସରପଞ୍ଚ ଶପଥ ନେବାର ମାସେ ଭିତରେ ଖରା ଯୋରଧରିଲା, ତେଣୁ ମଝିରେ ମଝିରେ ଟ୍ୟାଙ୍କରରେ ପାଣିଆଣି ଯୋଗାଇଲେ ଯେ ତା'ବି ସମୁଦ୍ରକୁ ଶଙ୍ଖେ। ଗାଁ କଥାଶୁଣି କୁନାବାପାଙ୍କ ଆଖିଆଗରେ ନାଚି ଉଠିଲା ଗାଁର ଦୃଶ୍ୟ। ଖରାଦିନେ ପୋଖରୀରେ ବହୁସମୟ ଗାଧୋଇବାକୁ ମନା ସତ୍ତ୍ୱେ ଘଣ୍ଟା ଘଣ୍ଟା ବୁଡିବାରେ ଥିଲା ଆନନ୍ଦ। ଆମ୍ବତୋଟାର ଛାଇତଳେ ବିତୁଥିବା ଦ୍ୱିପ୍ରହର, ସଞ୍ଜବେଳେ ନଈପଠାରେ ଶୀତଳ ପବନ ଗ୍ରୀଷ୍ମ ଜନିତ କଷ୍ଟକୁ ଲାଘବ କରୁଥିଲା। ସହରରେ ପୋଖରୀ ବା ଗଡିଆ ଦେଖିବା ସ୍ୱପ୍ନ, ସେଥିରେ ପାଇପ୍‌ରେ ସରକାରୀ ଜଳ ଯୋଗାଣ ବିଭାଗର ମନମୁଖୀ ଶାସନ। ଆଉ ଏଇ ଖରାଦିନେ ପିଇବା ପାଣି ରଖିସାରିବା ପରେ ବଳକାପାଣିରେ ସବୁ କରିବାକୁ ବାଧ, ନହେଲେ ଅଧା ଗାଧୁଆରେ ପାଣି ବନ୍ଦ। କୁନାବୋଉ ଡାକିଲେ - ଖାଇବା ବଢ଼ାହେଲା। ସମସ୍ତେ ଖାଇ ସାରିବା ପରେ, ବାସନଧୁଆ ପର୍ବରେ ବ୍ୟାଘାତ ସୃଷ୍ଟିକଲା ଅଚାନକ ଟାଙ୍କିରୁ ପାଣିବନ୍ଦ। ରାତି ସାଢ଼େ ଦଶରେ ପାଣିପବନ୍ଦ, ପାଣି ଆସିବାର ସମ୍ଭାବନା ନାହିଁ ଆଉ। କୁନାବୋଉ କହିଲେ- ସଂଧ୍ୟାବେଳେ ଶେଷଥର ପାଣି ଦେବାରଥିଲା, ଦେଇନି ବୋଧେ। ହଉ ରାତି ଚାରିଟାରେ ପାଣି ଆସିଯିବ। ଏଇ ବିଶ୍ୱାସ ସହ ସମସ୍ତେ ନିଜନିଜ ଶେଯକୁ ଗଲେ ଶୋଇବାକୁ। ସକାଳୁ ପାଣି ଆସିଲେ ଆଉ ଅଳପ ବାକିକାମ ହେବ। ହେଲେ ସକାଳୁ ପାଣି ଆସିନଥିଲା। ସକାଳ ଛଅଟା ବେଳକୁ କୁନାବାପା ଉଠି ଦେଖିଲେ ଯେ ଘରେ ପ୍ରାତଃସ୍ନାନ ପର୍ବଟି ଆରମ୍ଭ ହୋଇନି କାହାର। ଜଳଯୋଗାଣ ଅଫିସ୍ ଯାଇ ବୁଝିଲା ବେଳକୁ ଜଣାପଡିଲା ଯେ ନରାଜରୁ ରାଜଧାନୀକୁ ଜଳ ଯୋଗାଉଥିବା ମୁଖ୍ୟ ପାଇପ୍‌ଟି ମଝିରେ ଫାଟିଯାଇଛି। ଯନ୍ତ୍ରୀଙ୍କ ସହ ଏକ ପାଇପ୍ ମରାମତି ଦଳ ଯାଇ ସଠିକ୍ ସ୍ଥାନକୁ ଚିହ୍ନଟ କରି ମରାମତି କରିବା ପାଇଁ ବାହାରିଗଲେଣି। ତେଣୁ କିଛି ସମୟ ଲାଗିବ, ହେଲେ କେତେ ସମୟ ବୋଲି ଠିକ୍ କହିହେବନି ବୋଲି କହିଲେ ଜଣେ କର୍ମଚାରୀ। କଲୋନୀର ଯୁବନେତା ଦିଜଣ ପାଟିକରି ଏରିଆ କମ୍ପାଉଥାନ୍ତି, ହେଲେ ତାର କିଛି ମୂଲ୍ୟନାହିଁ ବୁଝି ଘରକୁ ଫେରିଲେ କୁନାବାପା। ଘରେ ପହଞ୍ଚୁ ପହଞ୍ଚୁ ସମସ୍ତେ ପ୍ରଶ୍ନିଳ ଚକ୍ଷୁରେ ଚାହିଁଲେ। ତେବେ ପାଣି ଆସିବାରେ ଡେରିହେବାର ସମ୍ଭାବନା ଦେଖି କୁନାବୋଉ ବୁଦ୍ଧିମତୀ ବୋହୂର ପରିଚୟ ଦେଲେ, ଗୋଟିଏ ଉପାଦେଇ କହିଲେ- ଆଜି ଆମେ ସମସ୍ତେ ଆମ ଘରକୁଯିବା। କଥାଟା ଟିକେ ଅଡୁଆ ଲାଗିଲେ ମଧ ପାଖ ଶୌଚାଳୟର ଦୂରାବସ୍ଥା ବିଷୟରେ କୁନାବାପାଠୁ ଶୁଣି, ସମସ୍ତେ ହଁ ଭରିଲେ। କୁନାବାପା ଗ୍ୟାରେଜ୍‌ରୁ କାର ବାହାରକରି ସମସ୍ତଙ୍କୁ ବସେଇ ବାହାରିଲେ କୁନାର ଅଜାଘରକୁ। କୁନାର ଓ କୁନାବୋଉଙ୍କର ଖୁସି କହିଲେ ନସରେ। ତେବେ ମାତ୍ର ଦେଢ଼ କିଲୋମିଟର ଦୂରରେ ରହି ମଧ ବର୍ଷରେ ଦୁଇ ତିନିଥର ବାପଘରକୁ ଆସୁଥିବା ଝିଅ ଜୋଇଁଙ୍କ ସରପ୍ରାଇଜ୍ ଭିଜିଟ୍‌ରେ ଆଚମ୍ବିତ ହେଲେ କୁନାର ଆଈ। ଅତିଥି ଚର୍ଚ୍ଚା ଆରମ୍ଭ କଲେ ପାଣି ଓ ଚା'ଦେଇ। ଜଣ ଜଣକରି ସମସ୍ତେ ନିତ୍ୟକର୍ମ ସାରି ପାଖ ମନ୍ଦିରରେ ଦେବଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କଲେ ଓ ଜଳଖିଆ ଖାଇ ବାହାରିଲେ ଘରକୁ। ସୌଭାଗ୍ୟକୁ କୁନାର ଅଜାଘରେ କୁଅ ଓ ମଟରର ସୁବିଧାଥିବାରୁ ଓ ପାଖରେ ରହୁଥିବାରୁ ବଡ ଅଘଟଣରୁ ତ୍ରାହିପାଇଲେ ସମସ୍ତେ। କାରଣ ସବୁ ରୋକିହେବ ହେଲେ ଅଟର୍ଚ୍ଛା ଝାଡା ପରିଶ୍ରା ଭଳି ପ୍ରାକୃତିକ ରେଚନକୁ କିଏ ରୋକିବ?

ସେଥିପାଇଁ ତ କୁହନ୍ତି ବିପଦର ବନ୍ଧୁ ପ୍ରକୃତ ବନ୍ଧୁ। ତେବେ ଗାଁ ଗଣ୍ଡାରେ ସିନା ଦୂର ପଡିଆକୁ ଯାଇହେବ, ସହରକୁ ଜଳ ଯୋଗାଣ ବନ୍ଦହେଲେ ସବୁ ଗୋଳମାଳ। ସେମିତି ବି କେନ୍ଦ୍ରର ସ୍ୱଚ୍ଛଭାରତ ଯୋଜନାରେ ତିଆରି ହୋଇଥିବା ପାଇଖାନା ଗୁଡିକରୁ ଷାଠିଏ ପ୍ରତିଶତ ଜଳ ଯୋଗାଣରେ ଅସୁବିଧା ହେତୁ କାର୍ଯ୍ୟରେ ଆସୁନଥିବା ଖୋଦ୍ ରାଷ୍ଟ୍ରୀୟ ସାମ୍ପଲ ସର୍ଭେ ସଂସ୍ଥା ରିପୋର୍ଟ ଦେଇଥିବା ହିନ୍ଦୁସ୍ତାନ ଟାଇମ୍ସରେ ପ୍ରକାଶିତ ହୋଇଥିଲା କିଛିଦିନ ତଳେ। ଜଳ ହିଁ ଜୀବନ। ଜଳ ଯୋଗାଣରେ ବିଳମ୍ବ ବା ବିଭ୍ରାଟ ହେଲେ ଗାଁର ମହିଳାମାନେ ଗରା ବାଲଟି ରଖି ରାସ୍ତାରୋକ କରିବା ଘଟଣା ପ୍ରତିବର୍ଷ ଖବରକାଗଜର ପୃଷ୍ଠାମଣ୍ଡନ କରୁଥିବା ବେଳେ ସରକାର ତା' ଉପରେ ଯାହା ପଦକ୍ଷେପ ନେଉଛନ୍ତି ତା ସମୁଦ୍ରକୁ ଶଙ୍ଖେଭଳି ପ୍ରତିତ ହେଉଛି। ତେବେ ଖୋଦ ରାଜଧାନୀରେ ଜଳ ଯୋଗାଣରେ ଅବ୍ୟବସ୍ଥା ଦେଖି, ଗାଁ ଗଣ୍ଡା କଥା କ'ଣ ଥିବ ତାହା ସହଜରେ ଅନୁମେୟ। ଜଳ ଯୋଗାଣର ସୁ-ବନ୍ଦୋବସ୍ତ ତଥା ଜଳର ସୁ-ବିନିଯୋଗ ହେବା ଉଚିତ। କୁନାବାପା ତ କୁନାବୋଉଙ୍କ ବୁଦ୍ଧିମତ୍ତା ତଥା କୁଅର ଫାଇଦା ଉଠେଇଲେ, ହେଲେ ଯାହାପାଖରେ ଏ ବ୍ୟବସ୍ଥାଟି ନାହିଁ, ସେ କ'ଣ କରିବେ? ଯଦି ଆପଣ ଆସୁନି, ତେବେ ଶୌଚାଳୟ ଥାଇ ଲାଭ ବି କ'ଣ?

*- ଶାରଦା ପ୍ରସାଦ ମହାପାତ୍ର*

# ମୁଁ ଆକାଂକ୍ଷା କହୁଛି



ନିବେଦିତା ମହାନ୍ତି

**ସ**ମୟ ସକାଳ ୯ଟା ପ୍ରାୟ। ହଠାତ୍ ସହରର କେନ୍ଦ୍ର ସ୍ଥଳରେ ଅବସ୍ଥିତ ହସ୍ପିଟାଲ ପାଖ ଅଳିଆଗଦାରୁ ଏକ ନବଜାତ ଶିଶୁର କରୁଣ କ୍ରନ୍ଦନରେ ପରିବେଶ ହୋଇଉଠିଲା କୋଳାହଳମୟ। ସ୍କୁଲ, କଲେଜ୍, ଅଫିସ୍ ଯାତାୟତ ସମୟ, ତେଣୁ ରାସ୍ତା ଥିଲା ଜନଗହଳି ପୂର୍ଣ୍ଣ। ଧୀରେ ଧୀରେ ଘଟଣା ସ୍ଥଳରେ ବେଶ୍ ଭିଡ଼ ଜମିବାକୁ ଲାଗିଲା। ଘଟରାର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା। ଏକ ଜୀବନ୍ତ ନବଜାତ ଶିଶୁକନ୍ୟାକୁ ଗୋଟେ ବୁଲା କୁକୁର ଝୁଣି ଝୁଣି ଖାଉଥିଲା। ଆଉ ସେହି କୋମଳ ଶିଶୁକନ୍ୟାଟି ବିଳାପ କରୁଥିଲା ଅସହ୍ୟ ଯନ୍ତ୍ରଣାରେ। ତା'ଠାରୁ ଆହୁରି ଦୁର୍ଭାଗ୍ୟଜନକ ଥିଲା, ସେଠାରେ ଉପସ୍ଥିତ ପାଖାପାଖି ୪୦/୫୦ ଜଣ ଲୋକଙ୍କ ସମାବେଶ। ଯେଉଁମାନେ କି ଏହି ଲୋମହର୍ଷଣକାରୀ ଦୃଶ୍ୟକୁ ଚଳଚ୍ଚିତ୍ର ଦେଖିଲା ଭଳି ଠିଆହୋଇ ଉପଭୋକ କରୁଥିଲେ। କେହି କେହି ନିଜ ମୋବାଇଲରେ ଏହି ଦୃଶ୍ୟର ଭିଡିଓ ରେକର୍ଡ



କରୁଥିଲେ ତ କିଏ ଫଟୋ ଉତ୍ତୋଳନ କରୁଥିଲେ। ଫଟୋ ଉଠାଇବା ପାଇଁ ତ ଅନେକ ହାତ ଉଠିଥିଲା, ମାତ୍ର ଗୋଟିଏ ବି ହାତ ବଢୁ ନଥିଲା, କୁକୁର ମୁହଁରୁ ନିଷ୍ପାପ ଶିଶୁଟିକୁ ଉଦ୍ଧାର କରିବା ଲାଗି। ସତେ ଯେପରି ସେ କୁକୁର ନୁହେଁ, ଏକ ବାହୁବଳୀ ଯୋଦ୍ଧା କିମ୍ବା ଆତଙ୍କବାଦୀ, ଏମାନଙ୍କୁ ଆକ୍ରମଣ କରିବ। ଶିଶୁଟିର କରୁଣ ବିଳାପ କାହାରି ହୃଦୟକୁ ସ୍ପର୍ଶ କରୁ ନଥିଲା, ସମସ୍ତେ ଯେପରି ସ୍ଥାଣୁ, ଜଡ, ପାଷାଣ। ମାତ୍ର ସେହି ମୁହୂର୍ତ୍ତରେ, ଅଚାନକ ଭିଡ଼କୁ ଆଡ଼େଇ ଏକ ୧୭/୧୮ ବର୍ଷର ଯୁବକଟିଏ ଚଢ଼ିଗଲା ଅଳିଆ ଗଦାକୁ। ଯୁବକଟି ଥିଲା +୨ ଶେଷବର୍ଷର ଜଣେ ଛାତ୍ର, ଯିଏ ଟ୍ୟୁସନ ସାରି ସେହି ରାସ୍ତାରେ ଘରକୁ ଫେରୁଥିଲା। ସେ କୁକୁରକୁ ଘଉଡାଇ କ୍ଷତାକ୍ତ ଶିଶୁଟିକୁ ଟୋଳିନେଲା ଦୁଇ ହସ୍ତରେ। ନିଜ ପାଖରେ ଥିବା ରୁମାଲ ଟିକୁ ତା'ର ରକ୍ତ ଜୁଡୁବୁଡୁ ଶରୀର ଉପରେ ଢାଙ୍କିଦେଇ ଜଡାଇ ଧରିଲା ନିଜ କୋଳରେ। ଶିଶୁଟିକୁ ଅବିଳମ୍ବେ ଆଶୁ ଚିକିତ୍ସା ଅଵଶ୍ୟକ, ତାକୁ ବଞ୍ଚାଇବାକୁ ପଡିବ। ଯୁବକଟି ଚିନ୍ତା କରୁଥିଲା କିପରି କ'ଣ କରିବ? ସେହି ମୁହୂର୍ତ୍ତରେ ଟ୍ୟୁସନ ସାରି ସେହି ରାସ୍ତା ଦେଇ ଫେରୁଥିଲେ ତା' ଉପର କ୍ଲାସର ଦୁଇଜଣ ଛାତ୍ରୀ। ଯୁବକଟି ଶିଶୁକୁ ବଞ୍ଚାଇବା ଲାଗି ସେମାନଙ୍କର ସାହାଯ୍ୟ ଲୋଡ଼ିଲା। ସମସ୍ତେ ମିଶି ତୁରନ୍ତ ନିକଟସ୍ଥ ଶିଶୁ ଆରୋଗ୍ୟ କେନ୍ଦ୍ରକୁ ନେଇଗଲେ ଶିଶୁଟିକୁ। ସେଠାରେ ସମସ୍ତ ଘଟଣା ବୟାନ କଲାପରେ, ଶିଶୁଟିକୁ ଆଶୁଚିକିତ୍ସା ପ୍ରଦାନ କରାଗଲା। ଏପଟେ ଘଟଣାସ୍ଥଳରେ ଜମିଥିବା ଭିଡ଼ ଧୀରେ ଧୀରେ ଅପସରି ଯାଇଥିଲା। ଏଠି ପ୍ରଶ୍ନ ତ ଅନେକ ଆସେ, କିନ୍ତୁ ନୀରବଦ୍ରଷ୍ଟା ସାଜି ଏପରି ମର୍ମାନ୍ତକ ଦୃଶ୍ୟକୁ ଅମାନବିକତା ଭାବେ ଦେଖୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କାହାରି ପରିଚିତ ଶିଶୁଟିଏ ଯଦି ଏଭଳି ଅବସ୍ଥାରେ ମିଳେ ଅଥବା ଏହି ଶିଶୁଟି ଆପଣ ମାନଙ୍କ ମଧ୍ୟରୁ କାହାରି ପରିଚିତ ହୋଇ ନଥିବ, କିଏ ବା କହିବ? ହୁଏତ କନ୍ୟାସନ୍ତାନ ପ୍ରତି ନକାରାତ୍ମକ ମନୋଭାବ ଯୋଗୁଁ କୌଣସି ପିତାମାତା ତାକୁ ଏପରି ଫିଙ୍ଗିଦେଇ ପାରିଥାନ୍ତି? କିମ୍ବା କୌଣସି କୁମାରୀ କନ୍ୟା ଅବାଞ୍ଛିତ ସନ୍ତାନର ଜନନୀ ହେଲାପରେ, ଲୋକଲଜ୍ଜାରୁ ଉଦ୍ଧାର ପାଇଁ ଏପରି ଜଘନ୍ୟ କାର୍ଯ୍ୟ କରିଥାଇ ପାରେ? ତେବେ ସେ ଯାହା ହେଉନା କାହିଁକି, ହସ୍ପିଟାଲ ବିଛଣାରେ ପଡ଼ିଥିବା ସେହି ଅପରିଚିତା ଶିଶୁକନ୍ୟାର କରୁଣ ବିଳାପ କହୁଥିଲା, "ତୁମେ ମୋତେ ଜନ୍ମଦେଲ, ଜୀବନରୁ ଶେଷ କରିଦେବା ପାଇଁ ଏଇ ପରିତ୍ୟକ୍ତ ବସ୍ତୁ ପରି ଫିଙ୍ଗିଦେଲ ଅଳିଆ ଗଦାକୁ। ସମାଜର କିଛି ଲୋକ ମୋତେ ମୃତ୍ୟୁ କୋଳରେ ଛଟପଟ ହେଉଥିବାର ଦେଖି ମଧ ନୀରବଦ୍ରଷ୍ଟା ସାଜିଲେ। ମାତ୍ର ଏଭଳି ସମାଜରେ ମୁଁ ଏବେ ବଞ୍ଚିଛି, ମୁଁ ଆକାଂକ୍ଷା କହୁଛି"।

*ଶାସ୍ତ୍ରୀନଗର, ଭୁବନେଶ୍ୱର*

# ମା'

ଦିବ୍ୟଜ୍ୟୋତି ମହାନ୍ତି



**ପି**ଲାଟିଏ ଯେତବେଳେ ଜନ୍ମ ହୁଏ ବାପା ମା'ଠୁ ଆରମ୍ଭକରି ବନ୍ଧୁ ବାନ୍ଧବ ସାହିପଡିଶା ସମସ୍ତେ ଖୁସି ହୋଇଥାନ୍ତି । କିନ୍ତୁ ମୋ ଜୀବନରେ ସେଭଳି କିଛି ଘଟିନଥିଲା ନା ଖୁସି ଥିଲେ ଘରଲୋକ ନା ଖୁସି ହେଉଥିଲେ ସାହିପଡିଶା । ସତେ ଯେପରି ଦୁଃଖ ଦରିଆ ଭିତରେ ମୋ ଜନ୍ମ ହେବା ଖୁସିଟା ଜଳ ବିନ୍ଦୁଟେ ପରି ମିଳେଇ ଯାଇଥିଲା। ତଥାପି ଏହି ଦୁଃଖ ଦରିଆ ଭିତରେ କାଣିଚାଏ ଖୁସିର ଆସର ନେଇ ଯିଏ ଆସିଥିଲା ସେ ହେଉଛି ମୋ ମା' । ମୋ ପାଇଁ ବହୁତ କଷ୍ଟ ସହିବାକୁ ପଡୁଥିଲା ମୋ ମା'କୁ, ସତେ ଯେପରି ଦୁନିଆର ସବୁଠୁ ବଡ ଭୁଲ୍ କରିଛି ସେ ମତେ ଜନ୍ମ ଦେଇ । ଏମିତିକି ନା ମତେ ବାପା ଭଲ ପାଉଥିଲେ ନା ଘରଲୋକେ । ଛୋଟ ପିଲାଟିକୁ ଘରେ ସମସ୍ତେ ଆଦର କରନ୍ତି କୋଳେଇ ନିଅନ୍ତି ଗେଲ ବି କରନ୍ତି, କିନ୍ତୁ ଘରେ ମା ଛଡା ମତେ କୋଳେଇ ନେବା ପାଇଁ କାହା ହାତ ବି ଯାଉନଥିଲା । ମରୁଭୂମିରେ ଜଳ ଖୋଜିଲା ପରି ଟିକିଏ ସ୍ନେହ ମମତା ଖୋଜି ଖୋଜି ଚାଲିଯାଏ ଚାରିବର୍ଷ । ଏହି ସମୟରେ ଜନ୍ମନିଏ ମୋର ଗୋଟେ ଛୋଟ ଭାଇ ଯେପରି ଆକାଶର କଳାମେଘଟାକୁ ଆଜି ହଟେଇ ପୂର୍ଣ୍ଣିମାର ଚାନ୍ଦ ହୋଇ ଆସିଯାଇଛି ଆମ ଘର ଆକାଶରେ । ଯାହାହେଉ ସେଦିନ କିନ୍ତୁ ମା' ଜୀବନରୁ ହଟି ଯାଇଥିଲା ଅମାବାସ୍ୟାର କଳା ଅନ୍ଧାର ଘରେ ସେଦିନ ମା କୁ କେହି ଟିକିଏ ଗାଳି ବି କରୁନଥିଲେ । ଘରେ ସମସ୍ତ ଲୋକଙ୍କ ନଜର ଆଢୁଆଳରେ ରହିଯାଉଥିଲି କିନ୍ତୁ ମୁ ଯେପରି ଘରେ ମୁଁ ନାହିଁ କି ମୋର କୌଣସି ଆବଶ୍ୟକତା ନାହିଁ । କିଛି ଦିନ ପରେ ଆମ ଭାଇ ଭଉଣୀ ଦୁଇ ଜଣଙ୍କର ପାଠ ପଢା ଆରମ୍ଭହେଲା। ମୋ ଭାଇ ପଢିଲା ଗାଁ ଠୁ ଅନତିଦୂର କେଉଁ ଗୋଟେ ବଡ ସହରର ଏକ ଇଂଲିଶ ମିଡିୟମ୍ ସ୍କୁଲ୍‌ରେ ଆଉ ମତେ ପଢାଗଲା ସେଇ ଗାଁ ସ୍କୁଲ୍‌ରେ । ମୁଁ ଭଲ ପାଠ ପଢୁଥାଏ ବୋଲି ଆମ ସ୍କୁଲ୍ ସାର୍ ଘରେ ଆସି କହିଲେ ମଧ୍ୟ ବାପାଙ୍କ ମନରେ ଟିକିଏ ଖୁସିନଥାଏ ମୋ ପାଠ ପଢିବାକୁନେଇ ।

...କିଛିଦିନ ପରେ ଦଶମ ପରୀକ୍ଷା ପଢିବାକୁ ମତେ ଟାଇମ୍ ବି ଟିକେ ଘରେ ଦେଉନଥାନ୍ତି । ଜେଜେ ମା ସବୁବେଳେ କହୁଥାନ୍ତି ତୁ ତ ଟୋକି ଟା ପଢି କି କ'ଣ କରିବୁ, ଯାଇ ଯାଇ ସେଇ ଚୁଲି ମୁଣ୍ଡକୁ ଯିବୁ ଯା କାମ ଦାମ ଟିକେ ସିଖି ଶାଶୁଘରେ କାମଦେବ । ତଥାପି ମା' ସମସ୍ତଙ୍କ ନଜର ଆଢୁଆଳରେ ମତେ ପଢିବାକୁ ପଠାଇଦିଏ । ଶେଷରେ ମୋର ଦଶମ ପରୀକ୍ଷା ସରିଲା ଆଉ ମୁ ଭଲମାର୍କ ରଖି ରଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ବି ହେଲି । ଆଉ ତାର କିଛି ଦିନପରେ ମୋ ଭାଇ ଅଳ୍ପ କିଛି ମାର୍କ ରଖି ମାଟ୍ରିକ୍ ପାସ୍ କଲା ଆଉ ଗୋଟେ ଭଲ କଲେଜ୍‌ରେ ପଢିଲା । କିନ୍ତୁ ମୋ ଦଶମ ପରୀକ୍ଷା ପରେ ମତେ ଆଉ କଲେଜ୍‌ରେ ପଢିବାକୁ ଦିଆଯାଉନଥିଲା ତଥାପି ମା' ବାପାଙ୍କୁ ବହୁତ ବୁଝାଇବାପରେ ମୁଁ କଲେଜ୍‌ରେ ପଢିଲି । ଯାହାହେଉ ସେଦିନ ମା' ବାପାଙ୍କୁ ସେଇ ନେହୁରା ପାଇଁ ମୁଁ ଆଜି ଗୋଟେ ଭଲ ଜାଗାରେ ଚାକିରୀ କରିଛି । ହେଲେ ମୋ ଭାଇ ଏବେ ପାଠ ସାଠ ପଢି ବି ମଦ ଗଞ୍ଜେଇ ଖାଇ ରାସ୍ତା ଘାଟରେ ଗଡୁଛି। ଆଉ ଘରଲୋକଙ୍କୁ ବହୁତ ହଇରାଣ କରୁଛି । ଆଜି ଘରେ ସମସ୍ତେ ବଦଳିଯାଇଛନ୍ତି ଓ ବାପା ତାଙ୍କ ଭୁଲ୍ ବଝିପାରିଛନ୍ତି । ଏମିତିକି ଦିନେ ଯେଉଁ ଜେଜେ ମା ମତେ କାମ କରିବାକୁ ବାଧ୍ୟ କରୁଥିଲା ସେ ବି ଆଜି ମତେ ଟିକେ ବି କାମ କରିବାକୁ ଦେଉନି । ପିଲାଦିନର ହରେଇଥିବା ସବୁ ସୁଖ ଆଜି ପାଇଛିସିନା ହେଲେ ତୁ ମୋ ପାଖରେ ନାହୁଁ ମା' । ତୋର ସେଦିନର ସେଇ ସ୍ନେହ ଭଲପାଇବା ଆଉ ମୋଲାଗି ସହିଥିବା ଘରଲୋକଙ୍କଠୁ ପ୍ରତ୍ୟେକଟି କଷ୍ଟ ପାଇଁ ମୁ ଆଜି ଏଠି ପହଞ୍ଚିଛି । ଯେତବେଳେ ମୁଁ ସବୁକିଛି ପାଇଛି ମୋ ହାତ ପାହାନ୍ତାରେ ସେତବେଳେ ତୁ ନାହୁଁ ମୋ ପାଖରେ । ଝଡ ତୋଫାନର ରାତିସିନା ମୋ ଜୀବନରୁ ଚାଲିଯାଇଛି ହେଲେ ସେ ଝଡ ତୋଫାନ ନେଇଯାଇଛି ମୋ ଅତି ଆପଣାର ମା'କୁ। କାହିଁ କେତେ ଦୂରକୁ । ସତରେ ମା' ମୁଁ ତତେ ବହୁତ୍ ମିସ୍ କରୁଛି । ଯଦି ଆଉଗୋଟେ ଜନ୍ମ ଦିଅନ୍ତେ ଭଗବାନ୍ ତେବେ ମା' ମୁଁ ପୁଣିଥରେ ତୋରି କୋଳରେ ଜନ୍ମ ନେବାକୁ ଭଗବାନ୍‌ଙ୍କ ପାଖରେ ପ୍ରାର୍ଥନା କରିବି।

*ଅଣିଅଙ୍କ, ଓଷକଣା,*
*ବାଲିକୁଦା, ଜଗତସିଂହପୁର*







# ୪ମାସ ହେଲା ମହାପ୍ରୟାଣ ଅଚଳ



**କଟକ :** ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ଗରିବ ରୋଗୀଙ୍କ ଶବକୁ ଗ୍ରାମକୁ ନେବାରେ ସହାୟତା କରିବା ପାଇଁ ରାଜ୍ୟ ସରକାର 'ମହାପ୍ରୟାଣ' ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରେ କଟକ ବଡ଼ ଡାକ୍ତରଖାନାକୁ ସରକାର ଦୁଇଟି ମହାପ୍ରୟାଣ ଗାଡି ଯୋଗାଇ ଦେଇଛନ୍ତି। ଦୁଇଟି ଗାଡିରୁ ଗୋଟିଏ ଗାଡି ୪ମାସ ହେଲା ଏକ ଦୁର୍ଘଟଣା ଘଟାଇ ଅଚଳ ହୋଇପଡିଛି। ଏହି ଗାଡିକୁ ମରାମତି କରାଯାଉନାହିଁ। ଗୋଟିଏ ଗାଡିରେ କାମ ଚାଲିଛି। ମହାପ୍ରୟାଣ ଅଚଳ ହୋଇପଡିଥିବାରୁ ଘରୋଇ ଆମ୍ବୁଲାନ୍ସ ଚାଳକମାନେ ଏହାର ଫାଇଦା ଉଠାଇ ଚାଲିଛନ୍ତି। ଶବ ନେବାକୁ ମନଇଚ୍ଛା ମୂଲ୍ୟ ଦାବି କରୁଛନ୍ତି। କୌଣସି ବିକଳ୍ପ ସୁବିଧା ନଥିବାରୁ ବହୁ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟମାନେ ଆମ୍ବୁଲାନ୍ସ ଚାଳକଙ୍କ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ପ୍ରକାଶ, ଦାନ ମାଝି ନିଜ ପତ୍ନୀର ମୃତଦେହକୁ କାନ୍ଧରେ ବୋହି ୧୨କିଲୋମିଟର ନେବା ଘଟଣା ବିଶ୍ୱବ୍ୟାପୀ ଆଲୋଡନ ସୃଷ୍ଟି କରିଥିଲା। ଏହି ଘଟଣାରେ ନିନ୍ଦିତ ହେବା ପରେ ରାଜ୍ୟ ସରକାର 'ମହାପ୍ରୟାଣ'ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ କୌଣସି ସରକାରୀ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କଲେ ଶବକୁ ସମ୍ପର୍କୀୟମାନେ ସ୍ୱଳ୍ପମୂଲ୍ୟରେ ମହାପ୍ରୟାଣ ଗାଡିରେ ଘରକୁ ନେଇପାରିବେ। ଏସସିବିରେ ପ୍ରତିଦିନ ହାରାହାରି ୫ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସରକାର ଏସ୍‌ସିବିକୁ ୨ଟି 'ମହାପ୍ରୟାଣ' ଗାଡି ଯୋଗାଇ ଦେଇଥିଲେ। ଦୁଇଟି ଗାଡି ଥିବାରୁ ବହୁ ଗରିବବ୍ୟକ୍ତି ଏଥିରୁ ଉପକୃତ ହେଉଥିଲେ। ମାର୍ଚ୍ଚରେ କେନ୍ଦୁଝରକୁ ଏକ ମୃତଦେହ ନେଇ ଯାଇଥିବା ମହାପ୍ରୟାଣ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଉକ୍ତ ଗାଡି ମରାମତି କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ତତ୍ପରତା ପ୍ରକାଶ କରୁନାହାନ୍ତି। ଉକ୍ତ ଗାଡି ସେମିତି ସେଠାରେ ଅଚଳ ଅବସ୍ଥାରେ ପଡିରହିଛି। ଗାଡି ମରାମତି ହେଉନଥିବାରୁ ଗୋଟିଏ ମହାପ୍ରୟାଣ ଗାଡି ଏସସିବିରୁ ମୃତଦେହ ନେବା ପାଇଁ ପର୍ଯ୍ୟାପ୍ତ ହୋଇପାରୁନାହିଁ। ଅନେକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସେମାନଙ୍କ ସମ୍ପର୍କୀୟ ମହାପ୍ରୟାଣ ଗାଡି ଏସ୍‌ସିବିରେ ଉପଲବ୍ଧ ହେଉନଥିବାରୁ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ଆମ୍ବୁଲାନ୍ସ ଚାଳକମାନେ ଶବ ନେବାକୁ ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଶବ ନେବାକୁ ବିକଳ୍ପ ନ ଥିବାରୁ ଅଧିକ ମୂଲ୍ୟ ଦେବାକୁ ଅନେକ ମୃତବ୍ୟକ୍ତିଙ୍କ ସମ୍ପର୍କୀୟ ବାଧ୍ୟ ହେଉଛନ୍ତି। ୪ମାସ ଧରି ଏହି ଅବ୍ୟବସ୍ଥା ଲାଗି ରହିଥିବାବେଳେ କର୍ତ୍ତୃପକ୍ଷ ଅଚିନ୍ତାରେ ରହିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଖାଉଟି କମିଶନ ଅଧ୍ୟକ୍ଷ ଭାବେ ଜଷ୍ଟିସ ବି.କେ.ପଟେଲଙ୍କ ଦାୟିତ୍ୱ ଗ୍ରହଣ

**କଟକ :** ଜଷ୍ଟିସ ବିଜୟକୃଷ୍ଣ ପଟେଲ ଗୁରୁବାର ପୂର୍ବାହ୍ଣରେ ରାଜ୍ୟ ଖାଉଟି ଅଭିଯୋଗ ପ୍ରତିବିଧାନ କମିଶନର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ପଟେଲ ରାଜ୍ୟ ସରକାରଙ୍କର ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ବିଜ୍ଞପ୍ତି ସଂଖ୍ୟା ୧୧୩୫୮ ତା ୨.୬.୨୦୧୭ ଅନୁସାରେ ଗୁରୁବାର କଟକ ସତୀଚୌରା ଛକସ୍ଥିତ ରାଜ୍ୟ ଖାଉଟି ଅଭିଯୋଗ ପ୍ରତିବିଧାନ କମିଶନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ କମିଶନର ବରିଷ୍ଠ ସଦସ୍ୟ ଶ୍ରୀ ଗୁରୁପ୍ରସାଦ ସାହୁ, ସଦସ୍ୟା ସ୍ମରିତା ମହାନ୍ତି, ସଂପାଦକ ଆଶିଷ କୁମାର ତ୍ରିପାଠୀ, ଜିଲା ଖାଉଟି ଅଭିଯୋଗ ପ୍ରତିବିଧାନ କମିଶନର ସଭାପତି ଧ୍ରୁବଚରଣ ବାରିକ, କଟକ ଖାଉଟି ବାର ଆସୋସିଏସନର ସଂପାଦକ ଅଶ୍ୱିନୀ କୁମାର ସାହୁ, ଆଇନଜୀବୀ ରୋହିଣୀକାନ୍ତ ପଟ୍ଟନାୟକ, ଅକ୍ଷୟ କୁମାର ସାମଲ, ବ୍ରଜେନ୍ଦୁ ସିହ୍ନା, ଉଦୟନାଥ ସାହୁ, ବିଚିତ୍ରମୋହନ ମହାପାତ୍ର, ପ୍ରାଣଜିତ୍ ସିହ୍ନା, ପ୍ରକାଶ ବାରିକ, ସୌମେନ୍ଦ୍ର କୁମାର ବେହେରା, ଏସ୍. ଲୋକେଶ୍ କୁମାର, ପର୍ଥମେନ୍ଦୁ ରାୟ ପ୍ରମୁଖ ଉପସ୍ଥିତ ରହି ଜଷ୍ଟିସ ପଟେଲଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରି ସେ ଅବସର ଗ୍ରହଣ କରିଥିଲେ । ହାଇକୋର୍ଟରେ କାର୍ଯ୍ୟ କରିବା ପୂର୍ବରୁ ସେ ପୁରୀ ଓ ବଲାଙ୍ଗିରରେ ଜିଲା ଓ ଦୌରା ଜଜ୍, ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ, ଓଡିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର(ପ୍ରଶାସନ), ଓଡିଶା ବିକ୍ରିକର ଟ୍ରିବ୍ୟୁନାଲର ଅଧ୍ୟକ୍ଷ, ରାଜ୍ୟ ସରକାରଙ୍କ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଆଦି ପଦରେ ଅବସ୍ଥାପିତ ଥିଲେ।

# ଓଡ଼ିଶାରେ ନିର୍ମାଣ ହେବ ଫିଲ୍ମସିଟି

**ଭୁବନେଶ୍ୱର :** ଓଡ଼ିଶାରେ ନିର୍ମାଣ ହେବ ଫିଲ୍ମସିଟି। ମେକ୍‌ଇନ୍ ଓଡ଼ିଶାରୁ ସ୍ପଷ୍ଟ ଏଭଳି ପରିକଳ୍ପନା ସାକାର ହେବାକୁ ଯାଉଛି। ନୀଳାମ୍ବୁ ଚିଲିକାରେ ଏଭଳି ପ୍ରେଜେକ୍ଟକୁ ସାକାର କରିବା ପାଇଁ ଆଗେଇ ଆସିଛନ୍ତି ବଲିଉଡର ନଦିଆଦୱାଲା ପରିବାରର ଯୁବ ପ୍ରଯୋଜକ ମୁସ୍ତାକ ନଦିଆଦୱାଲା। ରାଜ୍ୟ ସରକାର ମଧ୍ୟ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଭାରତର ଜଣାଶୁଣା 'ଷ୍ଟୁଡିଓ ୱାନ୍'ର ପ୍ରତିଷ୍ଠାତା ମୁସ୍ତାକ ଓଡ଼ିଶାରେ ଏଭଳି ପ୍ରୋଜେକ୍ଟ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ଜାରି ରହିଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ନଦିଆଦୱାଲା କହିଛନ୍ତି ଯେ ଏ ନେଇ ସରକାରଙ୍କର ଆଲୋଚନା ଜାରି ରହିଛି। ଯଦି ସବୁକିଛି ଠିକ୍‌ଠାକ ଚାଲେ ତେବେ ଆସନ୍ତା ମାର୍ଚ୍ଚ ମାସ ବେଳକୁ ଏହା ହୁଏତ କାର୍ଯ୍ୟକ୍ଷମ ହୋଇପାରେ ବୋଲି ଆଶା କରାଯାଉଛି। ତେବେ ଓଡ଼ିଶାର ନୃତ୍ୟ ପରମ୍ପରା, ହସ୍ତକଳା ଓ ହସ୍ତଶିଳ୍ପର ଯାଦୁ ତାଙ୍କୁ ଏଠାରେ ଏଭଳି ପ୍ରୋଜେକ୍ଟ ପାଇଁ ଟାଣିଆଣିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଲେ ଓଡ଼ିଶାର ବହୁଦିନର ଆଶା ପୂରଣ ହେବ। ଏହାଦ୍ୱାରା ଓଡ଼ିଶାରେ ଫିଲ୍ମ ଶିଳ୍ପ ଆଉ ଦୁଇପାଦ ଆଗକୁ ଯିବ। ବିଶେଷକରି ଓଡ଼ିଆ ଫିଲ୍ମ ନିର୍ମାଣରେ ଏହା ବିଶେଷ ସହାୟକ ହେବ। ଏହା କାର୍ଯ୍ୟକାରୀ ହେଲେ ଆଉ ବାହାର ରାଜ୍ୟକୁ ସୁଟିଂ ପାଇଁ ଯିବାକୁ ପଡ଼ିବ ନାହିଁ ଓ କମ୍ ଖର୍ଚ୍ଚରେ ଭଲ ସିନେମା ନିର୍ମାଣ ହୋଇପାରିବ ବୋଲି ଜଣାପଡ଼ିଛି। ଏହାଦ୍ୱାରା ଓଡ଼ିଶା ଫିଲ୍ମଜଗତ ଉପକୃତ ହେବା ସହ ଅନେକ ଓଡ଼ିଆଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି। ତେବେ ଏହାର ନାମକରଣ ଓଡ଼ିଶାବାସୀଙ୍କ ମନପସନ୍ଦ ଅନୁସାରେ ରଖାଯିବ ବୋଲି ନାଦିଆଦୱାଲା ପ୍ରକାଶ କରିଛନ୍ତି। ସେହିପରି ଏଠାରେ ଏକ ଜାତୀୟସ୍ତରର ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା ନେଇ ମଧ୍ୟ ନଦିଆଦୱାଲା ଘୋଷଣା କରିଛନ୍ତି। ଏହି ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗଦେଇ ରାଜ୍ୟରୁ ଅନେକ କଳାକାର ନାଁ କମେଇପାରିବେ ବୋଲି ସେ କହିଛନ୍ତି। ସ୍କ୍ରିପ୍ଟରାଇଟରରୁ ଆରମ୍ଭ କରି ଫିଲ୍ମ ନିର୍ଦ୍ଦେଶନା ପର୍ଯ୍ୟନ୍ତ ଏବଂ ଅଭିନୟରୁ ଆରମ୍ଭ କରି ଏଡିଟିଂ ପର୍ଯ୍ୟନ୍ତ, ଫିଲ୍ମ ସମ୍ପର୍କିତ ସମସ୍ତ କଳାକୌଶଳ ବିଷୟରେ ଏହି ଇନ୍‌ଷ୍ଟିଚ୍ୟୁଟ୍‌ରେ ତାଲିମ ଦିଆଯିବ। ଏଥିପାଇଁ ବିଦେଶରୁ ଆମଦାନୀ ହୋଇଥିବା ସିନେମା ଯନ୍ତ୍ରପାତି ଏବଂ ସଫ୍ଟୱେୟାର ଉପଲବ୍ଧ ହେବ, ଯାହାକି ଅତ୍ୟାଧୁନିକ ଫିଲ୍ମ ନିର୍ମାଣରେ ସାହାଯ୍ୟ କରିବ। ଭୁବନେଶ୍ୱର ଟେକ୍ନୋସ୍କୁଲ ପରିସରରେ ପ୍ରତିଷ୍ଠାନର ଭୂମିପୂଜା ଅବସରରେ ନାଦିଆଦୱାଲା ଯୋଗଦେଇ ଓଡ଼ିଶାରେ ସିନେମା ନିର୍ମାଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା କହିଥିଲେ।

## ସମବାୟ ମନ୍ତ୍ରୀଙ୍କ ମାର୍କଫେଡ଼କୁ ନିର୍ଦ୍ଦେଶ

# ବର୍ଷା ପୂର୍ବରୁ ଗୋଦାମରେ ସାର ମହଜୁଦ ରଖ

**ଭୁବନେଶ୍ୱର :** ବର୍ଷା ପୂର୍ବରୁ ବ୍ଲକସ୍ତରରେ ଥିବା ଗୋଦାମରେ ସାର ମହଜୁଦ ରଖିବା ସହ ପ୍ରାଥମିକ ସମବାୟସମିତିଗୁଡ଼ିକୁ ଆବଶ୍ୟକ ସାର ଯୋଗାଇ ଦେବାକୁ ସମବାୟ ମନ୍ତ୍ରୀ ମାର୍କଫେଡ୍‌କୁ ପରାମର୍ଶ ଦେଇଛନ୍ତି। ବରଗଡ଼, ଝାରସୁଗୁଡ଼ା ଓ ଭୁବନେଶ୍ୱରର ମାର୍କଫେଡ ଗୋଦାମରେ ଗଚ୍ଛିତ ସାର ହେରଫେର ଘଟଣାରେ ସଂପୃକ୍ତ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରିବାକୁ ସେ ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମାର୍କଫେଡ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ଉପରୋକ୍ତ ତିନିଟି ସ୍ଥାନରେ ରାସାୟନିକ ସାର ହେରଫେର କରାଯାଇ କୋଟି କୋଟି ଟଙ୍କା ତୋସରପାତ ହୋଇଥିବା ଏବଂ ଘଟଣାର ଅନୁସନ୍ଧାନ ପାଇଁ ଭିଜିଲାନ୍ସ ବିଭାଗକୁ କୁହାଯାଇଥିବା ବେଳେ ଏହା ତଦନ୍ତାଧୀନ ଥିବା ସୂଚନା ଦିଆଯାଇଥିଲା। ସଂପୃକ୍ତ କର୍ମଚାରୀଙ୍କୁ ବରଖାସ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମାର୍କଫେଡର ସମସ୍ତ ଗୋଦାମର ସମୀକ୍ଷା ରିପୋର୍ଟ ଦାଖଲ କରିବାକୁ ସେ କହିଛନ୍ତି। ମାର୍କଫେଡ ପକ୍ଷରୁ ସାର କ୍ରୟ ଓ ଯୋଗାଣ, ଧାନ ଓ ମୁଗ କିଣା ଉପରେ ଆବଶ୍ୟକ ତଥ୍ୟ ବୁଝିଥିଲେ। ଚାଷୀମାନେ ଯେପରି ସଠିକ ସମୟରେ ସାର ପାଇପାରିବେ ସେ ନେଇ ସେମାନଙ୍କ ନିକଟସ୍ଥ ଗୋଦାମରେ ଠିକ୍ ସମୟରେ ସାର ପହଞ୍ଚାଇବାକୁ ନିର୍ଦେଶ ଦେଇଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏ ସମ୍ପର୍କରେ ସମବାୟ ସମିତି ଉପ ନିବନ୍ଧକ, ସହକାରୀ ନିବନ୍ଧକ ଓ ମାର୍କଫେଡର ଆଞ୍ଚଳିକ ପରିଚାଳକମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ସେ ମାର୍କଫେଡ ପରିଚାଳନା ନିର୍ଦ୍ଦେଶକ ପ୍ରେମାନନ୍ଦ ଖୁଣ୍ଟିଆଙ୍କୁ ପରାମର୍ଶ ଦେଇଛନ୍ତି। ମାର୍କଫେଡର ୧୪୮ଟି ଗୋଦାମରୁ ଯେଉଁଗୁଡ଼ିକର ମରାମତି ଆବଶ୍ୟକ ପଡୁଛି ସେସବୁର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ କହିଛନ୍ତି। ଏଥିସହ ୩ମାସ ମଧ୍ୟରେ ସମସ୍ତ ଗୋଦାମର କମ୍ପ୍ୟୁଟରୀକରଣ କାର୍ଯ୍ୟ ସାରିବା, ଗଚ୍ଛିତ ପଦାର୍ଥର ହିସାବ କମ୍ପ୍ୟୁଟରରେ ରଖିବା ଏବଂ ଗୋଦାମରେ ସିସିଟିଭି ଲଗାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମାର୍କଫେଡର ଧାନ ସଂଗ୍ରହ ପରିମାଣ ହ୍ରାସ କରାଯାଇଥିବାରୁ ଏହାକୁ ବୃଦ୍ଧି କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ମୁଗ ସଂଗ୍ରହରେ ଚାଷୀ ଯେପରି ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ପାଇବେ ଓ ସେମାନଙ୍କ ଜମାଖାତାକୁ ଏବାବଦ ଅର୍ଥ ଯେପରି ଅନଲାଇନରେ ଦିଆଯିବ ସେନେଇ ଗୁରୁତ୍ୱ ଦେବାକୁ କହିଛନ୍ତି। ନୂତନ ଭାବେ ନିର୍ମିତ ହେଉଥିବା ମାର୍କଫେଡର ଗୋଦାମ ଗୃହ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହାବ୍ୟତୀତ ବିଭିନ୍ନ ସ୍ଥାନରେ ଥିବା ମାର୍କଫେଡର ସାର ଗୋଦାମ ନିୟମିତ ଭାବେ ଯାଞ୍ଚ କରିବା ପାଇଁ ସମବାୟ ବିଭାଗ ଅଧିକାରୀଙ୍କୁ କହିଛନ୍ତି। ମାର୍କଫେଡ ବୋର୍ଡ ବୈଠକ ଓ ବାର୍ଷିକ ସାଧାରଣ ପରିଷଦ ବୈଠକ ଆହୁତ କରି ବଜେଟ ପ୍ରସ୍ତୁତ କରିବାକୁ କହିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସହ ବିଭାଗର ପ୍ରମୁଖ ସଚିବ ମନୋଜ ଆହୁଜା, ସମବାୟ ସମିତି ସମୂହର ନିବନ୍ଧକ ଶଶିଭୂଷଣ ପାଢ଼ୀ ଓ ବିଭାଗୀୟ ଅଧିକାରୀମାନେ ଯାଇଥିଲେ। ମାର୍କଫେଡ ସଭାପତି ବିଭୁଦତ୍ତ ପ୍ରଧାନ ଏବଂ ଉପସଭାପତି ଉପସ୍ଥିତ ଥିଲେ।

# ଦୁଷ୍କର୍ମକାରୀକୁ ୭ ବର୍ଷ ଜେଲ୍

**ଚମ୍ପୁଆ :** ଏକ ଦୁଷ୍କର୍ମ ମାମଲାର ବିଚାର କରି ଚମ୍ପୁଆ ସବ୍‌ଜଜ ଦୁଷ୍କର୍ମକାରୀକୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨୦୧୨ ଫେବୃଆରୀ ୨୩ ତାରିଖରେ ବାମେବାରୀ ଥାନା ଭଣ୍ଡାରଡିହା ଗ୍ରାମର ଜଣେ ଯୁବତୀ ଘରେ ଏକାକି ଥିବା ବେଳେ ସେହି ଗ୍ରାମର କୁସୁନୁ ମୁଣ୍ଡା ଦୁଷ୍କର୍ମ କରିଥିଲେ। ଘଟଣାପରେ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଅଭିଯୁକ୍ତ କୁସୁନ ମୁଣ୍ଡାକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତମାସ ୨୫ ତାରିଖରେ ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସବ୍‌ଜଜ ଅଭିଯୁକ୍ତକୁ ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ତୁଳସୀରାମ ମୁଣ୍ଡା ଏବଂ ଅଭିଯୁକ୍ତ ପକ୍ଷରୁ ଅଶୋକ କୁମାର ଦାଶ ଓ ଦଶରଥ ଗିରି ମକଦ୍ଦମା ପରିଚାଳନା କରୁଥିଲେ।

## ପିଜି ସିଟ୍ ନାମଲେଖାରେ ଚଞ୍ଚକତା

# ସ୍ୱାସ୍ଥ୍ୟବିଭାଗ ଟାର୍ଗେଟରେ ତିନି ଅଧିକାରୀ

**ଭୁବନେଶ୍ୱର :** ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଭିମ୍‌ସାର)ରେ ପିଜି ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରସଙ୍ଗ ଏବେ ଭିନ୍ନ ମୋଡ ନେବାକୁ ଯାଉଛି। ମେଡିକାଲ ପକ୍ଷରୁ ଚର୍ମ ବିଭାଗରେ ୩ଟି ସିଟ୍ ଥିବାବେଳେ ଏଠାରେ ୪ଜଣଙ୍କ ନାମ ଲେଖା ଯାଇଥିବା ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଗୁରୁତର ସହ ନେଇଛି। ଏଥିରେ ପିଜି ମେଡିକାଲ କମିଟି ଅଧ୍ୟକ୍ଷ ଏ କେ ଦଣ୍ଡପାଟ ଓ ପିଜି କମିଟି ଆବାହକଙ୍କ ସମେତ ଭିମ୍‌ସାର ମେଡିକାଲ କଲେଜ ଅଧ୍ୟକ୍ଷଙ୍କୁ ଦାୟୀ କରାଯାଇଛି। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ଏବଂ ପରେ ସେମାନଙ୍କୁ ବିରୋଧ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ମସୁଧା କରୁଥିବା ଜଣାଯାଇଛି। ପିଜି ମେଡିକାଲ ସିଟ୍ ନାମଲେଖାରେ ତଞ୍ଚକତା ନେଇ ଅଭିଯୋଗକ୍ରମେ ଚଳିତମାସ ୬ ତାରିଖରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅତିରିକ୍ତ ଶାସନ ସଚିବ ସୁରଜିତ ଦାସ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଏମ୍‌ଇଟି) ଡା.ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କୁ ପତ୍ର ଲେଖି ତ୍ୱରିତ ରିପୋର୍ଟ ଲୋଡିଥିଲେ। ଏବେ ବିଭାଗକୁ ଯାହା ତଥ୍ୟ ଆସିଛି ସେଥିରେ ପିଜି କମିଟି ଅଧ୍ୟକ୍ଷ, ଆବାହକଙ୍କ ସହିତ ଭିମ୍‌ସାର କଲେଜ ଅଧ୍ୟକ୍ଷଙ୍କୁ ଦାୟୀ କରାଯାଇଛି। କାର୍ଯ୍ୟରେ ଅବହେଳା କାରଣରୁ ବିଭାଗୀୟ ପ୍ରକ୍ରିୟା ଅନୁଯାୟୀ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ତଦନ୍ତ ପରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ସୂଚନା ଅନୁଯାୟୀ ଚଳିତବର୍ଷ ଏସ୍‌ସିବି ମେଡିକାଲ କଲେଜ, ଏମ୍‌କେସିଜି ମେଡିକାଲ କଲେଜ, ଭିମ୍‌ସାର ସହିତ ହାଇଟେକ ମେଡିକାଲ କଲେଜ, ସମ୍ ହସ୍ପିଟାଲ ଏବଂ କିମ୍‌ସ ପକ୍ଷରୁ ୨୮୧ଟି ପିଜି ସିଟ୍ ପାଇଁ ମେଡିକାଲ କାଉନସେଲିଂ କରାଯାଇଥିଲା। ଏସ୍‌ସିବି ପାଇଁ ୯୪ଟି ପିଜି ସିଟ୍ କାଉନସେଲିଂ କରାଯାଇଥିବାବେଳେ ଏମ୍‌କେସିଜି ପାଇଁ ୫୬ଟି, ଭିମସାର ପାଇଁ ୪୭ଟି, ହାଇଟେକ୍ ପାଇଁ ୧୯ଟି, ସମ୍ ପାଇଁ ୩୭ଟି ଓ କିମ୍‌ସ ପାଇଁ ୨୮ଟି ପିଜି ସିଟ୍ ଲାଗି କାଉନସେଲିଂ କରାଯାଇଥିଲା। ତେବେ ଭିମ୍‌ସାର ପକ୍ଷରୁ ୪୭ଟି ପିଜି ସିଟ୍ ପାଇଁ କରାଯାଇଥିବା କାଉନସେଲିଂରେ ୮ଟି ସିଟ୍ ଅନୁସୂଚିତ ଜାତି ପାଇଁ ଉଦ୍ଦିଷ୍ଟ ଥିବାବେଳେ ୧୨ଟି ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ, ଭିନ୍ନକ୍ଷମଙ୍କ ପାଇଁ ୩ଟି, ସାଧାରଣ ବର୍ଗଙ୍କ ପାଇଁ ୫ଟି ଏବଂ ଏକ୍ସ ସର୍ଭିସ ବର୍ଗଙ୍କ ପାଇଁ ୩ଟି ସିଟ୍ ଥିଲା। ତେବେ ସ୍ୱାସ୍ଥ୍ୟମନ୍ତ୍ରାଳୟର ନିର୍ଦ୍ଦେଶ ଅନୁଯାୟୀ ଭିମ୍‌ସାରକୁ ଚର୍ମ ବିଭାଗରେ ୩ଟି ପିଜି ସିଟ୍ ଲାଗି ଅନୁମତି ମିଳିଥିବାବେଳେ ସେଥିରେ ରାଜ୍ୟର ୨ଟି ଏବଂ କେନ୍ଦ୍ରର ଗୋଟିଏ ସିଟ୍ ରହିଥିଲା। ମାତ୍ର ଭିମ୍‌ସାର କର୍ତ୍ତୃପକ୍ଷ ଚର୍ମ ବିଭାଗରେ ଚଳିତବର୍ଷ ୪ଟି ପିଜି ସିଟ୍ ପାଇଁ ନାମ ଲେଖାଇଛନ୍ତି। ଯାହାକି ଅନିୟମିତତାକୁ ସ୍ପଷ୍ଟ କରୁଛି। ଆଗକୁ ଏହି ପ୍ରସଙ୍ଗ ନ୍ୟାୟିକ ମୋଡ଼ ନେବାକୁ ଯାଉଥିବାରୁ ବିଭାଗ ତା' ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାଯାଇଛି।

# ଗରିବ ଆଦିବାସୀଙ୍କୁ ସରକାରୀ ଆବାସ ସାତସପନ

**ଚମ୍ପୁଆ :** କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଚିତ। ସରକାର ଗରିବ ଲୋକମାନଙ୍କର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ପରିତାପର ବିଷୟ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକର ଉଚ୍ଚବାଲି ପଞ୍ଚାୟତର ପଦ୍ମପୁର ଗ୍ରାମରେ ବାସ କରୁଥିବା ନିରୀହ ଆଦିବାସୀ ପରିବାର ଗୁଡିକ ଦୀର୍ଘବର୍ଷ ଧରି ନଡାଛପର ଘରେ ଅତି ଦୟନୀୟ ଅବସ୍ଥାରେ ବାସ କରି ଆସୁଥିବା ବେଳେ ସରକାରୀ ଆବାସ ଯୋଜନା ଏମାନଙ୍କ ପାଇଁ ସାତସପନ ପାଲଟିଛି। ଏହି ଗାଁରେ ବସବାସ କରୁଥିବା ୨୫ଟି ଗରିବ ପରିବାରଙ୍କର ଜମିବାଡି କିମ୍ବା ଘରଦ୍ୱାର ନାହିଁ। ପଦ୍ମପୁର ଗ୍ରାମର ବନ୍ଧହୁଡାରେ ଦୀର୍ଘବର୍ଷ ଧରି ବସବାସ କରି ଆସୁଛନ୍ତି। ପ୍ରତିଦିନ ନିଜର ପେଟ ଚାଖଣ୍ଡଙ୍କ ପାଇଁ ମୂଲ ଲାଗିଲେ ଏହି ଆଦିବାସୀ ପରିବାର ଗୁଡିକରେ ଚୁଲିଜଳେ। ନଚେତ ଭୋକ ଉପାସରେ ଦିନ କାଟିବାକୁ ପଡେ। ତେଣୁ ଏହି ଗରିବ ନିରୀହ ଆଦିବାସୀ ପରିବାରଗୁଡିକୁ ଖୁବ୍‌ଶୀଘ୍ର ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବାଙ୍କୀରେ ୨୨୭୧ ବାଦୁଡ଼ି

**ବାଙ୍କୀ :** ବିଶ୍ୱ ପରିବେଶ ଦିବସ ଅବସରରେ ସିଆର୍‌ଟିଡି (ସେଣ୍ଟର ଫର୍ ରୁରାଲ ଟୁରିଜିମ୍ ଡେଭେଲପମେଣ୍ଟ) ପକ୍ଷରୁ ବାଙ୍କୀରେ ପ୍ରଥମଥର ପାଇଁ ବାଦୁଡ଼ି ଗଣନା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବାଙ୍କୀ ଥାନା ପରିସରରେ ପ୍ରବଳ ସଂଖ୍ୟାରେ ବାଦୁଡ଼ି ରହୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ପାଥେୟ କରି ସୋମବାର ସକାଳ ୭ଟାରୁ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଜାରି ରହିଥିଲା। ଏହି ଗଣନା ଫଳରେ ମୋଟ ୨୨୭୧ଟି ବାଦୁଡ଼ିଙ୍କୁ ଚିହ୍ନଟ କରାଯାଇଛି। ଥାନା ପରିସରରେ ଥିବା ବିରାଟକାୟ ଫାଶୀ, କୋଚିଲା, ଦେବଦାରୁ, ଆମ୍ବ ଓ ଅର୍ଜୁନ ଆଦି ଗଛରେ ଏମାନେ ରହିଥିବା ଜଣାପଡ଼ିଛି। ବାଦୁଡ଼ି ଏକ ସ୍ତନ୍ୟପାୟୀ ପ୍ରାଣୀ ହୋଇଥିବା ବେଳେ ଏହା ସାଧାରଣତଃ ଜନବସତି ଭିତରେ ଥିବା ବିରାଟକାୟ ତଥା ନିରାପଦ ବୃକ୍ଷରେ ବାସ କରିବାକୁ ନିରାପଦ ମନେକରନ୍ତି। ଏଗୁଡ଼ିକ ଗଛ ଡାଳରେ ଗୋଡ଼ ରଖି ଏବଂ ତଳକୁ ମୁଣ୍ଡ କରି ଝୁଲି



ରହିଥାନ୍ତି। ଏମାନେ ରାତ୍ରିଚର ପ୍ରାଣୀ ହୋଇଥିବାରୁ ସନ୍ଧ୍ୟା ପରେ ଖାଦ୍ୟ ଅନ୍ୱେଷଣରେ ବାହାରି ସକାଳ ପୂର୍ବରୁ ସମ୍ପୃକ୍ତ ଗଛକୁ ଫେରିଆସିଥାନ୍ତି। କିନ୍ତୁ ସଂପ୍ରତି ବଡ଼ ବଡ଼ ବୃକ୍ଷଗୁଡ଼ିକୁ କଟାଯିବା ଏବଂ ବଡ଼ ଜଳାଶୟସବୁକୁ ପୋତାଯିବା ଯୋଗୁଁ ଏମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ଘଟିବାରେ ଲାଗିଛି। ବର୍ତ୍ତମାନଠାରୁ ଏମାନଙ୍କର ସଂରକ୍ଷଣ କରା ନ ଗଲେ ଆଗାମୀ ଦିନରେ ଏହାର ବଂଶ ଲୋପ ପାଇବାର ଆଶଙ୍କା ଦେଖାଦେଇଛି ବୋଲି କହିଛନ୍ତି ସିଆର୍‌ଟିଡିର ସମ୍ପାଦକ ଲଳିତ ମୋହନ ପଣ୍ଡା। ଏହି ଗଣନା କାର୍ଯ୍ୟରେ ଅନୁଷ୍ଠାନର ଅମିତ କୁମାର ସାହୁ, ଦୁର୍ଗାମାଧବ ମହାପାତ୍ର, ପ୍ରଦ୍ୟୁମ୍ନ ବେହେରା ଓ ଜଗନ୍ନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ତାରିଣୀ ମହାନ୍ତି ଖଣି ଆଗରେ ଖଣି ଶ୍ରମିକଙ୍କ ଧାରଣା

# ଅଡୁଆ ତୁଟୁନି : ଚାଲିଛି ଆନ୍ଦୋଳନ

**କେନ୍ଦୁଝର :** କେନ୍ଦୁଝର ଜିଲ୍ଲାର ଯୋଡା ଖଣି ମଣ୍ଡଳ ଅନ୍ତର୍ଗତରେ ଥିବା ଯୋଡା ଓ ଝୁମ୍ପୁରା ବ୍ଲକର ୩ଗୋଟି ପଞ୍ଚାୟତର ତାରିଣି ମହାନ୍ତି ଖଣିରେ କାର୍ଯ୍ୟ କରୁଥିବା ଖଣି ଶ୍ରମିକ ମାନେ ଦୀର୍ଘ ୨ମାସ ଧରି ୧୧ଦଫା ଦାବିକୁ ନେଇ ଖଣି ସମ୍ମୁଖରେ ଶାନ୍ତି ପୁର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଛନ୍ତି। ଶ୍ରମିକମାନଙ୍କ ନାର୍ଯ୍ୟ ଦାବିକୁ ଉପେକ୍ଷା କରାଯାଇ ସେମାନଙ୍କ ଉପରେ ପ୍ରଶାସନ ପକ୍ଷରୁ ଆନ୍ଦୋଳନରୁ ଓହରି ଯିବା ପାଇଁ ପରୋକ୍ଷରେ ଚାପ ସୃଷ୍ଟି କରାଯାଉଥିବା ଶ୍ରମିକ ମାନଙ୍କ ପାଇଁ ଦୁର୍ଭାଗ୍ୟ ଜନକ ଘଟଣା ବୋଲି ସ୍ଥାନୀୟ କିଛି ଶ୍ରମିକ ନେତା ଅଭିଯୋଗ କରିଛନ୍ତି। ଖଣି କାର୍ଯ୍ୟ ବନ୍ଦ ନକରି ଖଟିଖିଆ ଶ୍ରମିକମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରଚଣ୍ଡ ଖରାରେ ନିରନ୍ତର ଭାବେ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଖଣି ମାଲିକଙ୍କୁ ସୁହାଇଲା ଭଳି ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଉଭୟ ପଦକ୍ଷେପ ନେଉଥିବା ଯୋଗୁଁ ଆନ୍ଦୋଳନରତ ଶ୍ରମିକ ମାନେ ହତସାହ ହୋଇ ପଡିଥିବା ଜଣାପଡିଛି । ସମସ୍ୟାର ସମାଧାନ ନିମନ୍ତେ ଚମ୍ପୁଆ ଉପଖଣ୍ଡର ଉପଜିଲ୍ଲାପାଳ ଓ ସ୍ଥାନୀୟ ପୋଲିସ ପ୍ରଶାସନ ବିଭିନ୍ନ ସମୟରେ କେତେବେଳେ ଚମ୍ପୁଆ,ବଡବିଲ ତ କେତେବେଳେ ବାମେବାରୀ ଥାନାକୁ ଶ୍ରମିକ ମାନଙ୍କୁ ଡକାଇ ଆଲୋଚନା ଆଳରେ ସେମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି । ଏପଟେ ତାରଣି ମହାନ୍ତି ଖଣି କର୍ତ୍ତୃପକ୍ଷ ସ୍ଥାନୀୟ ପ୍ରଶାସନର ଛତ୍ର ଛାୟା ତଳେ ରହି ଖଣି ଶ୍ରମିକଙ୍କ ଦାବି ପ୍ରତି କର୍ଣ୍ଣପାତ ନକରିବା ଏବଂ ସ୍ଥାନୀୟ ଅଞ୍ଚଳର ବିକାଶକୁ ଆଡ ଆଖିରେ ନ ଚାହିଁବା ଖଣି ମାଲିକଙ୍କ ଏକ ଚାଟିଆ ମନୋବୃତିର ଏକ ନଗ୍ନ ନମୁନା ବୋଲି ସ୍ଥାନୀୟ ପ୍ରଭାବିତ ଜନସାଧାରଣ ଗୁରୁତର ଅଭିଯୋଗ ଉଠାଇଛନ୍ତି । ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ଯୋଡା ଓ ଝୁମ୍ପୁରା ବ୍ଲକର ତିନୋଟି ପଞ୍ଚାୟତର ଗ୍ରାମ ବାସୀ ମାନେ ୧୧ଦଫା ଦାବୀ ନେଇ ଦୀର୍ଘ ଦୁଇ ମାସରୁ ଅଧିକ ସମୟ ହେବ ଆନ୍ଦୋଳନରେ ବସିଛନ୍ତି । ଏହି ଗ୍ରାମ ବାସୀ ମାନେ କମ୍ପାନୀ ଦ୍ୱାରା ପ୍ରତାରିତ ହୋଇ ଆନ୍ଦୋଳନରେ ବସିଥିବା ବେଳେ ପୋଲିସ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନର କମ୍ପାନୀ ପ୍ରିତି ମନୋଭାବ ସାଧରଣରେ ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶ ଯେ ତିନୋଟି ପଞ୍ଚାୟତ ବସନ୍ତପୁର,ବଡକାଳିମାଟି ଓ ନୟାଗଡ ଗ୍ରାମ ପଞ୍ଚାୟତର ଲୋକ ଓ ଖଣି ଶ୍ରମିକ ମାନେ କମ୍ପାନୀ ଆରମ୍ଭ ବେଳେ



ଦେଇଥିବା ପ୍ରତିଶୃତି ପାଳନ ନକରି ମନୋମୁଖି କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି । ଆନ୍ଦୋଳନକାରୀଙ୍କ କହିବା କଥା କମ୍ପାନୀ ଜଙ୍ଗଲ ଜମିକୁ ନଷ୍ଟ କରୁଥିବା ବେଳେ ତାହାର ପୁନଃ ଉଦ୍ଧାର କରୁନାହିଁ । ସେହିପରି ଗ୍ରାମରେ ଥିବା ପଞ୍ଚାୟତ ରାସ୍ତା ଗୁଡିକ ସପୁର୍ଣ୍ଣ କମ୍ପାନୀର ଗାଡି ଚାଲି ଚାଲି ନଷ୍ଟ ହୋଇଯାଇଥିବା ବେଳେ କମ୍ପାନୀ ଏଥିପ୍ରତି ଦୃଷ୍ଟି ଦେଉନାହିଁ । ପାନୀୟ ଜଳର ଘୋର ଅଭାବ ଥିବା ବେଳେ କମ୍ପାନୀ ତରଫରୁ ସାମାନ୍ୟ ପିଇବା ପାଣିର ବ୍ୟବସ୍ଥା କରାଯାଇ ନାହିଁ । ନିୟମ ଅନୁସାର କମ୍ପାନୀ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ନଦେଇ ମେସିନାରୀ ମାଧ୍ୟମରେ କାର୍ଯ୍ୟ ଚାଲୁ ରଖିଥିବା ବେଳେ ସ୍ଥାନୀୟ ଲୋକ ମାନେ ସେମାନଙ୍କ ଜମି କମ୍ପାନୀ ହାତକୁ ଟେକି ଦେଇ ଅସହାୟ ହୋଇ ପଡିଛନ୍ତି । ସ୍ୱାସ୍ଥ୍ୟ ପ୍ରତି କମ୍ପାନୀ କୌଣିସ ନଜର ନଦେଇ ଲୋକଙ୍କ ଜିବନ ସହ ଖେଳି ଚାଲିଛି । ରାସ୍ତାଘାଟର ମରାମତି କିମ୍ବା ନିର୍ମାଣ ନକରି କମ୍ପାନୀ ତିଆରି ହୋଇଥିବା ସମସ୍ତ ରାସ୍ତା ଗୁଡିକ ନଷ୍ଟ କରିଦେଇଛି । ତିନୋଟି ଗ୍ରାମ ପଞ୍ଚାୟତ ଲୋକମାନେ ନଇଁବୁଗା ନାଳ ଉପରେ ନିର୍ଭର କରିଆସୁଥିବା ବେଳେ କମ୍ପାନୀର ବର୍ଜ୍ୟବସ୍ତୁ ଉକ୍ତ ନାଳରେ ମିଶିବା ଦ୍ୱାରା ଏହି ନାଳ ଗୁଡିକ ପୋତି ହୋଇଗଲାଣି କମ୍ପାନୀ ଏହି ନାଳ ଗୁଡିକର ପୁନଃ ଉଦ୍ଧାର ନକରିବା ଦ୍ୱାରା ଏହି ଚିରୋସ୍ରୋତା ନାଳ ଗୁଡିକ ଶୁଖି ଗଲାଣି ଯାହା ଫଳରେ ଏହି ନାଳ ଉପରେ ନିର୍ଭର କରୁଥିବା ଲୋକ ମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ତେଣୁ ଏହି ଚିରୋସ୍ରୋତା ନାଳ ଗୁଡିକ ତୁରନ୍ତ ପୁନଃ ଉଦ୍ଧାର କରିବାର ଆବଶ୍ୟକତ ଅଛି । କିଛି ଦିନ ତଳେ ହୋଇଥିବା କାଳ ବୈଶାଖୀରେ ମଧ୍ୟ ଆନ୍ଦୋଳନ କାରୀ ମାନେ ଆନ୍ଦୋଳନରେ ବସି ଥିବା ବେଳେ ଏଥିପ୍ରତି କମ୍ପାନୀ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ଦୃଷ୍ଟି ନଦେବା ପ୍ରଶାସନର କମ୍ପାନୀ ପ୍ରିତି କେତେ ତାହା ଜାଣି ହେଉଛି । ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ସ୍ଥାନୀୟ ଲୋକଙ୍କ ଥିବା ୧୧ଦଫା ଦାବୀକୁ ମାନି ନେବା ଉଚିତ ବୋଲି କିଛି ଶ୍ରମିକ ନେତା ଓ ରାଜନୈତିକ ବ୍ୟକ୍ତି ମାନେ ଦାବୀ କରିଛନ୍ତି । ତେବେ ତାରିଣୀ ମହାନ୍ତି ଖଣି ପ୍ରତି ଜିଲ୍ଲା ପ୍ରଶାସନ କାହିଁକି ଏତେ ନରମ ମନୋପୋଷଣ କରୁଛି ତାହା ଜିଲ୍ଲାର ଜନସାଧାରଣଙ୍କୁ ଚକିତ କରିଛି ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 12th - 18th June, 2017
ଭୁବନେଶ୍ୱର, ୧୨-୧୮ ଜୁନ, ୨୦୧୭


ଉପସ୍ଥାପନା
ଜାହ୍ନବୀସୁତ

# ହିମାଳୟର ବିଚିତ୍ର ଜୀବ ୟେତି



ପ୍ରକୃତିରେ ଲୁଚିରହିଛି ଅନେକ ରହସ୍ୟ। କେତେବେଳେ ଉଦ୍ଭିଦ ଜଗତକୁ ନେଇ ତ ପୁଣି କେତେବେଳେ ଜୀବଜଗତକୁ ନେଇ ରହିଛି ରହସ୍ୟ। ସମୁଦ୍ର ଅତଳ ଗର୍ଭଠାରୁ ଅନନ୍ତ ଆକାଶ ସବୁଠାରେ ରହିଛି ରହସ୍ୟର ଉପସ୍ଥିତି। ସେହିଭଳି ସୁଉଚ୍ଚ ପର୍ବତ ମଧ୍ୟ ରହସ୍ୟଠାରୁ ଦୂରରେ ନାହିଁ। ଏମିତି ଏକ ପର୍ବତ ଭିତରେ ଲୁଚିଥିବା ରହସ୍ୟ ଉପରେ ନଜର ପକାଇବା। କୁହାଯାଏ ଯେ ଏହି ପାହାଡ଼ର ଉଚ୍ଚତା ବଢ଼ିବା ସହ ରହସ୍ୟର ଗଭୀରତା ମଧ୍ୟ ଅଧିକ ହୋଇଥାଏ। ସୁଉଚ୍ଚ ପାହାଡ଼ରେ ପଡ଼ିଥାଏ ବରଫ। ବରଫାବୃତ୍ତ ପାହାଡ଼ର ଅନେକ ଅଞ୍ଚଳ ହୋଇଥାଏ ଅଗମ୍ୟ। ଏହିସବୁ ଅଞ୍ଚଳରେ ଜନସଂଖ୍ୟାର ଘନତା ମଧ୍ୟ କମ୍ ଦେଖାଦେଇଥାଏ। ଏହିସବୁ ପରିବେଶ ରହସ୍ୟ ସୃଷ୍ଟି କରିବା ପାଇଁ ଅନୁକୂଳ ହୋଇଥାଏ। ସେମିତି ଏକ ପରିବେଶରେ ଦେଖାଦେଇଥାନ୍ତି ବରଫ ମାନବ ବା ୟେତି। ଏହି ୟେତି ଦେଖିବାକୁ ସାଧାରଣ ମାନବଠାରୁ ଖୁବ୍ ବଡ଼। ମାନବ ଭଳି ଦେଖାଯାଉଥିଲେ ମଧ୍ୟ ସେମାନଙ୍କ ଶରୀରରେ ରହିଥାଏ ଭାଲୁ ଭଳି ଲୋମଶ। ସାଧାରଣ ଭାଷାରେ କହିବାକୁ ଗଲେ ଏକ ବିଶାଳ ଲୋମଶ ମଣିଷ। ଆଉ ଏମାନେ ନିକାଞ୍ଚନ ପର୍ବତରେ ବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ପ୍ରକୃତରେ ଏହି ୟେତିମାନଙ୍କର ଅବସ୍ଥିତିକୁ ନେଇ ରହିଛି ଅନେକ ମତ। ଆଉ ଏହାକୁ ନେଇ ମଧ୍ୟ ଅନେକ ଗବେଷଣା କରାଯାଇଛି। ପ୍ରକୃତରେ ୟେତି ଶବ୍ଦ ଆସିଛି ତୀବ୍ବତୀୟାନ୍ ଭାଷାରୁ। ହିମାଳୟର ତିବ୍ବତ ଅଞ୍ଚଳ ଏକ ସମୟରେ ଅଗମ୍ୟ ତଥା କମ୍ ଜନସଂଖ୍ୟା ବିଶିଷ୍ଟ ସ୍ଥାନ ଥିଲା। ତେଣୁ ଏହି ସ୍ଥାନରେ ଏହି ୟେତି ଦେଖାଯାଉଥିବାର ବିଶ୍ୱାସ କରାଯାଏ। ହେଲେ ମନରେ ପ୍ରଶ୍ନ ଆସେ, ସତରେ କ'ଣ ପାହାଡ଼ର ଏତେ ଉଚ୍ଚରେ ଏଭଳି ମଣିଷମାନଙ୍କର ଅବସ୍ଥିତି ରହିଛି ! ସେମାନେ କ'ଣ ସାଧାରଣ ମଣିଷମାନଙ୍କ ଠାରୁ ଭିନ୍ନ ? ସେମାନଙ୍କର ଏଭଳି ରହସ୍ୟମୟ ଉପସ୍ଥିତି ବେଳେବେଳେ ମଣିଷ ମନରେ ଅନକେ ପ୍ରଶ୍ନ ସୃଷ୍ଟି କରିଥାଏ। ଆଉ ହିମାଳୟର ପୃଥିବୀର ଅନେକ ପର୍ବତରେ ଏଭଳି ୟେତିମାନଙ୍କୁ ଦେଖିବାକୁ ମିଳିଥିବା କଥା ସବୁବେଳେ ଚର୍ଚ୍ଚା ହୋଇଥାଏ। ୧୯୫୯ ମସିହାରେ ଏମିତି ୟେତିମାନଙ୍କୁ ନେଇ ଏକ ଘଟଣା ସାମ୍ନାକୁ ଆସିଥିଲା ଋଷିଆରେ। ଋଷିଆର ଉରାଲ ପର୍ବତମାଳାରେ ୯ ଜଣ ସ୍କାଏଡାଇଭରମାନଙ୍କର ଏକ ଅଭାବନୀୟ ପରିସ୍ଥିତିରେ ମୃତ୍ୟୁ ଘଟିଥିଲା। ଯାହାପଛରେ ୟେତିମାନଙ୍କର ହାତ ଥିବା କଥା ବିଶ୍ୱାସ କରାଗଲା। ଏପିରିକି ଏ ଘଟଣାକୁ ନେଇ ଅନେକ ଅନୁସନ୍ଧାନ ଓ ଗବେଷଣା ମଧ୍ୟ କରାଯାଇଥିଲା। ୧୯୫୯ ମସିହା ଫେବୃଆରୀ ୨ ତାରିଖରେ ଏ ଘଟଣା ଘଟିଥିଲା। ଆଉ ଏହି ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ୯ ଜଣ ଯାକ ସ୍କାଇଡାଇଭର ଥିଲେ ଉରାଲ ପଲିଟେକନିକ୍ ଇନଷ୍ଟିଚ୍ୟୁଟର। ଏମାନେ ପର୍ବତାରୋହଣ ତଥା ସ୍କାଇଡାଇଭିଂ କ୍ଷେତ୍ରରେ ଖୁବ୍ ଅଭିଜ୍ଞ ଥିଲେ। ତେଣୁ ଏମାନଙ୍କର ଏଭଳି ସନ୍ଦେହଜନକ ମୃତ୍ୟୁକୁ ଅନେକ ଚର୍ଚ୍ଚା ହୋଇଥିଲା। ଉରାଲ ପର୍ବତମାଳାର ଖୋଲାଟ ସ୍ୟାଖି ସ୍ଲୋପ୍‌ରେ ଏମାନେ କ୍ୟାମ୍ପ କରିଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଆଉ ଯେତେବେଳେ ଏହି ଅଭିଯାତ୍ରୀ ଦଳର ମୃତଦେହ ଉଦ୍ଧାର କରାଗଲା, ସେତେବେଳେ ଜଣାଗଲା ଯେ ଏହି ୯ ଜଣଙ୍କ ମଧ୍ୟରୁ ୬ ଜଣଙ୍କର ଭୟଜନିତ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନିଜଣଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଏକ ସନ୍ଦେହ ଅନୁସନ୍ଧାନକାରୀଙ୍କ ମନକୁ ଆସିଥିଲା। ଆଉ ସବୁଠାରୁ ବଡ଼ କଥା ହେଲା ଜଣେ ମହିଳା ଅଭିଯାତ୍ରୀଙ୍କ ଶରୀରରେ ଜିଭ ନ ଥିଲା। ତେଣୁ ଏ ସମସ୍ତ ଘଟଣାକୁ ନେଇ ୟେତିମାନଙ୍କ ସମ୍ପର୍କରେ ରହସ୍ୟମୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

କେବଳ ହିମାଳୟରେ ନୁହେଁ, ବରଂ ଋଷିଆରେ ମଧ୍ୟ ୟେତିମାନଙ୍କ ଉପସ୍ଥିତିକୁ ନେଇ ରହସ୍ୟ ଲାଗିରହିଛି। ତେବେ ହିମାଳୟ ପର୍ବତମାଳାର ଅକେ ଅଞ୍ଚଳ ଏବେ ବି ସାଧାରଣ ଲୋଙ୍କ ପାଇଁ ଅପହଞ୍ଚ। ଆଉଏସବୁ ଅଞ୍ଚଳକୁ ମଧ୍ୟ ସହଜରେ କେହି ଯାଇପାରନ୍ତି ନାହିଁ। ତେଣୁ ଏହି ଅଞ୍ଚଳକୁ ନେଇ ଅଜଣା କଥାମାନ ଶୁଣିବାକୁ ମିଳେ। ୧୯୨୧ ମସିହାରେ ଏଠାରେ ପ୍ରଥମେ ୟେତିଙ୍କ ଉପସ୍ଥିତି ନେଇ ଚର୍ଚ୍ଚା ହୋଇଥିଲା। ଏହି ବର୍ଷ ଲେଫ୍ଟନାଣ୍ଟ କଲୋନେଲ ଚାର୍ଲସ ହାୱାର୍ଡ ବରୀଙ୍କ ନେତୃତ୍ୱରେ ଏକ ବ୍ରିଟିଶ ଏଭରେଷ୍ଟ ଆରୋହଣକାରୀ ଦଳ ହିମାଳୟକୁ ଯାତ୍ରା କରିଥିଲେ। ସେହି ସ୍ଥାନଟି ଥିଲା ଖୁବ୍ ଅଗମ୍ୟ ଥିବାରୁ ଆରୋହଣକାରୀମାନେ ବେଶ୍ ଚକିତ ହୋଇଥିଲେ। ତା'ପରେ ୟେତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସେହିପରି ୧୯୩୮ ମସିହାରେ ବିଲ୍ ଟିଲମ୍ୟାନ୍ ଲେଖିଥିବା ମାଉଣ୍ଟ ଏଭରେଷ୍ଟ ପୁସ୍ତକରେ ମଧ୍ୟ ଏଭଳି ବରଫ ମାନବମାନଙ୍କ ବିଷୟରେ ଉଲ୍ଲେଖ ରହିଛି।





## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିକୁ ...

ବିଜୁ ଜନତା ଦଳକୁ ସଜାଡିବେ ତାହା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ଏବେ ପୁଣିଥରେ ମହାନଦୀ ବିବାଦ ବହ୍ନିକୁ ଜାଳିବା ପାଇଁ ଅଣ୍ଟା ଭିଡ଼ିଛି ବିଜେଡି। ମହାନଦୀକୁ ନେଇ ମହାଆନ୍ଦୋଳନ ମୁଡ୍‌ରେ ରହିଛି ଦଳ। ଯେଉଁଥିପାଇଁ ଶନିବାର ଚାରି ଜିଲ୍ଲାରେ ଚାରିଘଣ୍ଟିଆ ହରତାଳ କରିଥିଲା। ଏହି ଆନ୍ଦୋଳନ ପଛର ମୁଖ୍ୟ କାରଣ ଭାବେ ଛତିଶଗଡ଼ରେ ବିଜେପି ନେତୃତ୍ୱାଧୀନ ସରକାର ଚାଲିଛି। ଯେଉଁଥିପାଇଁ ଓଡ଼ିଶାର ମହାନଦୀକୁ ଶୁଖାଇ ଦେଉଛି ଛତିଶଗଡ଼। ଏହାର କାରଣ ଭାବେ ବିଜେଡି ବିଚାର କରୁଛି ଯେ କେନ୍ଦ୍ର ସରକାରଙ୍କୁ ସହଯୋଗ ଦେଉ ନଥିବା ରାଜ୍ୟ ସରକାରମାନଙ୍କୁ ଯେଉଁଭଳି ହଇରାଣ ହରକତ କରାଯାଉଛି ତାହାର ଶିକାର ହୋଇଛି ଓଡ଼ିଶା। ଛତିଶଗଡ଼ ସରକାର ସମସ୍ତ ନିୟମ କାନୁନ୍‌କୁ ଉଲ୍ଲଂଘନ କରି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମହାନଦୀର ପାଣିକୁ ନିଜ ରାଜ୍ୟ ମଧ୍ୟରେ ବିଭିନ୍ନ ଉପାୟରେ ରୋକିଦେବା ପରେ ଓଡ଼ିଶାରେ ପାନୀୟ ଜଳ ସଂକଟ, ଜଳସେଚନ ଘୋର ବାଧାପ୍ରାପ୍ତ ହୋଇଛି। ସାଧାରଣ ଚାଷୀ ଓ ମତ୍ସ୍ୟଜୀବୀମାନେ ଘୋର କ୍ଷତିଗ୍ରସ୍ତ ହୋଇଛନ୍ତି। ଏ ସଂପର୍କରେ ରାଜ୍ୟ ସରକାର ଛତିଶଗଡ଼ ସରକାର, କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏ ସଂର୍ପକରେ ହସ୍ତକ୍ଷେପ କରିବାକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ କୌଣସି ଉଦ୍ୟମ ହେଲା ନାହିଁ। ମହାନଦୀରେ ଜଳ ପ୍ରବାହିତ ନହେବା ଫଳରେ ଓଡ଼ିଶାର ଜନଜୀବନ ଘୋର ପ୍ରଭାବିତ ହୋଇଛି। ମହାନଦୀ ପ୍ରସଂଗରେ ଆପୋଷ ସମାଧାନ ଓଡ଼ିଶା ଚାହେଁ। କେନ୍ଦ୍ର ଜଳ ସଂପଦ ବିଭାଗ ଦ୍ୱାରା ଦିଲ୍ଲୀ ଠାରେ ଆହୂତ ତ୍ରିପାକ୍ଷୀକ ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ମହାନଦୀ ପ୍ରସଂଗରେ ରାଜ୍ୟର ଦାବି ଉପସ୍ଥାପିତ କରିଥିଲେ। ସେ ଦର୍ଶାଇଥିଲେ ଯେ ମହାନଦୀ ସମସ୍ୟାର ଚୂଡ଼ାନ୍ତ ସମାଧାନ ହେବା ପର୍ଯ୍ୟନ୍ତ ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ସମସ୍ତ ପ୍ରକଳ୍ପ ଓ ବ୍ୟାରେଜ୍ ବନ୍ଦ କରାଯାଉ। ମାତ୍ର କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ କି ପ୍ରଧାନମନ୍ତ୍ରୀ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନେଲେ ନାହିଁ। ଓଡ଼ିଶା ପ୍ରତି ଏଭଳି ଅବିଚାର ସୀମା ଲଙ୍ଘି ଯାଇଛି। ଓଡ଼ିଶାବାସୀ ଆଉ କେତେ ଦିନ ଏହା ବରଦାସ୍ତ କରିବେ ? ଓଡ଼ିଆ ଜାତି ପ୍ରତି ଏହି ଅନ୍ୟାୟ ବିରୋଧରେ ସମଗ୍ର ରାଜ୍ୟରେ ପ୍ରବଳ ପ୍ରତିକ୍ରିୟା ଓ ପ୍ରତିରୋଧ ସୃଷ୍ଟି ହୋଇଛି। ବିଜୁ ଜନତା ଦଳ ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥର ପ୍ରହରୀ। ଓଡ଼ିଆ ଜାତିର ଏହି ଉଦ୍‌ବେଳନକୁ ଯଥାର୍ଥ ଭାବେ ଉପସ୍ଥାପିତ କରିବା ବିଜୁ ଜନତା ଦଳର କର୍ତ୍ତବ୍ୟ ଅଟେ। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କ ଏହି ଓଡ଼ିଶା ମାରଣ ନୀତି ବିରୋଧରେ ବିଜୁ ଜନତା ଦଳ ଓଡ଼ିଶାର ଜନସାଧାରଣଙ୍କ କ୍ରୋଧ ଓ ପ୍ରତିବାଦକୁ ପ୍ରତିଫଳନ କରିବା ପାଇଁ କୃତ୍ରିମ ଜଳସଂକଟ ଦ୍ୱାରା ସିଧାସଳଖ ପ୍ରତିଘାତ ପାଉଥିବା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଜିଲ୍ଲାରେ ଜିଲ୍ଲାବ୍ୟାପୀ ଶାନ୍ତିପୂର୍ଣ୍ଣ ହରତାଳ କରିଥିଲା। ହେଲେ ମହାନଦୀ ଜଳ ବିବାଦ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ପାଇଁ ବିଜେଡି ଉତ୍ସହିତ ହୋଇଥିବା ବେଳେ ବିଜେପି କିନ୍ତୁ ଏ ପ୍ରସଙ୍ଗରେ ନବୀନ ସରକାରଙ୍କୁ ଦାୟୀ କରି କହିଛି ଯେ ଅତୀତର ଅବହେଳା ପାଇଁ ଆଜି ଏଭଳି ଘଟିଛି। ୧୭ ବର୍ଷ ଶୋଇଥିବା ସରକାର ଏବେ ପୁଣିଥରେ ମହାନଦୀକୁ ନେଇ ଆନ୍ଦୋଳନର ଡ୍ରାମା ଆରମ୍ଭ କରିଛି। ଏ ପ୍ରସଙ୍ଗରେ ରାଜ୍ୟ ବିଜେପିର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ ୨୦୦୧ରେ ବିଜେଡିର ଅର୍ଜୁନ ସେଠୀ କେନ୍ଦ୍ରରେ ଜଳ ସମ୍ପଦ ମନ୍ତ୍ରୀ ଥିଲେ। ସେହି ସମୟରୁ ଛତିଶଗଡ଼ ବନ୍ଧବାଡ ନିର୍ମାଣ କରୁଥିଲା। ଏବେ ବିଜେଡି ହରତାଳକୁ ଯିବା ପୂର୍ବରୁ ରାଜ୍ୟବାସୀଙ୍କୁ ଏହାର ଉତ୍ତର ଦେଉ।

### ବିଳମ୍ବ ...

ସୋନପୁରରେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୭ ମିମି ବର୍ଷା ରେକର୍ଡ଼ କରାଯାଇଛି। ଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ସହ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ସେହିପରି ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ। ୧୧ ତାରିଖ ବେଳକୁ ଉତ୍ତରଓଡ଼ିଶାର କିଛି ସ୍ଥାନ ସହ ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଅନୁଗୋଳ ଓ ଢ଼େଙ୍କାନାଳରେ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଏହି ଦିନଗୁଡ଼ିକରେ ଆକାଶ ସାମାନ୍ୟ ମେଘୁଆ ରହିବ ଏବଂ କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ପାଣିପାଗ ବିଭାଗର ଅନୁମାନ ଅନୁସାରେ ଚଳିତ ବର୍ଷ ସୌମୁମି ନିରାଶ କରିବନି। ଦେଶର ପ୍ରାୟ ସବୁ ଅଞ୍ଚଳରେ ବର୍ଷା ଗାଜିବ। ପ୍ରାୟ ୯୮ ପ୍ରତିଶତ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ପୂର୍ବ ଆକଳନଠାରୁ ପ୍ରାୟ ଦୁଇ ପ୍ରତିଶତ ଅଧିକ ବର୍ଷାର ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଆକଳନ ଅନୁସାରେ ଗତ ୫୦ ବର୍ଷ ଭିତରେ ଭାରତରେ ହାରାହାରି ବର୍ଷାର ପରିମାଣ ୮୯ ସେଣ୍ଟିମିଟର ରହିଆସିଛି। ଦେଶର ୨୬୦ ମିଲିୟନ୍ ଚାଷୀ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ଧାନଠାରୁ ନେଇ କପା ପର୍ଯ୍ୟନ୍ତ ଏବଂ ମକାଠାରୁ ନେଇ ସୋୟାବିନ୍ ପର୍ଯ୍ୟନ୍ତ ସବୁକିଛି ବର୍ଷାଜଳ ଉପରେ ନିର୍ଭର କରି ଚାଷ କରାଯାଇଥାଏ। ଏଲ୍‌ନିନୋର ପ୍ରଭାବ ଶେଷ ହୋଇଯାଇଥିବାରୁ ଚଳିତ ବର୍ଷ ସ୍ୱାଭାବିକ ବର୍ଷାଠାରୁ ଅଧିକ ବର୍ଷା ହେବ ବୋଲି କୁହାଯାଉଛି। ଜୁଲାଇ ମାସରେ ବର୍ଷାର ପରିମାଣ ୯୬ ପ୍ରତିଶତ ଏବଂ ଅଗଷ୍ଟ ମାସରେ ଏହା ୩ ପ୍ରତିଶତ ବଢ଼ିଯାଇ ୯୯ ପ୍ରତିଶତ ହେବ ପାଣିପାଗ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ଜେନେରାଲ କେ.ଜେ. ରମେଶ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଏଲ୍‌ନିନୋ ପ୍ରଭାବ କମିଥିବା ବେଳେ ଭାରତୀୟ ମୌସୁମିକୁ ସୁହାଉଥିବା ଇଣ୍ଡିଆନ୍ ନିନୋ ଏଥର ଭଲ ଥିବାରୁ ଏ ବର୍ଷ ସ୍ୱାଭାବିକଠାରୁ ବେଶି ବର୍ଷା ହେବ ବୋଲି କୁହାଯାଉଛି। ତେଣୁ ଚଳିତ ବର୍ଷ ଭଲ ଫସଲ ହେବ ବୋଲି କୃଷିବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। କେବଳ ଓଡ଼ିଶା ନୁହେଁ, ବରଂ ଉତ୍ତରାଖଣ୍ଡ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ଉପକୂଳ କର୍ଣ୍ଣାଟକ ଏବଂ ତାମିଲନାଡୁ ଆଦି ରାଜ୍ୟମାନଙ୍କରେ ବି ପ୍ରବଳ ବର୍ଷା ହେବ ବୋଲି କୁହାଯାଉଛି।

### କାର୍ଯ୍ୟକାରିତାରେ ...

'୧୩୯ ଏଏ'କୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ନୂଆ ନିୟମକୁ ଚଳିତ ବର୍ଷ ବଜେଟ୍ ଓ ବିତ୍ତ ଅଧିନିୟମ, ୨୦୧୭ ଅନୁଯାୟୀ ଲାଗୁ କରାଯାଇଥିଲା। ସରକାରଙ୍କ ଏହି ପଦକ୍ଷେପକୁ ବିରୋଧ କରି ସିପିଆଇ ନେତା ବିନୟ ବିଶ୍ୱମ୍‌ଙ୍କ ସମେତ ଅନ୍ୟ ଆବେଦନକର୍ତ୍ତାମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି ଯେ, ଜନସଂଖ୍ୟାର ୯୫% ଅର୍ଥାତ୍ ୧୧୫ କୋଟି ଲୋକଙ୍କର ଆଧାର ନମ୍ବର ପଞ୍ଜୀକୃତ ହୋଇ ସାରିଲାଣି। କେନ୍ଦ୍ର ସରକାର ଏକ ସତ୍ୟପାଠ ଜରିଆରେ ଏହା ଜଣାଇଛନ୍ତି।

### ମୁକାବିଲା ...

ଲ୍ୟାଣ୍ଡମାଇନ ଓ ଆଇ.ଇ.ଡି ଜରିଆରେ ମାଓବାଦୀମାନେ ଯବାନମାନଙ୍କୁ ବାରମ୍ବାର ନିଶାଣ କରି ବ୍ୟାପକ କ୍ଷୟକ୍ଷତି ପହଞ୍ଚାଇ ଆସୁଥିବାବେଳେ ଏଥର ମାଓବାଦୀଙ୍କ ଲ୍ୟାଣ୍ଡମାଇନକୁ ଠାବ କରିବେ ଏହି ଯନ୍ତ୍ରଚାଳିତ ଯବାନ। କେବଳ ଠାବ ନୁହଁ ବରଂ ସେ ଗୁଡିକ ନିଷ୍କ୍ରିୟ ମଧ୍ୟ କରିବ ଏହି ସ୍ୱତନ୍ତ୍ର ଧରରଣର ରୋବଟ। ରୋବଟରେ ଥିବା ଉଚ୍ଚ କ୍ଷମତାସମ୍ପନ୍ନ ସେନ୍‌ସର ଦ୍ୱାରା ୧୦ ଫୁଟ ଦୂର ଭୂ-ଗର୍ଭରେ ଥିବା ଯେ କୌଣସି ବିସ୍ଫୋରକ ଧାତବ ପଦାର୍ଥଗୁଡ଼ିକୁ ଚିହ୍ନଟ କରି ତା'ର ଫଟୋ ଉଠାଇ ସେଗୁଡିକ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ପଠାଇପାରିବ ଏହି ରୋବର୍ଟ। କେବଳ ଲ୍ୟାଣ୍ଡମାଇନ ନୁହେଁ ଏହି ରୋବୋ କପ ଗୁଡିକୁ ଯେ କୌଣସି ମାଓ ବିରୋଧୀ ଅପରେସନର ଆଗଧାଡ଼ିର ସୁରକ୍ଷା କର୍ମୀ ଭାବେ ମୁତୟନ କରାଯିବ ବୋଲି ଜଣାପଡ଼ିଛି। ଜଙ୍ଗଲ ଭିତରେ ଥିବା ମାଓବାଦୀଙ୍କ ସଂଖ୍ୟା, ସେମାନଙ୍କ ନିକଟରେ ଥିବା ଅସ୍ତ୍ରଶସ୍ତ୍ରର ବିଷଦ ବିବରଣୀ ମଧ୍ୟ ଦେବାର କ୍ଷମତା ରହିଛି ଏହି ଅତ୍ୟାଧୁନିକ ରୋବଟ ନିକଟରେ। ୧୦୦ରୁ ୨୦୦ ମିଟର ଦୂରରେ ଥାଇ ଏହି ରୋବର୍ଟଟିକୁ ଅପରେଟ କରାଯାଇପାରିବ ବୋଲି ଜଣାପଡ଼ିଛି। ପୂର୍ବରୁ 'ଦକ୍ଷ' ନାମକ ଚାଳକବିହୀନ ଯାନକୁ ଯୁଦ୍ଧ କ୍ଷେତ୍ରରେ ବ୍ୟବହାର କରି ଆସୁଛି ଭାରତୀୟ ପ୍ରତିରକ୍ଷା ବିଭାଗ। ସୀମାରେ ଲ୍ୟାଣ୍ଡମାଇନକୁ ଠାବ କରିବା ସହ ସେଗୁଡିକ ନଷ୍ଟ କରିବାର କ୍ଷମତା ରହିଥିବାବେଳେ ଏଥର ରୋବଟର କାର୍ଯ୍ୟଦକ୍ଷତା 'ଦକ୍ଷ' ତୁଳନାରେ ଅନେକ ଅଧିକ। ଗତ ଏପ୍ରିଲ ୨୮ ତାରିଖ ସୁକୁମା ଜିଲା ବୁର୍କାପାଲ ଏନ୍‌କାଉଣ୍ଟର ପରେ ୧୦ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଓ ଡି.ଜି.ପିଙ୍କ ବୈଠକ ଡାକି ମାଓ ଦମନ ଲାଗି ୮ସୂତ୍ରୀୟ ସମାଧାନ ଯୋଜନା ଉପରେ ଗୁରୁତ୍ୱ ଦେଇଥିଲେ ରାଜନାଥ ସିଂହ। ଏହି ଯନ୍ତ୍ରରେ ବୈଷୟିକ ଜ୍ଞାନକୌଶଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ସ୍ମାର୍ଟ ଗନ ଅଥବା ବାୟୋମେଟ୍ରିକ ବନ୍ଧୁକ, ୟୁନିକ ଟ୍ରାକାର ଯୁକ୍ତ, ବୁଲେଟ ପ୍ରୁଫ ଜ୍ୟାକେଟ, ଯୋତା ଇତ୍ୟାଦି ସାମିଲ ହେବ ମାଓ ଦମନରେ। ଅର୍ଥାତ ବନ୍ଧୁକ, ବୁଲେଟ ପ୍ରୁଫ ଜ୍ୟାକେଟ, ଯୋତା ଆଦି ଲୁଟି ନେଲେ ମଧ୍ୟ ସେଗୁଡ଼ିକର ଅବସ୍ଥାନ ଜାଣିପାରିବ ପୁଲିସ। ଏଥିସହ ମାଇନ୍ ପ୍ରୁଫ ବିଶେଷ ଯୋତା ମଧ୍ୟ ନିର୍ମାଣ କରାଯାଉଥିବା ଜଣାପଡିଛି। ମାଲକାନଗିରି ଜିଲାରେ ମଧ୍ୟ ଖୁବ୍‌ଶୀଘ୍ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବନ୍ଧୁକ, ଜୋତା, ବି.ପି ଜ୍ୟାକେଟ ସମେତ ରାଡାର, ପି.ଟି.ଜି କ୍ୟାମେରା, ଡ୍ରୋନ ଇତ୍ୟାଦି ଉପକରଣର ବ୍ୟବହାର କରାଯିବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ମାଲକାନଗିରି ଏସ.ପି ମିତ୍ରଭାନୁ ମହାପାତ୍ର। ଗତ ୨୦ବର୍ଷ ମଧ୍ୟରେ ପ୍ରାୟ ୨୭୦୦ପୁଲିସ କର୍ମଚାରୀଙ୍କ ସମେତ ୧୨୦୦୦ ସାଧାରଣ ନାଗରିକ ମାଓ ଆକ୍ରମଣରେ ପ୍ରାଣ ହରାଇଥିବା ସରକାରୀ ଭାବେ କୁହାଯାଉଛି। ଅଧିକାଂଶ କ୍ଷୟକ୍ଷତି ମାଓବାଦୀଙ୍କ ଲ୍ୟାଣ୍ଡମାଇନ, ପ୍ରେସର ମାଇନ, କ୍ଲେମର ମାଇନ ଓ ଆଇ.ଇ.ଡି ବିସ୍ଫୋରଣ ଯୋଗୁଁ ହୋଇଛି। ମାଓବାଦୀଙ୍କ ଲ୍ୟାଣ୍ଡମାଇନକୁ ପ୍ରତିହତ କରିବା ଦିଗରେ ମାଇନ ପ୍ରୋଟେକ୍ସନ ଭେହିକିଲ ଇତ୍ୟାଦି ବିଫଳ ହୋଇଆସିଛି। ତେବେ ଏଥର ସାମଧାନ ଡକ୍ଟରିନ୍‌ର ହାରନେସିଙ୍ଗ ଟେକ୍ନୋଲୋଜି ସମେତ ଏହି ଅତ୍ୟାଧୁନିକ ରୋବଟ ମାଓ ମୁକାବିଲା ଦିଗରେ କେତେଦୂର ସଫଳ ହେବ ସେ ଉପରେ ସମସ୍ତଙ୍କ ନଜର।

### ପ୍ରଣବଙ୍କ ...

ଜୁଲାଇ ୨୦ରେ ଭୋଟ ଗଣତି ହେବ। ଉଲ୍ଲେଖଯୋଗ୍ୟ ଯେ, ଦେଶର ରାଷ୍ଟ୍ରପତି ନିର୍ବାଚନ ସାର୍ବଭୌମ୍ୟ ମତାଧିକାର ପ୍ରଣାଳୀରେ ନୁହେଁ ବରଂ ନିର୍ବାଚକ ମଣ୍ଡଳୀ ଦ୍ୱାରା ହୋଇଥାଏ। ଯାହା ଏକ ସ୍ୱତନ୍ତ୍ର ନିର୍ବାଚନ ନୀତି ଦ୍ୱାରା ନିର୍ଦ୍ଧାରିତ ହୋଇଛି। ଏହି ନିର୍ବାଚନ ନୀତି ୧୯୭୧ ଜନଗଣନା ଆଧାରରେ ଧାର୍ଯ୍ୟ କରାଯାଇଛି। ଏହି ନୀତି ଅନୁଯାୟୀ, ସଂସଦର ୭୭୬ ନିର୍ବାଚିତ ସଦସ୍ୟ, (ଲୋକସଭାର ୫୪୩, ରାଜ୍ୟସଭାର ୨୩୩) ରାଜ୍ୟ ବିଧାନସଭାଗୁଡ଼ିକର ୪,୧୨୦ ବିଧାୟକଙ୍କୁ ମିଶାଇ ୪,୮୯୬ ନିର୍ବାଚକ ରାଷ୍ଟ୍ରପତି ପଦ ପାଇଁ ମତଦାନ କରିବେ। ସମସ୍ତ ନିର୍ବାଚିତ ଜନପ୍ରତିନିଧିଙ୍କ ଭୋଟର ମୂଲ୍ୟ ପ୍ରାୟ ୧୧ ଲକ୍ଷ (୧୦,୯୮,୮୮୨) ରହିଛି। ଏଥିରେ ପ୍ରତ୍ୟେକ ସାଂସଦଙ୍କ ଭୋଟ ମୂଲ୍ୟ ୭୦୮ ରହିଛି। ବିଧାୟକଙ୍କ ଭୋଟ ମୂଲ୍ୟ ରାଜ୍ୟର ଜନସଂଖ୍ୟାକୁ ନେଇ ଧାର୍ଯ୍ୟ କରାଯାଏ। ଭୋଟର ମୋଟ ମୂଲ୍ୟରୁ ଅଧାରୁ ମାତ୍ର ଗୋଟିଏ ଅଧିକ ଭୋଟ ପାଇ ଜଣେ ଯାଦୁଗରୀ ସଂଖ୍ୟା ୫,୪୯,୪୪୨ ଛୁଇଁପାରିବ। ଫଳରେ କୌଣସି ବି ଦଳ ନିଜ ସମର୍ଥିତ ପ୍ରାର୍ଥୀକୁ ଜିତାଇପାରିବ। ଏପଟେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ବିଧାନ ସଭା ନିର୍ବାଚନରେ ବିଜୟୀ ହେବା ପରେ ଏହି ସଂଖ୍ୟା ବିଜେପି ପକ୍ଷକୁ ଚାଲିଯାଇଛି। ୨୦୧୭ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଭୋଟ ମୂଲ୍ୟ ପାଖାପାଖି ୪,୫୦,୦୦୦ ଥିଲା। ବିଜେପିକୁ ସମର୍ଥନ ଦେଉଥିବା ଶିବସେନାର ୨୫,୮୯୩ ଭୋଟକୁ ମିଶାଇ ଏନଡିଏ ଶକ୍ତି ୫,୩୨,୦୦୦ରେ ପହଞ୍ଚିଛି। ତଥାପି ନିଜ ପ୍ରାର୍ଥୀକୁ ବିଜୟୀ ପାଇଁ ବିଜେପି ଏବେବି ୧୭,୫୦୦ ମୂଲ୍ୟର ଭୋଟ ଆବଶ୍ୟକ କରୁଛି। ୨୫ ଜୁଲାଇ ୨୦୧୭ରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ କାର୍ଯ୍ୟକାଳ ଶେଷ ହେବ। ତେବେ ପ୍ରଣବଙ୍କ ପରେ କିଏ ଦେଶର ରାଷ୍ଟ୍ରପତି ହେବେ ତାହାକୁ ଦେଶବାସୀ ଅପେକ୍ଷା କରିଛନ୍ତି।

### ୨୦୨୫ ସୁଦ୍ଧା ...

ରାଜେଶ ରାଜ ସ୍ୱାଇଁ, ସ୍ମୃତିରଞ୍ଜନ ସାମଲ, ହରିଶଙ୍କର ରାଉତ, ମନୋଜ ସେନାପତି, ଚିନ୍ମୟ ଦାସ, ମାନସ ମଲ୍ଲିକ, ଅଜିତ ବେହେରା, ରାକେଶ ମହାପାତ୍ର। ତତ୍‌ସହିତ ଛାତ୍ର ବିଜେଡିର ଉପଦେଷ୍ଟା ଚିନ୍ମୟ ସାହୁ ଜିଲ୍ଲାଠାରୁ ଆରମ୍ଭ କରି କ୍ୟାମ୍ପସ୍ କମିଟିର ରୂପରେଖ କିଭଳି ହେବା ଦରକାର ତାହା ଉପରେ ଏକ ପାୱାରପଏଣ୍ଟ ଜରିଆରେ ଉପସ୍ଥାପିତ କରିଥିଲେ। ପ୍ରଥମ ପର୍ଯ୍ୟାୟକୁ ପରିଚାଳନା କରିଥିଲେ ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ।

ଦ୍ୱିତୀୟ ପର୍ଯ୍ୟାୟରେ ୪ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ଯଥାକ୍ରମେ ରାଜନୈତିକ, ଅର୍ଥନୈତିକ, ସାଂଗଠନିକ ଓ ଧନ୍ୟବାଦ ପ୍ରସ୍ତାବ। ଉକ୍ତ ୪ଟି ପ୍ରସ୍ତାବକୁ ପ୍ରଶାନ୍ତ ପଣ୍ଡା, ସିମନ ଦାସ ମହାପାତ୍ର, ଅବିନାଶ ବିଶୋଇ ଓ ବିନାୟକ ପଲେଇ ଆଗତ କରିଥିବା ବେଳେ ଏହାକୁ ସମର୍ଥନ କରିଥିଲେ ସମେଶ ବାଗ, କିରଣ ସିକନ୍ଦର, ମିଲନ ହୋତା ଓ ସ୍ମୃତିରଞ୍ଜନ ଦାସ। ଏହି ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ଛାତ୍ର ବିଜେଡିର ଉପ-ସଭାପତି ସୁଦିତ୍ ପାଢ଼ୀ, ତାପସ ପରିଡ଼ା, ଅବିନାଶ ପଟେଲ, ଜୋନ୍ ସଭାପତି ସ୍ମୃତିରଞ୍ଜନ ଦାସ, ବୈକୁଣ୍ଠ ନାୟକ, ତାପସ ପାଣିଗ୍ରାହୀ ଏବଂ ସାଧାରଣ ସଂପାଦିକା ଅପୂର୍ବା ଅପରୂପା ପ୍ରମୁଖ ବିଜୁ ଛାତ୍ର ଜନତା ଦଳର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ଆଗାମୀ ଦିନରେ ସୋସିଆଲ୍ ମିଡିଆର ଉପଯୋଗ କରି ଅପପ୍ରଚାରକୁ ପ୍ରତିହତ କରିବା ପାଇଁ ଛାତ୍ର ପ୍ରତିନିଧିମାନଙ୍କ ନିକଟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସଂପାଦକ ଡ. ପ୍ରଦୀପ ପାଣିଗ୍ରାହୀ, ସଂଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଏବଂ ଡ. ଅରୁଣ ସାହୁ ପ୍ରମୁଖ ନିଜ ଅଭିଭାଷଣରେ ଛାତ୍ର ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା, ଆଗାମୀ ସମୟ ପାଇଁ ନିଜକୁ ପ୍ରସ୍ତୁତ କରିବା, ପ୍ରଚାର/ପ୍ରସାର ଓ ପ୍ରୋପାଗଣ୍ଡାରେ ବିଶ୍ୱାସ ରଖୁଥିବା ବିରୋଧୀ ଶକ୍ତିଙ୍କୁ ପ୍ରତିହତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟକୁ ପରିଚାଳନା କରିଥିଲେ ଛାତ୍ର ବିଜେଡିର ମହାସଚିବ ହରିଶଙ୍କର ରାଉତ। ଏହା ପରେ ପରେ ଅପରାହ୍ଣ ୫ଟାରେ ଛାତ୍ର ବିଜେଡି ରାଜ୍ୟ ସଭାପତି ରାଣାପ୍ରତାପ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀକୁ ମୁଁ ଆପଣମାନଙ୍କୁ ସ୍ୱାଗତ କରୁଛି। ଆଜି ଓଡ଼ିଆ ପିଲାମାନେ ଶିକ୍ଷା ଠାରୁ ଆରମ୍ଭ କରି କ୍ରୀଡ଼ା, ଫେସନ୍, କଳା ସବୁ କ୍ଷେତ୍ରରେ ବହୁତ ଭଲ କରୁଛନ୍ତି। ରାଜ୍ୟର ସୁନାମ ବୃଦ୍ଧି କରୁଛନ୍ତି। ମୁଁ ଯେତେବେଳେ ଆମର ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବାର ସୁଯୋଗ ପାଏ, ସେତେବେଳେ ମୋତେ ବହୁତ ଖସି ଲାଗେ। ଆମ ପିଲାଙ୍କ ସଫଳତା ପାଇଁ ମୁଁ ବି ଗର୍ବିତ ଅନୁଭବ କରେ। ପ୍ରତି ଛାତ୍ର ଭିତରେ ପ୍ରତିଭା ଅଛି, ଦକ୍ଷତା ଅଛି, ତା'ର ବିକାଶ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହେଲେ, ସେମାନେ ଜଣେ ଜଣେ ଗୋଟିଏ ଗୋଟିଏ ସଫଳତାର କାହାଣୀ ହୋଇପାରିବେ। ତେଣୁ ଶିକ୍ଷା, ତାଲିମ ଓ ନିଯୁକ୍ତି ହେଉଛି ଆମର ପ୍ରାଥମିକତା। ଶିକ୍ଷା ପାଇଁ ଓଡ଼ିଶା ପୂର୍ବ ଭାରତର କେନ୍ଦ୍ର ହୋଇପାରିଛି। ସମସ୍ତଙ୍କୁ ଉଚ୍ଚଶିକ୍ଷା ସୁବିଧା ଦେବା ପାଇଁ ୧ ପ୍ରତିଶତ ସୁଧ ହାରରେ ଶିକ୍ଷା ଋଣ ଦିଆଯାଉଛି। କଳିଙ୍ଗ ଶିକ୍ଷା ସାଥୀ ଯୋଜନା ଛାତ୍ରଛାତ୍ରୀମାନଙ୍କ ଭିତରେ ଭରସା ଆଣିଛି। ବୃତ୍ତିଗତ ପାଠ୍ୟକ୍ରମ ପାଇଁ ସ୍କଲାରସିପ୍ ଦିଆଯାଉଛି। ସେହିପରି ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଓଡ଼ିଶାକୁ ଏକ ଆଦର୍ଶ ରାଜ୍ୟ କରିବା ଆମର ଲକ୍ଷ୍ୟ। ୮ଲକ୍ଷ ପିଲାଙ୍କୁ ବିଶ୍ୱସ୍ତରୀୟ ତାଲିମ ଦେବା ପାଇଁ କାମ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୩ଲକ୍ଷ ପିଲା ତାଲିମ ପାଇଛନ୍ତି। ଗତବର୍ଷ ବାଙ୍ଗାଲୋର, ମୁମ୍ବାଇ ଓ ଭୁବନେଶ୍ୱରରେ ଆମେ ଇନ୍‌ଭେଷ୍ଟର୍ସ ମିଟ୍ କରିଥିଲୁ। ଏଥିରେ ରାଜ୍ୟ ପାଇଁ ୨ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଏବେ ସେଥିମଧ୍ୟରୁ ୧୦ଟି କମ୍ପାନୀର ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ଆମେ ମଞ୍ଜୁର କରିଛୁ। ଏଥିରେ ୪୬ ହଜାର ପିଲାଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଗତ ୩ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୫ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ସରକାରୀ ସ୍ତରରେ ୫୦ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି ଏବଂ ଖାଲି ପଦବୀ ପରିସ୍ଥିତି ଓ ନିଯୁକ୍ତି ପ୍ରକ୍ରିୟାର ମୁଁ ନିୟମିତ ସମୀକ୍ଷା କରୁଛି। ୨୦୨୫ ସୁଦ୍ଧା ବିଭିନ୍ନ କ୍ଷେତ୍ରରେ ୩୦ଲକ୍ଷ ନିଯୁକ୍ତି ଆମର ଲକ୍ଷ୍ୟ। କ୍ରୀଡ଼ା କ୍ଷେତ୍ରରେ ଆଜି ଭୁବନେଶ୍ୱରର ଗୁରୁତ୍ୱ ବଢ଼ିଛି। ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ କ୍ରୀଡ଼ା ଓ ଆଥଲେଟିକ୍ ଇଭେଣ୍ଟର ଆୟୋଜନ ରାଜ୍ୟର ଗୌରବ ବୃଦ୍ଧି କରିଛି। ଆଜି ଆମର ବିଭିନ୍ନ ସାମାଜିକ ସୂଚକାଙ୍କର ଉନ୍ନତି ଆସିଛି। ଆଇଟି ଠାରୁ ଆରମ୍ଭ କରି ଆଜି ବିଭିନ୍ନ କ୍ଷେତ୍ରରେ ରପ୍ତାନି ୧୧୪% ବଢ଼ିଛି। ଓଡ଼ିଶାର ଆର୍ଥିକ ବିବିଧିତ ହୋଇଛି। ଓଡ଼ିଶା ଆଜି ସଫଳତାର ସହ ଆଗକୁ ବଢ଼ିଛି। ଓଡ଼ିଶାର ଭବିଷ୍ୟତ ଉଜ୍ଜଳ ଏବଂ ଆମର ଛାତ୍ର ଏବଂ ଯୁବ ସମାଜର ଭବିଷ୍ୟତ ମଧ୍ୟ ଉଜ୍ଜଳ।

### ବ୍ରିଟେନ୍‌ରେ ...

ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି। ଗୁରୁବାର ଅନୁଷ୍ଠିତ ନିର୍ବାଚନ ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ସଂଖ୍ୟା ଗରିଷ୍ଠତା ମିଳି ନଥିଲେ ମଧ୍ୟ ଟେରେସା ପରବର୍ତ୍ତୀ ସରକାର ଗଠନ ପାଇଁ ଦେଶର ସାମ୍ବିଧାନିକ ମୁଖ୍ୟ ରାଣୀ ଏଲିଜାବେଥଙ୍କ ଅନୁମତି ମାଗିଛନ୍ତି। ଉତ୍ତର ଆୟାର୍ଲାଣ୍ଡର ଡେମୋକ୍ରାଟିକ୍ ୟୁନିୟନିଷ୍ଟ ପାର୍ଟିର ସମର୍ଥନରେ ସେ ସରକାର ଗଢ଼ିବେ ବୋଲି ରାଣୀଙ୍କୁ ଜଣାଇଛନ୍ତି। ଏହି ପାର୍ଟି ନିର୍ବାଚନରେ ୧୦ଟି ଆସନରେ ବିଜୟ ହାସଲ କରିଛି ଏବଂ ଏହା ଟେରେସାଙ୍କୁ ସମର୍ଥନ ଦେବାକୁ ଘୋଷଣା କରିଛି। ଉଭୟ ଦଳ ମିଶି ପୂର୍ଣ୍ଣ ପାଞ୍ଚ ବର୍ଷ ବ୍ରିଟେନ୍‌କୁ ଉତ୍ତମ ଶାସନ ଦେବେ ବୋଲି ଟେରେସା ରାଣୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ୟୁରୋପୀୟ ସଂଘ ସହିତ ବ୍ରେକ୍ସିଟ ପରବର୍ତ୍ତୀ ବିଧି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଏହା ଅପରିହାର୍ଯ୍ୟ ବୋଲି ଟେରେସା କହିଛନ୍ତି। ଦେଶର ରାଜନୈତିକ ବିଶେଷଜ୍ଞଙ୍କ ମତରେ ଯୁବ ସମ୍ପ୍ରଦାୟ ଟେରେସାଙ୍କ ସରକାରଠାରୁ ମୁହଁ ଫେରାଇ ନେବା କାରଣରୁ ତାଙ୍କୁ ଏଭଳି ପରାଭବ ମିଳିଛି।



# ଅନ୍ୱେଷଣ





ଅଧ୍ୟୟନରେ ଆନ୍ତରିକତା, ନିଷ୍ଠା ଓ ଏକାଗ୍ରତା ରଖିଥିବା ଛାତ୍ରଛାତ୍ରୀମାନେ ଜୀବନରେ ସଫଳତାର ସିଡି ଅତିକ୍ରମ କରି ଶୀର୍ଷରେ ପହଞ୍ଚିବାକୁ ସକ୍ଷମ ହୁଅନ୍ତି। ନିରନ୍ତର ପ୍ରୟାସ ମାଧ୍ୟମରେ ବ୍ୟକ୍ତିତ୍ୱର ପରାକାଷ୍ଠା ପ୍ରତିପାଦିତ ହେଲା ଭଳି ଯେଉଁ ପିଲାମାନେ ବିଦ୍ୟାର୍ଥୀ ସମୟରୁ ଅଲୋଡ଼ା କଥାରେ ମନ ନ ଦେଇ ନିଜର ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେଇଥାନ୍ତି, ସେମାନେ ଭବିଷ୍ୟତରେ ପରିବାର, ଦେଶ ତଥା ବିଶ୍ୱରେ ଗୌରବମଣ୍ଡିତ ହୁଅନ୍ତି। ସାଂପ୍ରତିକ ଶିକ୍ଷା ପଦ୍ଧତିକୁ ବିଶ୍ୱସ୍ତରୀୟ କରିବା ଦିଗରେ ଆମ ଦେଶରେ ନାନାପ୍ରକାର ଯୋଜନା ଆରମ୍ଭ ହୋଇଛି। ସଂପ୍ରତି ଶିକ୍ଷା କ୍ଷେତ୍ରରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଯେଭଳି ଆହ୍ୱାନ ସୃଷ୍ଟି କରିଛି, ସେଥିପାଇଁ ବାସ୍ତବ ସ୍ଥିତିକୁ ଅନୁଭବ କରି ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅଧିକ ମନୋନିବେଶ କରିବାର ଆବଶ୍ୟକତା ରହିଛି। ତେଣୁ ପିଲାମାନେ ଏ ଦିଗରେ ଅଧିକ ସଚେତନ ରହିଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ। ସାରା ଦେଶରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତବର୍ଷ ଝିଅଙ୍କ ତୁଳନାରେ ପୁଅଙ୍କ ପାସ୍ ହାର ଅଧିକ ଥିବା ଜଣାପଡ଼ିଛି। ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼କୁ ନେଇ ଗଠିତ ଭୁବନେଶ୍ୱର ଜୋନ୍‌ରେ ୭୨ ହଜାର ୬୮୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରେ କେବଳ ଓଡ଼ିଶାର ୨୩ ହଜାର ୮୯୦ ଜଣ ଛାତ୍ରଛାତ୍ରୀ ରହିଥିଲେ। ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ ଭୁବନେଶ୍ୱର ଜୋନ୍‌ର ଆଗରେ ରହିଛି ଓଡ଼ିଶା। ପରୀକ୍ଷା ଫଳ ପ୍ରକାଶ ପରେ ୧୦ ସିଜିପିଏ ର୍‍ୟାଙ୍କ୍ ରଖିଥିବା କିଛି ଛାତ୍ରଛାତ୍ରୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ 'ଏକମାତ୍ର'ର ବିଶେଷ ଉପସ୍ଥାପନା ଅନ୍ୱେଷଣ।

## ଏକମାତ୍ର ପଚାରିଥିଲା

- ଚଳିତବର୍ଷ ପରୀକ୍ଷା ଫଳ ବିଳମ୍ବରେ ପ୍ରକାଶ ପାଇଥିବାରୁ ଦ୍ୱନ୍ଦ୍ୱରେ ଥିଲେ କି ?
- ରେଜଲ୍ଟ ଜାଣିବା ପରେ କେତେମାତ୍ରାରେ ସନ୍ତୁଷ୍ଟ ?
- ସିଜିପିଏରେ ଭଲ ର୍‍ୟାଙ୍କ୍ ରଖିବାକୁ ପରୀକ୍ଷା ପୂର୍ବରୁ ନିଜକୁ କେମିତି ଓ କେତେ ପ୍ରସ୍ତୁତି କରିଥିଲେ ?
- ନିଜର ଭବିଷ୍ୟତ ପାଇଁ କ'ଣ ଲକ୍ଷ୍ୟ ରହିଛି ?

## ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର



### ବିଶ୍ୱମୋହନ ଦାଶ

ପରୀକ୍ଷା ଫଳ ବିଳମ୍ବରେ ପ୍ରକାଶ ପାଇଥିଲେ ହେଁ ଏଥିଯୋଗୁଁ କୌଣସି ପ୍ରକାର ଚାପ କିମ୍ବା ଆଦୌ ଦ୍ୱନ୍ଦ୍ୱରେ ନଥିଲି।

ରେଜଲ୍ଟରେ ମୁଁ ବହୁମାତ୍ରାରେ ସନ୍ତୁଷ୍ଟ। ମୋର ସମସ୍ତ ୬ଟି ବିଷୟରେ ଏ-୧ ଗ୍ରେଡ୍ ରହିଛି।

ଏଥିପାଇଁ ମୋତେ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା। ନିୟମିତ ବିଦ୍ୟାଳୟ ସହ ଟିଉସନ୍ ଯାଉଥିଲି। ପ୍ରତ୍ୟହ ୮ ଘଣ୍ଟା ପଢୁଥିଲି।

ଏହାପରେ ମୁଁ ସିବିଏସ୍ଇ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ପଢ଼ିବା ସହ ଜେଇଇ ମେନ୍ ଏବଂ ଜେଇଇ ଆଡଭାନ୍ସଡ ପାଇଁ ପ୍ରସ୍ତୁତ ହେବି।



### ବିଶ୍ୱକଲ୍ୟାଣ ପ୍ରଧାନ

ପରୀକ୍ଷା ଫଳକୁ ନେଇ ମୋ ମନରେ ଦ୍ୱନ୍ଦ୍ୱ ଓ ସାମାନ୍ୟ ଭୟ ରହିଥିଲା। ତେବେ ଫଳ ପ୍ରକାଶ ପରେ ଆଶ୍ୱସ୍ତ ହୋଇଥିଲି।

୮୯ ପ୍ରତିଶତ ନମ୍ବର ପାଇ ମୁଁ ସନ୍ତୁଷ୍ଟ। ଆଗାମୀ ପରୀକ୍ଷାଗୁଡ଼ିକରେ ଆହୁରି ଅଧିକ ପରିଶ୍ରମ କରିବି।

ସ୍କୁଲ ଓ ଟିଉସନକୁ ମିଶାଇ ଦୈନିକ ପ୍ରାୟ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ମନରେ ଥିବା ଦ୍ୱନ୍ଦ୍ୱ ଦୂର ପାଇଁ ଶିକ୍ଷକମାନଙ୍କ ସହାୟତା ନେଉଥିଲି।

ଭବିଷ୍ୟତରେ ଜଣେ ସଫଳ ମେକାନିକାଲ ଇଞ୍ଜିନିୟର ହେବା ମୋର ଲକ୍ଷ୍ୟ ରହିଛି।



### ମାନସରଞ୍ଜନ ରଥ

ପରୀକ୍ଷା ଫଳ ବିଳମ୍ବ ଯୋଗୁଁ କିଛି ମାତ୍ରାରେ ଚାପରେ ଥିଲି। ମାତ୍ର ପରୀକ୍ଷା ଫଳ ବାହାରିବା ପରେ ତାହା ଲାଘବ ହୋଇଥିଲା।

ପରୀକ୍ଷା ଫଳକୁ ନେଇ ମୁଁ ଖୁବ୍ ଖୁସି ଅଛି।

ଏଥିପାଇଁ ମୋତେ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା। ଟ୍ୟୁସନ୍ ସମୟ ବ୍ୟତୀତ ମୋତେ ଦିନକୁ ପ୍ରାୟ ୮ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥିଲା। ଶିକ୍ଷକମାନେ ମଧ୍ୟ ଏ ନେଇ ସାହାଯ୍ୟ ସହାନୁଭୂତିର ହାତ ବଢ଼ାଇଥିଲେ।

ମୁଁ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛି।



### ଚନ୍ଦନ ପାତ୍ର

ମୁଁ କୌଣସି ଦ୍ୱନ୍ଦ୍ୱରେ ନଥିଲି। ପରୀକ୍ଷା ଫଳକୁ ନେଇ ମୁଁ ବେଶ୍ ଆଶାବାଦୀ ଥିଲି। ମାତ୍ର ବିଳମ୍ବିତ ଫଳାଫଳ ଯୋଗୁଁ କିଛିମାତ୍ରାରେ ଟେନ୍‌ସନରେ ରହିଥିଲି।

ପରୀକ୍ଷା ଫଳକୁ ନେଇ ମୁଁ ସମ୍ପୂର୍ଣ୍ଣ ଭାବେ ସନ୍ତୁଷ୍ଟ।

ଏଥିପାଇଁ ବହୁତ ପରିଶ୍ରମ କରିଥିଲି। ନିୟମିତ ହୋମ୍‌ୱାର୍କ କରିବା ସହ ପ୍ରାୟ ୫ ଘଣ୍ଟାର ସେଲ୍‌ଫ ଷ୍ଟଡିଜ୍ ଓ ଟ୍ୟୁସନ୍ ଯିବାକୁ ପଡୁଥିଲା।

ମୁଁ ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ପଢ଼ିବା ସହ ଆଇଆଇଟି ପାଇଁ ପ୍ରସ୍ତୁତ ହେବାକୁ ଭାବିଛି।



### ଆଲିଶା ତ୍ରିପାଠୀ

ପରୀକ୍ଷା ଫଳକୁ ନେଇ ମୁଁ ମାନସିକ ବିଷାଦରେ ନୁହେଁ, ବରଂ ଉତ୍ସାହିତ ଥିଲି। ମୋର ଆତ୍ମପ୍ରତ୍ୟୟ ଥିଲା ଯେ ମୋର ଫଳାଫଳ ଭଲ ହେବ।

ମୁଁ ମୋର ଫଳାଫଳରେ ସନ୍ତୁଷ୍ଟ ଅଛି।

କଠିନ ପରିଶ୍ରମ ସହ ସମୟକୁ ଗୁରୁତ୍ୱ ଦେଉଥିଲି। ସାର୍‌ମାନଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରସ୍ତୁତ ହେଉଥିଲି।

ଭବିଷ୍ୟତରେ ଇଞ୍ଜିନିୟରିଂରେ କ୍ୟାରିୟର କରିବି ଏବଂ ଆଇଆଇଟିରେ ପଢ଼ିବା ପାଇଁ ସ୍ୱପ୍ନ ରହିଛି।



### ସନ୍ଧ୍ୟା ଜେନା
**ଅଧ୍ୟକ୍ଷା**

ଆମ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଦମ୍ୟ ଚେଷ୍ଟାରେ କୋମଳ-ସରଳ ଛାତ୍ରଛାତ୍ରୀଙ୍କ କୃତିତ୍ୱ ଆଜି ବାସ୍ତବରେ ସମସ୍ତଙ୍କୁ ଆନନ୍ଦିତ କରିଛି। ଏଥିସହିତ ବିଦ୍ୟାଳୟର ଗର୍ବ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିପାରିଛି। ଛାତ୍ରଛାତ୍ରୀଙ୍କର ସାଧନା, ଅଭିଭାବକଙ୍କ ଦାୟିତ୍ୱବୋଧ ତଥା ବିଦ୍ୟାଳୟ ପରିଚାଳନା ସମିତିର ଅକୁଣ୍ଠ ସହଯୋଗ ଯୋଗୁଁ ଆମ ବିଦ୍ୟାଳୟ ଆଜି ପ୍ରଶଂସିତ ହୋଇପାରିଛି ବୋଲି ମୋର ବିଶ୍ୱାସ।

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର



### ବିଧାନ ଅଗ୍ରୱାଲ

ପରୀକ୍ଷା ଫଳ ବିଳମ୍ବ ନେଇ ମୁଁ ସାମାନ୍ୟ ଦ୍ୱନ୍ଦ୍ୱରେ ରହିବା ସହିତ ମାନସିକ ଚାପରେ ମଧ୍ୟ ଥିଲି। ତେବେ ଅତ୍ୟନ୍ତ ଉତ୍କଣ୍ଠାର ସହ ଫଳାଫଳକୁ ଅପେକ୍ଷା କରିଥିଲି।

ରେଜଲ୍ଟକୁ ନେଇ ଖୁସି ଅଛି।

ଏଥିପାଇଁ ନିୟମିତ ଟ୍ୟୁସନ ଯାଉଥିଲି। ଦୈନିକ ପ୍ରାୟ ୫ରୁ ୬ ଘଣ୍ଟା ପରିଶ୍ରମ କରୁଥିଲି। କ୍ଲାସଟିଚରଙ୍କ ନିକଟରୁ ନିୟମିତ ସନ୍ଦେହ ଦୂର କରୁଥିଲି। ତେଣୁ ଭଲ ର୍‍ୟାଙ୍କ୍ ପାଇବାରେ ସକ୍ଷମ ହେଲି।

ମୁଁ ବାଣିଜ୍ୟରେ ଉଚ୍ଚଶିକ୍ଷା ଲାଭ କରିବି। ଭବିଷ୍ୟତରେ ଜଣେ ଭଲ ବ୍ୟବସାୟୀ ହେବାର ଲକ୍ଷ୍ୟ ରଖିଛି।



### ଏସ୍.ଗୋବିନ୍ଦରାଜ ପାତ୍ର

ହଁ, ପରୀକ୍ଷା ଫଳ ବିଳମ୍ବ ଯୋଗୁଁ ମୁଁ ଦ୍ୱନ୍ଦ୍ୱରେ ରହିବା ସହିତ ପରୀକ୍ଷା ଫଳକୁ ଅପେକ୍ଷା କରିଥିଲି।

ପରିଶ୍ରମ ମୁତାବକ ମୁଁ ଫଳ ପାଇଛି। ପ୍ରକାଶ ପାଇଥିବା ଫଳାଫଳକୁ ନେଇ ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଅଛି।

ଶିକ୍ଷକମାନଙ୍କର ସାହାଯ୍ୟ ଓ ସହଯୋଗ ମୋତେ ଏତେବାଟକୁ ଆଣିପାରିଛି। ଏଥିସହିତ ମୋର ସଫଳତା ପଛରେ ପିତାମାତାଙ୍କ ଆଶୀର୍ବାଦ ଓ ନିଜର ପର୍ଯ୍ୟାପ୍ତ ପରିଶ୍ରମ ବେଶ୍ ସହାୟକ ହୋଇପାରିଛି ବୋଲି ମୁଁ ଭାବୁଛି।

ଆଗକୁ କମ୍ପ୍ୟୁଟର ସାଇନ୍ସ ପଢ଼ି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି।



### ଆଭାଦେବୀ କାର୍ଜୀ

ଫଳାଫଳକୁ ନେଇ ମୁଁ ଏକଦମ୍ ସ୍ୱାଭାବିକ ଥିଲି। ମନରେ ଦ୍ୱନ୍ଦ୍ୱ କିମ୍ବା ସଂଶୟ ଆଦୌ ନଥିଲା। କାରଣ ମୋ ନିଜ ଉପରେ ନିଜର ଭରସା ଥିଲା।

ସେହି ଅନୁସାରେ ପରୀକ୍ଷା ଫଳକୁ ନେଇ ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ। ବରଂ ଏହା କହିବି ଯେ ଯାହା ଆଶା କରିଥିଲି, ତା'ଠାରୁ ଯଥେଷ୍ଟ ଅଧିକ ମାର୍କ ପାଇଛି।

ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି। ନିୟମିତ କ୍ଲାସକୁ ଯାଉଥିଲି ଏବଂ ଯୋଗ ଉପରେ ଅଧିକ ଗୁରୁତ୍ୱ ଦେଉଥିଲି।

ଭବିଷ୍ୟତରେ ମେଡିକାଲ ପଢ଼ିବାକୁ ସ୍ଥିର କରିଛି।



### ଆଦିତ୍ୟବଲ୍ଲଭ ସାମଲ

ମୁଁ ଏତେ ବ୍ୟସ୍ତ ନଥିଲି। ଫଳାଫଳକୁ ନେଇ ମନରେ ଆଦୌ ଦ୍ୱନ୍ଦ୍ୱ ନ ଥିଲା।

ପରୀକ୍ଷା ଫଳକୁ ନେଇ ସନ୍ତୁଷ୍ଟ।

ଏହି ସଫଳତା କେବଳ ସମ୍ଭବ ହୋଇପାରିଛି ଶ୍ରେଣୀ ଶିକ୍ଷକମାନଙ୍କ ସହଯୋଗ, ସହାନୁଭୂତି ଏବଂ ମୋର ଅନବରତ ଚେଷ୍ଟା ଯୋଗୁଁ। ଦୈନନ୍ଦିନ ୫ରୁ ୬ ଘଣ୍ଟାର ପରିଶ୍ରମ ଯୋଗୁ ହିଁ ଆଜି ମୁଁ ୧୦ ସିଜିପିଏ ପାଇ ଉନ୍ନୀତ ହୋଇଛି।

ବାଣିଜ୍ୟରେ କ୍ୟାରିୟର କରିବା ପାଇଁ ଆଶା ରଖିଛି। କମ୍ପାନୀ ସେକ୍ରେଟାରୀ ଏବଂ ଚାର୍ଟାର୍ଡ ଆକାଉଟାଣ୍ଟ ହେବାକୁ ଲକ୍ଷ୍ୟ ରହିଛି।



### ଆଚାର୍ଯ୍ୟ ସ୍ୱରୂପାନନ୍ଦ ମିଶ୍ର
**ଡାଇରେକ୍ଟର**

ଆମ ବିଦ୍ୟାଳୟର ୭ ଜଣ ଛାତ୍ରଛାତ୍ରୀ ୧୦ ସିଜିପିଏ ରଖି କୃତକାର୍ଯ୍ୟ ହୋଇଥିବାରୁ ବେଶ୍ ଖୁସି। ବିଦ୍ୟାଳୟର ଉନ୍ନତ ଭିତ୍ତିଭୂମି ଓ ଆଧୁନିକ ପ୍ରଣାଳୀର ଶିକ୍ଷାଦାନ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇପାରିବେ ବୋଲି ଆଶା କରୁଛି।



### ପବିତ୍ର ରାଉତରାୟ
**ଚେୟାରମ୍ୟାନ୍**

ସ୍କୁଲର ଛାତ୍ରଛାତ୍ରୀଙ୍କ ସଫଳତାରେ ମୁଁ ବେଶ୍ ଆନନ୍ଦିତ। ଉତ୍ସର୍ଗୀକୃତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅପ୍ରାଣ ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଉନ୍ନତ ଭିତ୍ତିଭୂମି ମଧ୍ୟ ଏହି ସଫଳତାର ଅଂଶୀଦାର ବୋଲି ମୋର ଧାରଣା। ଆଗାମୀ ବର୍ଷମାନଙ୍କରେ ମଧ୍ୟ ଏହି ଉଦ୍ୟମ ଜାରି ରହିବ। ଛାତ୍ରଛାତ୍ରୀମାନଙ୍କର ସଫଳ ଭବିଷ୍ୟତ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ।

## କେନ୍ଦ୍ରୀୟ ବିଦ୍ୟାଳୟ (ନଂ-୧), ଭୁବନେଶ୍ୱର



### ଆକାଂକ୍ଷା ସାହୁ

ବିଳମ୍ବ ନେଇ ଅଳ୍ପ ବ୍ୟସ୍ତ ଥିଲି। ମାତ୍ର ଭଲ ଫଳାଫଳ ନେଇ ମୋ ମନରେ ବିଶ୍ୱାସ ଥିଲା।

ମୁଁ ମୋର ରେଜଲ୍ଟରେ ସମ୍ପୂର୍ଣ୍ଣ ମାତ୍ରାରେ ସନ୍ତୁଷ୍ଟ।

ନିୟମିତ ପ୍ରଚେଷ୍ଟାର କୌଣସି ବିକଳ୍ପ ନାହିଁ। ମୁଁ ଶତପ୍ରତିଶତ ଚେଷ୍ଟା କରିଥିଲି।

ବାଣିଜ୍ୟ ବିଭାଗରେ ଅଧ୍ୟୟନ କରି ବିତ୍ତୀୟ ଉପଦେଷ୍ଟା (ଫାଇନାନ୍‌ସିଆଲ ଆଡଭାଇଜର) ହେବାର ମୋର ଲକ୍ଷ୍ୟ।



### ସ୍ୱୀକୃତି ଦାଶ

ଦ୍ୱନ୍ଦ୍ୱ ନୁହେଁ, ବରଂ ପରୀକ୍ଷା ଫଳ ପାଇଁ ବ୍ୟଗ୍ର ଥିଲି। ବ୍ୟସ୍ତତାର ସହ ଅପେକ୍ଷା କରିଥିଲି।

ଫଳାଫଳ ନେଇ ସମ୍ପୂର୍ଣ୍ଣ ମାତ୍ରାରେ ସନ୍ତୁଷ୍ଟ ଅଛି।

ଦୃଢ଼ମନୋବଳ, କଠିନ ପରିଶ୍ରମ ହିଁ ମୋତେ ସଫଳତା ଆଣିଦେଇଛି ବୋଲି କହିବି।

ଭବିଷ୍ୟତରେ ଭଲ ଡାକ୍ତର ହୋଇ ଦେଶର ନାଗରିକମାନଙ୍କୁ ସୁସ୍ଥ ରଖିବା ପାଇଁ ଚେଷ୍ଟା କରିବା ମୋର ଲକ୍ଷ୍ୟ ରହିଛି।



### ଅନ୍ୱେଷା ବେହେରା

ହଁ ପରୀକ୍ଷା ବିଳମ୍ବଜନିତ କାରଣରୁ ମୁଁ କିଛିମାତ୍ରାରେ ଦ୍ୱନ୍ଦ୍ୱରେ ଥିଲି। ତେବେ ଆଶାବାଦୀ ଥିଲି।

ତେବେ ମିଳିଥିବା ରେଜଲ୍ଟରେ ମୁଁ ସନ୍ତୁଷ୍ଟ। ତେବେ ଆଉଟିକେ ଭଲ ହେବ ବୋଲି ଆଶା କରିଥିଲି।

ସିଜିପିଏରେ ଭଲ ର୍‍ୟାଙ୍କ୍ ପାଇଁ ଆଉ ୨ରୁ ୩ ଘଣ୍ଟା ଅଧିକ ପରିଶ୍ରମ କରୁଥିଲି।

ଭବିଷ୍ୟତରେ ସିଭିଲ ସର୍ଭିସ୍ ପରୀକ୍ଷା ଦେଇ ଆଇଏଏସ୍ ହେବା ପାଇଁ ଲକ୍ଷ୍ୟ ଅଛି।



### ଶୁଭଶ୍ରୀ ସାହୁ

ହଁ, ପରୀକ୍ଷା ଫଳ ବିଳମ୍ବିତ ହେବା କାରଣରୁ ନିଶ୍ଚିତ ଭାବେ ଦ୍ୱନ୍ଦ୍ୱରେ ଥିଲି।

ତେବେ ପରୀକ୍ଷା ଫଳ ମିଳିବା ପରେ ଏଥିନେଇ ମୁଁ ସନ୍ତୁଷ୍ଟ ଅଛି।

ସିଜିପିଏରେ ଭଲ ର୍‍ୟାଙ୍କ୍ ରଖିବା ପାଇଁ ମୁଁ ଦିନରାତି କଠିନ ପରିଶ୍ରମ କରୁଥିଲି। ଶିକ୍ଷକ, ବାପା, ମା' ଓ ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ସଫଳତା ପାଇଲି।

ଭବିଷ୍ୟତରେ ଜଣେ ଡାକ୍ତର ହେବା ନେଇ ଲକ୍ଷ୍ୟ ରଖିଛି।

# ବୟସ ୯୭, ପାଠ ପଢୁଛନ୍ତି ଏମ୍‌ଏ

**ପାଟନା :** ଶିକ୍ଷା ପାଇଁ ପ୍ରତିବନ୍ଧକ ହୋଇନ ଥାଏ ବୟସ। ଏ କଥାକୁ ସତ୍ୟରେ ପରିଣତ କରିଛନ୍ତି ୯୭ ବର୍ଷ ବୟସ୍କ ପାଟନାର ରାଜକୁମାର ବୈଶ୍ୟ। କେତେକ କ୍ଷେତ୍ରରେ ପ୍ରାପ୍ତବୟସ୍କମାନଙ୍କୁ ଅଧିକ ପାଠ ପଢ଼ିବା ପାଇଁ କୁହାଗଲେ, 'ଆଉ କ'ଣ ବୟସ ଅଛି' ବୋଲି ସେମାନେ ନାସ୍ତିବାଣୀ ଶୁଣାଇଥାନ୍ତି। ମାତ୍ର ସେହିଭଳି ଲୋକମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ରାଜକୁମାର। ନିଜ ନାତି-ନାତୁଣୀ ବା ଅଣନାତି-ନାତୁଣୀ ବୟସର ପିଲାମାନଙ୍କ ଗହଣରେ ବସି ପରୀକ୍ଷା ହଲ୍‌ରେ ପରୀକ୍ଷା ଦେଇ ପାସ୍ କରିଥିବାରୁ ସେ ବେଶ୍ ଖୁସି ପ୍ରକାଶ କରିଛନ୍ତି। ୧୯୩୮ରେ ସେ ସ୍ନାତକ ପାସ୍ କରିଥିଲେ। ମାତ୍ର କୌଣସି କାରଣବଶତଃ ସେ ଆଉ ପାଠ ପଢ଼ିପାରି ନ ଥିଲେ। ମାତ୍ର ଦିନେ ଡହଡହ ଖରାରେ ଯାଉଥିବା ବେଳେ ହଠାତ୍ ଆଉ ଅଧିକ ପାଠ ପଢ଼ିବା ପାଇଁ ତାଙ୍କ ମନକୁ ଢୁକିଲା। ବାସ୍ ସେ ଆରମ୍ଭ କରିଦେଲେ ଉଦ୍ୟମ।



୨୦୧୫ ମସିହାରେ ପାଟନାସ୍ଥିତ ନାଳନ୍ଦା ୟୁନିଭର୍ସିଟି (ଏନ୍‌ୟୁ)ରେ ସେ ଅର୍ଥନୀତିରେ ମାଷ୍ଟର ଡିଗ୍ରୀ ପାଇଁ ନାମ ଲେଖାଇଲେ। ଚଳିତବର୍ଷ ସବୁଠାରୁ ବୟସ୍କ ବ୍ୟକ୍ତି ଭାବେ ସେ ଏମ୍‌ଏ ଶେଷବର୍ଷ ପରୀକ୍ଷା ଦେଇ ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ତେବେ ଏହାଦ୍ୱାରା ସେ ହାର୍ ମାନୁଥିବା ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି ବୋଲି ବୈଶ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଚେଷ୍ଟା ଓ ନିଷ୍ଠା ଥିଲେ ମଣିଷ କିଛି ବି କରିପାରେ। ପଙ୍ଗୁ ଲଙ୍ଘୟତେ ଗିରି ସବୁଠାରେ ପ୍ରଜୁଯ୍ୟ, ଯଦି ଉଦ୍ଦେଶ୍ୟ ମହତ ଥାଏ ବୋଲି ସେ ପ୍ରକାଶ କରିଛନ୍ତି।

ADMISSION NOTICE
Manjari Devi
College & School of Nursing
Affiliated to
Utkal University, ONMEB & INC, New Delhi
City Office: 68, Rasulgarh, Near Bank of India, Bhubaneswar
Campus:
262, Purana Padhan, Balakati, Bhubaneswar
Ph: (0674) 2588211, M: 9861806720, 9439188114
Applications are Invited for Admission into
- M.Sc. Nursing (2 Yrs.)
Eligibility: B.Sc.(N) with 55% Marks, 1 Yr. Cli. Exp.
- P.B.B.Sc. Nursing (2 Yrs.)
Eligibility: GNM Pass
- B.Sc.Nursing (4 Yrs.)
Eligibility: +2 Science (45% in PCB & Pass in English)
- GNM (General Nursing & Midwifery) (3 Yrs.)
Eligibility: +2 Arts / Com / Sc (40% Marks)
- ANM (Auxiliary Nurse & Midwives) (2 Yrs.)
Eligibility: +2 Pass, Facilities: Clinical Training at SCB Medical College & Hospital, CTC, Capital & BMC Hospital, BBSR.
Principal,
Prof. Dr. C. Revathi

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** / ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** / ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** / ସମ୍ପାଦକ : ତାରକ ମହାନ୍ତି